RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-41 ◆TUESDAY ◆4 AUGUST 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୪୧ ◆ମଙ୍ଗଳବାର ◆୪ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



'ମହାବତାର'
ଭିକି ବଢ଼ାଇବେ
୨୫ କେଜି ଓଜନ
▶ପୃଷ୍ଠା ୧୧ ଦେଖନ୍ତୁ...





### ଶ୍ରାବଣ ସୋମବାରରେ ଉଛୁଳିଲା ଶୈବପୀଠ
# ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼

ଶ୍ରାବଣ ମାସର ସୋମବାରରେ ଉଛୁଳି ଉଠିଛି ରାଜ୍ୟର ପ୍ରମୁଖ ଶୈବ ପୀଠ । ପବିତ୍ର ନଦୀ ଘାଟରୁ ଜଳଭାର ଉଠାଇ କାଉଡ଼ିଆମାନେ ମାନସିକ ପୂରଣ ପାଇଁ ଶୈବ କ୍ଷେତ୍ରକୁ ଛୁଟି ଆସିଛନ୍ତି । ବୋଲ୍‌ବମ୍, ହର୍‌ହର୍ ବମ୍ ଧ୍ୱନିରେ ରାଜମାର୍ଗ ସହ ଶୈବପୀଠ ପ୍ରକମ୍ପିତ ହୋଇଉଠିଛି । ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମ ସମେତ କଟକ ଜିଲ୍ଲାର ଧବଳେଶ୍ୱର, ଢେଙ୍କାନାଳର କପିଳେଶ୍ୱର, ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ଓ ପୁରୀ ଶ୍ରୀଲୋକନାଥଙ୍କ କ୍ଷେତ୍ରରେ ଆଜି ଦିନ ତମାମ ଲାଗି ରହିଥିଲା ଭକ୍ତଙ୍କ ଗହଳି ।

**ସୁପ୍ରିମ ନିର୍ଦ୍ଦେଶ**



# ଫୁଟ୍‌ପାଥ୍‌କୁ ଜବରଦଖଲ ମୁକ୍ତ କରି ପଥଚାରୀଙ୍କୁ ସୁରକ୍ଷା ଦିଅ

■ ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଦେଶର ସମସ୍ତ ରାଜ୍ୟରେ ପଥଚାରୀଙ୍କ ସୁରକ୍ଷା ଏବଂ ସୁଗମ ଚଲାପଥ ପାଇଁ ସୁପ୍ରିମକୋର୍ଟ ସୋମବାର ଆଦେଶ ଜାରି କରିଛନ୍ତି । ଫୁଟପାଥଗୁଡ଼ିକୁ ସଠିକ୍ ଭାବେ ଚିହ୍ନଟ କରିବା ସହ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ରଖିବାକୁ କୋର୍ଟ ରାଜ୍ୟ ସରକାରଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଅତିରିକ୍ତ ସଲିସିଟର ଜେନେରାଲ କେଏମ. ନଟରାଜଙ୍କୁ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ କୋର୍ଟ କହିଛନ୍ତି । ଜଷ୍ଟିସ୍ ପିଏସ. ନରସିଂହ ଏବଂ ଜଷ୍ଟିସ୍ ଆଲୋକ ଅରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ପଥଚାରୀମାନଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ଫୁଟପାଥଗୁଡ଼ିକର ସ୍ପଷ୍ଟ ସୀମା ନିର୍ଦ୍ଧାରଣ ଆବଶ୍ୟକ ବୋଲି କୋର୍ଟ ମତ ଦେଇଛନ୍ତି । ଏଥିପାଇଁ ଅତିରିକ୍ତ ଅର୍ଥ ବ୍ୟୟ ବା ପୁନଃନିର୍ମାଣର ଆବଶ୍ୟକତା ନାହିଁ ଏବଂ ପ୍ରତ୍ୟେକ ରାସ୍ତାରେ ପଥଚାରୀଙ୍କ ପାଇଁ ସ୍ଥାନ ରହିବା ଅନିର୍ବାର୍ଯ୍ୟ ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ସୂଚନାଯୋଗ୍ୟ, ଗତ ଜୁନ୍ ୧୯ରେ ଏକ ରାୟରେ ସୁପ୍ରିମକୋର୍ଟ ଫୁଟପାଥରେ ଚାଲିବାକୁ ନାଗରିକଙ୍କ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେଇଥିଲେ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯାନବାହନ ଚଳାଚଳ ତୁଳନାରେ ପଥଚାରୀଙ୍କ ଅଧିକାର ଗୁରୁତ୍ୱପୂର୍ଣ୍ଣ । ନଗର ଉନ୍ନୟନ କର୍ତ୍ତୃପକ୍ଷ, ମ୍ୟୁନିସିପାଲ୍ କର୍ପୋରେସନ, ପୌରପାଳିକା ଏବଂ ପଞ୍ଚାୟତଗୁଡ଼ିକ ରାସ୍ତାରେ ପଥଚାରୀ ଭିତ୍ତିଭୂମି ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବାକୁ ବାଧ୍ୟ । କୌଣସି କର୍ତ୍ତୃପକ୍ଷ ଏଥିରେ ଅବହେଳା କଲେ, ନାଗରିକମାନେ ଆଇନର ଆଶ୍ରୟ ନେଇପାରିବେ ବୋଲି କୋର୍ଟ କହିଛନ୍ତି ।

# ଛାତ୍ର ଆନ୍ଦୋଳନରେ ଅତ୍ୟାଚାରୀ ପୁଲିସଙ୍କୁ ସୁରକ୍ଷା ଦିଅନାହିଁ

■ ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଗତ ଜୁଲାଇ ୨୦ ତାରିଖ ସଂସଦ ପଦଯାତ୍ରା ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି । ଏସଂପର୍କରେ ସର୍ବୋଚ୍ଚ ଅଦାଲତ ବର୍ବରତା ଦେଖାଇଥିବା ଅତ୍ୟାଚାରୀ ପୁଲିସ କର୍ମଚାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଯେଉଁ ପୁଲିସ ଅଧିକାରୀମାନେ ନିଜ କ୍ଷମତାର ଅପବ୍ୟବହାର କରି ଅତ୍ୟଧିକ ବଳପ୍ରୟୋଗ କରିଛନ୍ତି, ସେମାନଙ୍କୁ କୌଣସି ବେଆଇନ ସୁରକ୍ଷା ଦିଆଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଏହାସହିତ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଛାତ୍ର ଆନ୍ଦୋଳନ ଆଢୁଆଳରେ ଅପରାଧିକ କାର୍ଯ୍ୟକଳାପ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ କୌଣସି ପ୍ରକାର ଛାଡ଼ ମିଳିବ ନାହିଁ । ପୁଲିସର ବର୍ବରତା ଓ ପେଲେଟ୍ ଗୁଳି ବ୍ୟବହାରର ତଦନ୍ତ ପାଇଁ ଜଣେ ପୂର୍ବତନ ବିଚାରପତିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯିବ କି ନାହିଁ, ସେ ନେଇ ଆଦାଲତ ବିଚାର କରୁଛନ୍ତି । ସଂସଦ ଅଭିମୁଖେ ଶୋଭାଯାତ୍ରା ସମୟରେ ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପୁଲିସ ପକ୍ଷରୁ ଲାଠିଚାଳନା ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା, ଯେଉଁଥିରେ ୧୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ । କେବଳ ଏତିକି ନୁହେଁ, ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମଧ୍ୟ ମାଡ଼ କରାଯାଇଥିଲା । ଏଥିରେ ଜଣେ ଆନ୍ଦୋଳନକାରୀଙ୍କ ଆଖି ନଷ୍ଟ ହେବାର ଆଶଙ୍କା ରହିଛି । ପେଲେଟ୍ ଗନ୍ ମାଡ଼ରେ ଅନେକ ▶ପୃଷ୍ଠା-୭

# ସଂସଦରେ ପ୍ରଶ୍ନପତ୍ର ଲିକ୍, 'ଚାନ୍ଦା ଚୋରି' ହଙ୍ଗାମା

■ ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍, ଏହାକୁ ନେଇ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦୀର ଚାନ୍ଦା ଚୋରି ପ୍ରସଙ୍ଗରେ ସଂସଦରେ ହଟ୍ଟଗୋଳ ଜାରି ରହିଛି । ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିରୋଧୀ ଦଳ ଦାବି କରିଛନ୍ତି । ଏସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହକୁ ଆସି ଜବାବ ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି । ରାମ ମନ୍ଦିର ଚାନ୍ଦା ଚୋରି ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି ବିରୋଧୀ । ଏହାକୁ ସେମାନେ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଟ୍ଟଗୋଳ ଜାରି ରଖିଛନ୍ତି । କିନ୍ତୁ ସରକାର ଏସଂପର୍କରେ ସେମାନଙ୍କ ନିର୍ଦ୍ଦିଷ୍ଟ କିଛି ଆଶ୍ୱାସନା ଦେଉନଥିବାରୁ ବିରୋଧୀ ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କୁ ଟାର୍ଗେଟ କରିବା ଜାରି ରଖିଛନ୍ତି । ହଟ୍ଟଗୋଳ ମଧ୍ୟରେ ଆଜି ସୁପ୍ରିମ କୋର୍ଟରେ ବିଚାରପତି ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ ବିଲ୍ ପାସ୍ ହୋଇଯାଇଛି । ଏହାପୂର୍ବରୁ ସଂସଦକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି ।



ଜୁଲାଇ ୨୦ ଆନ୍ଦୋଳନ ସମୟରେ ଛାତ୍ରମାନଙ୍କ ଉପରେ ପୁଲିସର ବଳପ୍ରୟୋଗ ଏବଂ ରାମ ମନ୍ଦିର ଦାନ ସଂଗ୍ରହରେ ହୋଇଥିବା ଦୁର୍ନୀତିକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ କହିଛନ୍ତି ଯେ ସଂସଦ ଅଧିବେଶନର ତୃତୀୟ ସପ୍ତାହ ଚାଲିଥିଲେ ବି ଗୃହମନ୍ତ୍ରୀ ଏପର୍ଯ୍ୟନ୍ତ ନୀରବତା ଭଙ୍ଗ କରିନାହାନ୍ତି । ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଏହି ଘଟଣାରେ କୌଣସି ପଦକ୍ଷେପ ନେଉନାହାନ୍ତି । ଉକ୍ତ ପ୍ରସଙ୍ଗରେ ସଂସଦ ପରିସରରେ ଇଣ୍ଡିଆ ମେଣ୍ଟର ସାଂସଦମାନେ ଏକ ବିଶାଳ ପ୍ରତିବାଦ ଆନ୍ଦୋଳନ କରିଛନ୍ତି । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ

**ମଙ୍ଗଳବାର ପର୍ଯ୍ୟନ୍ତ ଗୃହ ମୁଲତବୀ**

ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ସରକାରଙ୍କଠାରୁ ଜବାବ ଦାବି କରାଯିବା ସହ ଗୃହମନ୍ତ୍ରୀ ଅମିତ ଶାହଙ୍କ ଅନୁପସ୍ଥିତିକୁ ନେଇ ଗୁରୁତର ପ୍ରଶ୍ନ ଉଠାଯାଇଛି । ସଂସଦର ମକର ଦ୍ୱାର ଆଗରେ ଏକତ୍ରିତ ହୋଇ ବିରୋଧୀ ସାଂସଦମାନେ ହାତରେ ବ୍ୟାନର ଓ ଦାନ ବାକ୍ସ ଧରି ପ୍ରତିବାଦ ଜଣାଇଥିଲେ । 'ଚାନ୍ଦା ଚୋର, ଗାଦି ଛାଡ଼' ଏବଂ 'ଅମିତ ଶାହ ସଦନକୁ ଆସ' ଭଳି ନାରାବାଜି କରିଥିଲେ । ସାଂସଦମାନେ ମନ୍ଦିର ଦାନ ଆତ୍ମସାତ୍‌ର ପ୍ରତୀକ ସ୍ୱରୂପ ଦାନ ବାକ୍ସ ରଖି ସେଥିରେ ଟଙ୍କା ପକାଇ ସରକାରଙ୍କ ବିରୋଧରେ ପ୍ରତିବାଦ ରଖିଥିଲେ । 'ସଂସଦରୁ ଅମିତ ଶାହ କାହିଁକି ଅନୁପସ୍ଥିତ?' ଲେଖାଥିବା ଏକ ବଡ଼ ବ୍ୟାନର ପଛରେ ବିରୋଧୀ ନେତାମାନେ ଛିଡ଼ା ହୋଇ ନିଜର ଦାବି ଉପସ୍ଥାପନ କରିଥିଲେ । ଏହି ପ୍ରତିବାରେ ପ୍ରିୟଙ୍କାଙ୍କ ବ୍ୟତୀତ ସମାଜବାଦୀ ପାର୍ଟିର ଡିମ୍ପଲ ଯାଦବ ଓ ଧର୍ମେନ୍ଦ୍ର ଯାଦବ, ତୃଣମୂଳ କଂଗ୍ରେସର ମହୁଆ ମୋଇତ୍ରା, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମହୁଆ ମାଜି ଏବଂ ଆରଏସପିର ଏନ୍‌କେ ପ୍ରେମଚନ୍ଦ୍ରନଙ୍କ ସମେତ ଅନେକ ବରିଷ୍ଠ ନେତା ସାମିଲ ହୋଇଥିଲେ ।

ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ଦିନ ମଧ୍ୟ 'ଇଣ୍ଡିଆ' ମେଣ୍ଟର ସାଂସଦମାନେ ଏକ ନାଟକୀୟ ପ୍ରତିବାଦ କରିଥିଲେ, ଯାହାକୁ ନେଇ ଭାଜପା ଏବଂ କେତେକ ହିନ୍ଦୁ ସଂଗଠନ ଏହା ସନାତନ ଧର୍ମର ଅପମାନ ବୋଲି ଅଭିଯୋଗ ଆଣିଥିଲେ ।

**୩ ରାଜ୍ୟ ବିଧାନସଭା ଉପନିର୍ବାଚନ**

### ବିହାର, ମଧ୍ୟପ୍ରଦେଶରେ ବିଜେପିକୁ ଝଟ୍‌କା
# ବାଙ୍କିପୁର ଛଡ଼ାଇନେଲେ ପ୍ରଶାନ୍ତ କିଶୋର

■ ନୂଆଦିଲ୍ଲୀ/ପାଟନା, ୩।୮ (ଏଜେନ୍ସି): ବିହାରର ବାଙ୍କିପୁର ଉପନିର୍ବାଚନ ଫଳାଫଳ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ଗତ ୩୦ ବର୍ଷ ଧରି ବିଜେପିର ଗଡ଼ ରୂପେ ପରିଚିତ ଏହି ଆସନକୁ ବିଜେପି ଠାରୁ



**୩୦ ବର୍ଷ ପରେ ହାତରୁ ଗଲା ବିଜେପି ସଭାପତିଙ୍କ ଗଡ଼**

**ମଧ୍ୟପ୍ରଦେଶର ଦତିଆରେ କଂଗ୍ରେସ, ଗୁଜରାଟର ମାଞ୍ଜଲପୁରରେ ବିଜେପି ବିଜୟୀ**

ଛଡ଼ାଇନେଇଛନ୍ତି ନିର୍ବାଚନୀ ରଣନୀତିକାରରୁ ରାଜନେତା ପାଲଟିଥିବା 'ଜନ ସୁରଜ ପାର୍ଟି'ର ମୁଖ୍ୟ ପ୍ରଶାନ୍ତ କିଶୋର । ପ୍ରଥମ ଥର ଲାଗି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରଶାନ୍ତ ବିଜେପି ପ୍ରାର୍ଥୀଙ୍କୁ ୧୯ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି । ଏହା କେବଳ ବିଜେପି ନୁହେଁ, ବିଜେପିର ନୂଆ ସଭାପତି ନିତିନ ନବୀନଙ୍କ ପାଇଁ ମଧ୍ୟ ବଡ଼ ଝଟକା ବୋଲି କୁହାଯାଉଛି । କାରଣ ୨୦୧୦ରୁ ୪ ଥର ବିପୁଳ ଭୋଟରେ ବିଜୟୀ ହୋଇ ଆସୁଥିବା ନିତିନଙ୍କ ଇସ୍ତଫା ଯୋଗୁଁ ଏହି ଆସନଟି ଖାଲି ପଡ଼ିଥିଲା । ଗତ ୩୦ ତାରିଖରେ ବିହାର, ଗୁଜରାଟ ଓ ମଧ୍ୟପ୍ରଦେଶର ତିନିଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହୋଇଥିଲେ ମଧ୍ୟ ବିହାରର ବାଙ୍କିପୁର ଉପରେ ସାରା ଦେଶର ନଜର ରହିଥିଲା ।

ଆଜି ଭୋଟ ଗଣତି ଆରମ୍ଭରୁ ପ୍ରଶାନ୍ତ ଅଗ୍ରଣୀ ରହିଥିଲେ । ସେ ବିଜେପି ପ୍ରାର୍ଥୀ ନୀରଜ କୁମାରଙ୍କୁ ୧୯, ୩୨୪ ଭୋଟ ବ୍ୟବଧାନରେ ପରାସ୍ତ କରିବା ନେଇ ସନ୍ଧ୍ୟା ବେଳେ ଘୋଷଣା କରାଯାଇଥିଲା । ପ୍ରଶାନ୍ତ କିଶୋର ୬୪, ୧୫୧ ଭୋଟ୍ ପାଇଥିବା ବେଳେ ନୀରଜ ୪୪, ୮୨୭ ଭୋଟ ପାଇଛନ୍ତି । ସେହିପରି ଆରଜେଡିର ରେଖା କୁମାରୀ । ୧୪, ୨୭୩ ଭୋଟ ପାଇଁ ପ୍ରଶାନ୍ତଙ୍କଠାରୁ ୪୯, ୮୭୮ ଭୋଟ ବ୍ୟବଧାନ ସହ ତୃତୀୟ ସ୍ଥାନରେ ରହିଛନ୍ତି । ପ୍ରଶାନ୍ତଙ୍କ ବିଜୟ ଉଭୟ ନୀତୀଶ କୁମାର ଏବଂ ଲାଲୁ ପ୍ରସାଦ ଯାଦବଙ୍କୁ ମଧ୍ୟ ଝଟକା ଦେଇଛି । ▶ପୃଷ୍ଠା-୭

### ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
# ୧୧୦ କୋଟି ମଞ୍ଜୁର

■ ଭୁବନେଶ୍ୱର,୩।୮ (ସମିସ): ବନ୍ୟା ପ୍ରଭାବିତଙ୍କ ସହାୟତା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ । ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ । କ୍ଷୁଦ୍ର ଓ ନାମମାତ୍ର



**ରିଲିଫ ଓ ଉଦ୍ଧାର ପାଇଁ ପୂର୍ବରୁ ଦିଆଯାଇଛି ୨୬ କୋଟି**

**ଘରଭଙ୍ଗା, ଫସଲ ଓ ପ୍ରାଣିଧନ କ୍ଷୟକ୍ଷତି ପାଇଁ ମିଳିବ ଆର୍ଥିକ ସହାୟତା**

**୨୨ ଜିଲ୍ଲାରେ ଯୁଦ୍ଧକାଳୀନ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଜାରି**

ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଞ୍ଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ । ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ▶ପୃଷ୍ଠା-୭

# ବଜ୍ରପାତରେ ୩ ମୃତ

■ ଖୁଣ୍ଟା/କୁଆମରା/ ଦେବଗଡ଼/ ଆନନ୍ଦପୁର, ୩।୮ (ସମିସ): ସୋମବାର ଗୋଟିଏ ଦିନରେ ବିଭିନ୍ନ ସ୍ଥାନର ବଜ୍ରପାତ ଘଟି ତିନିଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ବାଲିଡିହା ଗ୍ରାମରେ ଅପରାହ୍ନରେ ବଜ୍ରପାତ ଘଟି ୧୦ ବର୍ଷୀୟ ରାହୁଲ ଦେହୁରୀଙ୍କ ମୃତ୍ୟୁ ହୋଇଛି । ରାହୁଲ ସ୍ଥାନୀୟ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଥିଲେ । ସୋମବାର ତାଙ୍କ ମାଆ ବିଲକୁ କାମ କରିବାକୁ ଯାଇଥିବାରୁ ରାହୁଲ ସ୍କୁଲକୁ ନ ଯାଇ ଘରେ ଥିଲେ । ପରେ ସେ ନିଜ ସାଙ୍ଗମାନଙ୍କ ସହ ଘର ନିକଟସ୍ଥ ଏକ ବରଗଛ ମୂଳରେ ବସିଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ ଭିତରପଦରେ ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ସେହି ଗାଁର ହରେକୃଷ୍ଣ ସାହୁ (୪୨) । ଗାଁ ନିକଟସ୍ଥ ଦେବୀଚୁଆ ଜଙ୍ଗଲକୁ ସେ ଗୋରୁ ଚରାଇବାକୁ ଯାଇଥିଲେ । ଏହି ▶ପୃଷ୍ଠା-୭

**୭ ଘୂର୍ଣ୍ଣିବଳୟ, ୧୦ରେ ଲଘୁଚାପ**

# ପୁଣି ରାଜ୍ୟ ବୁଡ଼ାଇବ ବଡ଼ ବର୍ଷା

■ ଭୁବନେଶ୍ୱର,୩।୮ (ସମିସ): ଆସନ୍ତା ୭ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ପ୍ରଭାବରେ ୧୦ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏହି ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ହୋଇପାରେ । ପାରିପାର୍ଶ୍ୱିକ ସ୍ଥିତି ସୁହାଇଲେ ଏହି ଲଘୁଚାପ ମଧ୍ୟ ପୂର୍ବ ଲଘୁଚାପ ଭଳି ଘନୀଭୂତ ହେବ ଓ ଅବପାତରେ ପରିଣତ ହୋଇପାରେ । ଏହା ହେଲେ ଆସନ୍ତା ୭ ତାରିଖ ବେଳକୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ ଏବଂ ୯ ତାରିଖ ବେଳକୁ ବର୍ଷାର ପ୍ରଭାବ ବୃଦ୍ଧିପାଇ ୧୧-୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ସମୟରେ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ କେତକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ।

ବର୍ତ୍ତମାନ ଦିନରେ ଆକାଶ ନିର୍ମଳ ରହୁଛି । ଏଥିଯୋଗୁଁ ପ୍ରବଳ ଖରା ସହ ଦିନରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଅପରାହ୍ଣ ପରେ କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ହେଉଛି । ସୋମବାର ଅପରାହ୍ଣରେ ଭୁବନେଶ୍ୱରରେ ୩୮ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ ୩୯, ଝାରସୁଗୁଡ଼ାରେ ୩୭, ଭଦ୍ରକରେ ୪୫, ଭବାନୀପାଟଣା ୩୩, ମାଲକାନଗିରି ୧୯, ଝାରସୁଗୁଡ଼ାରେ ୩୭ ମିମି ବର୍ଷା ରେକର୍ଡ ହୋଇଛି ।

ମଙ୍ଗଳବାର ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏଥିପାଇଁ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ସେହିପରି ମାଲକାନଗିରି, ଗଞ୍ଜାମ, ଗଜପତି, ପୁରୀ, ଖୋରଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ବାଲେଶ୍ୱର, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ହାଲୁକା ବର୍ଷା ସହ ବଜ୍ରପାତ ହେବାର ▶ପୃଷ୍ଠା-୭

# ଆଉ ବଢ଼ିବ ନାହିଁ କୋଇଲା ରୟାଲଟି

■ ନୂଆଦିଲ୍ଲୀ/ଭୁବନେଶ୍ୱର,୩।୮ (ସମିସ) : କେନ୍ଦ୍ର ସରକାର ଆଉ ବଢ଼ାଇବେ ନାହିଁ କୋଇଲା ରୟାଲଟି । ସଂସଦରେ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ରୋକଠୋକ୍ ଭାବରେ ରାଜଭାଗ ବୃଦ୍ଧିକୁ ମନା କରିଛନ୍ତି । ଏପରିକି ରୟାଲଟି କେବେ ବଢ଼ାଯିବ, ତାହା କହିବା ସମ୍ଭବ ନୁହେଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ୨୦୨୦ରେ ତତ୍‌କାଳୀନ ଓଡ଼ିଶା ସରକାର କୋଇଲା ରାଜଭାଗ ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିଲେ ହେଁ ଆଲୋଚନା ପରେ ତାହାକୁ ଗ୍ରହଣ କରାଯାଇ ନ ଥିଲା । ବର୍ତ୍ତମାନ କୋଇଲ ରାଜଭାଗ ବା ରୟାଲଟି ବୃଦ୍ଧି ପାଇଁ କୌଣସି ଯୋଜନା ନାହିଁ ବୋଲି ଶ୍ରୀ ଦୁବେ ସଂସଦରେ ସ୍ପଷ୍ଟ କରିଦେଇଛନ୍ତି ।



ସଂସଦରେ କେନ୍ଦ୍ରମନ୍ତ୍ରୀଙ୍କ ଏପରି ନାସ୍ତିବାଣୀ ପୁଣିଥରେ ଓଡ଼ିଶା ପ୍ରତି କେନ୍ଦ୍ରର ଅବିଚାରିତାକୁ ସ୍ପଷ୍ଟ କରିଛି । ଶେଷଥର କୋଇଲା ରାଜଭାଗ ସଂଶୋଧନ ୨୦୧୨ରେ ହୋଇଥିଲା ଓ ପରବର୍ତ୍ତୀ ସଂଶୋଧନ ୨୦୧୬ରେ ହୋଇଥାଆନ୍ତା । ମାତ୍ର ଇତିମଧ୍ୟରେ ୧୦ବର୍ଷ ବିତିଗଲାଣି, କୋଇଲା ରାଜଭାଗ ସଂଶୋଧନ ହୋଇପାରୁ ନାହିଁ । ତତ୍‌କାଳୀନ ବିଜେଡି ସରକାର ଓ ସଂସଦରେ ବିଜେଡିର ସାଂସଦମାନେ ଅନେକବାର କୋଇଲା ରାଜଭାଗକୁ ୧୪%ରୁ ବୃଦ୍ଧି କରି ୨୦ ପ୍ରତିଶତ କରାଯିବାକୁ ଦାବି କରି ଆସୁଛନ୍ତି । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ବାରମ୍ବାର କେନ୍ଦ୍ରକୁ ଚିଠି ଲେଖିଛନ୍ତି, ସାଂସଦମାନେ ସଂସଦରେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଭିନ୍ନ ▶ପୃଷ୍ଠା-୭

**ସଂସଦରେ ରୋକଠୋକ୍ ମନା କଲେ କେନ୍ଦ୍ରମନ୍ତ୍ରୀ**

**ବର୍ଷକୁ ୧୦ ହଜାର କୋଟି ରାଜସ୍ୱ ହରାଉଛି ଓଡ଼ିଶା**

**୧୦ ବର୍ଷରେ ରାଜ୍ୟ ହରାଇଛି ଲକ୍ଷେ କୋଟି ରାଜସ୍ୱ**

**କେନ୍ଦ୍ର ଆଭିମୁଖ୍ୟକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ**

**ବିଜେପିର ୨୦ ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନବାଚୀ**







# ବିଶ୍ୱର ତୃତୀୟ କ୍ଷୁଦ୍ରତମ ଦେଶ ଏବେ 'ନାଓଏରୋ ଗଣରାଜ୍ୟ'

ୟାରେନ, ୩।୮ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ତଥା ବିଶ୍ୱର ତୃତୀୟ କ୍ଷୁଦ୍ରତମ ଦେଶ 'ନାଉରୁ' ନିଜର ପାରମ୍ପରିକ ଓ ସାଂସ୍କୃତିକ ପରିଚୟକୁ ଫେରାଇ ଆଣିବା ପାଇଁ ନିଜ ନାମ ବଦଳାଇ 'ନାଓଏରୋ ଗଣରାଜ୍ୟ' ରଖିଛି। ମିଳିତ ଜାତିସଂଘ ମଧ୍ୟ ନିଜର ସରକାରୀ ନଥିପତ୍ରରେ ଏହି ନୂତନ ନାମକୁ ସ୍ୱୀକୃତି ଦେଇଛନ୍ତି। ଦେଶର ସରକାରଙ୍କ ଅନୁସାରେ, ସ୍ଥାନୀୟ ଭାଷାରେ ଏହି ଦ୍ୱୀପର ମୂଳ ନାମ 'ନାଓଏରୋ' ଥିଲା। ବିଦେଶୀମାନଙ୍କ ଉଚ୍ଚାରଣ ସୁବିଧା ପାଇଁ ଗ୍ରହଣ କରାଯାଇଥିବା 'ନାଉରୁ' ନାମକୁ ହଟାଇ ନିଜର ପ୍ରାଚୀନ ସଂସ୍କୃତି, ଭାଷା ଓ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ରାଷ୍ଟ୍ରପତି ଡେଭିଡ୍ ଆଡିଆଙ୍ଗ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ପରିବର୍ତ୍ତନ ସହ ଦେଶର ଅନ୍ତର୍ଜାତୀୟ କୋଡ୍ ଏବଂ ନାଗରିକଙ୍କ ପରିଚୟରେ ମଧ୍ୟ ପରିବର୍ତ୍ତନ ଆସିଛି। ଅତୀତରେ ଫସ୍‌ଫେଟ୍ ଉତ୍ପାଦନ ପାଇଁ ଧନୀ ଦେଶ ଭାବେ ଜଣାଶୁଣା ନାଓଏରୋ ଏବେ ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛି। ନିଜ ନାମ ବଦଳାଇ ସ୍ଥାନୀୟ ପରିଚୟ ପୁନରୁଦ୍ଧାର କରିବା ଦିଗରେ ନାଓଏରୋର ଏହି ପଦକ୍ଷେପ ବିଶ୍ୱସ୍ତରରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଯୁବପିଢ଼ିଙ୍କ ସହ ଆଲୋଚନା କରିବେ ମୋହନ ଭାଗବତ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆସନ୍ତା ଅଗଷ୍ଟ ୬ ତାରିଖରେ ମୁମ୍ବାଇଠାରେ ନୂତନ ପିଢ଼ିର ଯୁବକଯୁବତୀଙ୍କ ସହ ଆଲୋଚନା କରିବେ। ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେବେ। 'ଇଣ୍ଡିଆଜ୍ ଇଣ୍ଟରନ୍ୟାସନାଲ ମୁଭମେଣ୍ଟ ଟୁ ୟୁନାଇଟ୍ ନେସନ୍ସ' (ଆଇଆଇଏମୟୁଏନ) ର ୧୫ତମ ବାର୍ଷିକୀ ଅବସରରେ ଏହି ବାର୍ଷିକ ସମ୍ମିଳନୀ ଆୟୋଜିତ ହେଉଛି। ଏଥିରେ ଦେଶର ୧୦୦ରୁ ଅଧିକ ସହରରୁ ୨,୦୦୦ରୁ ଅଧିକ ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ୧୫ରୁ ୧୯ ବର୍ଷ ବୟସର ଏହି ଯୁବପିଢ଼ିଙ୍କ ସହ ଭାରତୀୟ ପରମ୍ପରା ଓ ବିଶ୍ୱକୁ ଯୋଡ଼ିବାରେ ଯୁବସମାଜର ଭୂମିକା ସମ୍ପର୍କରେ ଆରଏସଏସ ମୁଖ୍ୟ ମାର୍ଗଦର୍ଶନ କରିବେ। ଆଇଆଇଏମୟୁଏନ ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏକ ବଡ଼ ସଂସ୍ଥା ଯାହା ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ମୋହନ ଭାଗବତଙ୍କ ଏହି ବାର୍ତ୍ତାଲାପ ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ ଓ ବିଶ୍ୱ ନେତୃତ୍ୱ ନେବାରେ ନୂତନ ପ୍ରେରଣା ଯୋଗାଇବ।



# ବୟସ ୧୮ ବର୍ଷ, ବିଶ୍ୱରେ ସର୍ବକନିଷ୍ଠ ପ୍ରଫେସର

**୩୦୬ ବର୍ଷର ବିଶ୍ୱ ରେକର୍ଡ ଭାଙ୍ଗିଲେ ନେଥନ୍ ଥୋମାସ**

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଆମେରିକାର ଫ୍ଲୋରିଡା ଅଞ୍ଚଳର ୧୮ ବର୍ଷୀୟ ଯୁବକ ନେଥନ୍ ଥୋମାସ୍ ବିଶ୍ୱର ସର୍ବକନିଷ୍ଠ ପୁରୁଷ ପ୍ରଫେସର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଛନ୍ତି। ମାତ୍ର ୧୮ ବର୍ଷ ୩୪୬ ଦିନ ବୟସରେ ମିଆମି ଡେଡ୍ କଲେଜରେ ଇଞ୍ଜିନିୟରିଂ ଶିକ୍ଷାଦାନ ଆରମ୍ଭ କରି ସେ ଏହି ଐତିହାସିକ କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ସହ ନେଥନ୍ ୩୦୬ ବର୍ଷ ଧରି ରହିଥିବା ଏକ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହାପୂର୍ବରୁ କୋଲିନ୍ ମ୍ୟାକଲୋରିନ୍ ୧୯ ବର୍ଷ ବୟସରେ ପ୍ରଫେସର ହୋଇ ଦୀର୍ଘ ୩୦୬ ବର୍ଷ ଧରି ଏହି ରେକର୍ଡ ନିଜ ନାମରେ ରଖିଥିଲେ। ଏହାଛଡ଼ା, ୨୦୦୮ ମସିହାରେ ୧୮ ବର୍ଷ ୩୬୨ ଦିନ ବୟସରେ ବିଶ୍ୱର ସର୍ବକନିଷ୍ଠ ମହିଳା ପ୍ରଫେସର ହୋଇଥିବା ଆଲିଆ ସବୁରଙ୍କ ତୁଳନାରେ ନେଥନ୍ ୧୬ ଦିନ କମ୍ ବୟସରେ ଏହି ଗୌରବ ହାସଲ କରିଛନ୍ତି। ମାତ୍ର ୧୦ ବର୍ଷ ବୟସରୁ ନେଥନ୍ କଲେଜ ପାଠପଢ଼ା ଆରମ୍ଭ କରିଥିଲେ। ୧୪ ବର୍ଷ ବୟସରେ ଫ୍ଲୋରିଡା ଇଣ୍ଟରନ୍ୟାସନାଲ ୟୁନିଭର୍ସିଟିରେ ନାମ ଲେଖାଇ ପରବର୍ତ୍ତୀ ୪ ବର୍ଷ ମଧ୍ୟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ମିଆମି ଡେଡ୍ କଲେଜରେ ସେ ନିଜ ବୟସର ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ପ୍ରୋଗ୍ରାମିଂ ଓ ଜଟିଳ ଇଞ୍ଜିନିୟରିଂ ବିଷୟ ପଢ଼ାଉଛନ୍ତି। ନିଜ ଶିକ୍ଷାଦାନ ସମ୍ପର୍କରେ ନେଥନ୍ କହିଛନ୍ତି ଯେ, ଶ୍ରେଣୀଗୃହ ମଧ୍ୟକୁ ପ୍ରବେଶ କରିବା ପରେ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଥାଏ, ତାହା ହେଉଛି ଶିଖିବା। ସେଠାରେ ବୟସ କୌଣସି ପ୍ରତିବନ୍ଧକ ସାଜିନଥାଏ। ନିଜ ମାଆଙ୍କ ସହଜ ଶିକ୍ଷାଦାନ ଶୈଳୀରୁ ସେ ଗଣିତ ଓ ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ଛାତ୍ର ଜଟିଳ ବିଷୟକୁ ସହଜରେ ବୁଝିପାରିବା ସମୟରେ ମିଳୁଥିବା ଆନନ୍ଦ ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର ବୋଲି ସେ ପ୍ରକାଶ କରିଛନ୍ତି।



# ବନ୍ୟାରେ ଭାସୁଛି କେରଳ, ଆସାମ





**■ କେରଳରେ ୧୫ ଜଣଙ୍କ ମୃତ୍ୟୁ**
**■ ଆସାମରେ ମୃତ୍ୟୁସଂଖ୍ୟା ୮୫**

ଥିରୁବନନ୍ତପୁରମ୍,ଗୌହାଟୀ, ୩।୮ (ଏଜେନ୍ସି): କେରଳରେ ଜାରି ରହିଥିବା ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସୃଷ୍ଟ ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଏଥିସହିତ ଅନ୍ୟ ୭ ଜଣ ଏବେ ବି ନିଖୋଜ ଅଛନ୍ତି। ସୋମବାର ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ କୋଟାୟମ୍ ଜିଲ୍ଲାରେ ୩ ଜଣଙ୍କ ମୃତ୍ୟୁ (ଏଥିରେ ଜଣେ ଶିଶୁ ପାଣି ଟାଙ୍କିରେ ପଡ଼ି ପ୍ରାଣ ହରାଇବା ଘଟଣା ସାମିଲ) ବରଣ କରିଛନ୍ତି। ସେହିପରି ମଲପ୍ପୁରମ୍‌ରେ ୪ ଜଣଙ୍କ ମୃତ୍ୟୁ ଓ ଜଣେ ନିଖୋଜ, ଏର୍ଣ୍ଣାକୁଲମ୍ ୨ ଜଣଙ୍କ ମୃତ୍ୟୁ ବରଣ କରିଛନ୍ତି। ସେହିପରି କୋଲମ୍‌ରେ ୨ ଜଣଙ୍କ ମୃତ୍ୟୁ ଓ ୨ ଜଣ ନିଖୋଜ ହୋଇଛନ୍ତି। ଅନ୍ୟପଟେ କନ୍ନୁରରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ନିଖୋଜ ହୋଇଛନ୍ତି। ଇଡୁକ୍କି, ମୁଭାଟ୍ଟୁପୁଝା ଓ କୋଝିକୋଡ୍ ଜିଲ୍ଲାରେ ଜଣଙ୍କ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି। ଏହାଛଡ଼ା ଇଡୁକ୍କି ଓ ମୁଭାଟ୍ଟୁପୁଝାରୁ ଜଣେ ଲେଖାଏଁ ନିଖୋଜ ଅଛନ୍ତି। ସୋମବାର ସକାଳ ସୁଦ୍ଧା ସାରା ରାଜ୍ୟରେ ୩୧୬ଟି ରିଲିଫ ଶିବିର କାର୍ଯ୍ୟକ୍ଷମ କରାଯାଇଛି। ବର୍ଷା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରାୟ ୧୧, ୦୧୮ ଜଣ ଲୋକଙ୍କୁ ଏହି ଶିବିରଗୁଡ଼ିକରେ ଆଶ୍ରୟ ଦିଆଯାଇଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ଜୋରଦାର କରାଯାଇଛି। ପାଣିପାଗ ବିଭାଗର ସତର୍କ ସୂଚନା ଜାରି କରିଛି। ଅଗଷ୍ଟ ୩ ଓ ୬ ତାରିଖରେ ରାଜ୍ୟରେ ଅତି ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ରରେ ୬୦ କିଲୋମିଟର ବେଗରେ ପବନ ଓ ପ୍ରବଳ ଲହଡ଼ି ଉଠୁଥିବାରୁ କେରଳ, କର୍ଣ୍ଣାଟକ ଓ ଲାକ୍ଷାଦ୍ୱୀପ ଉପକୂଳକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଉତ୍ତର କେରଳ ଉପକୂଳରେ ୨.୭ରୁ ୩.୫ ମିଟର ଉଚ୍ଚର ଲହଡି ଆସିବାର ସମ୍ଭାବନା ଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳର ଅଧିବାସୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକୃତିର ଏହି କୋପଯୋଗୁଁ କେରଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାର ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ସେହିଭଳି ଆସାମରେ ମଧ୍ୟ ବନ୍ୟା ସ୍ଥିତି ଏବେ ବି ଗୁରୁତର ରହିଛି। ରାଜ୍ୟରେ ୭ଟି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତିନି ଲକ୍ଷରୁ ଅଧିକ ଏବେ ବି ପାଣିଘେରରେ ରହିଛନ୍ତି। ବନ୍ୟା ଯୋଗୁଁ ରାଜ୍ୟରେ ମୃତ୍ୟୁସଂଖ୍ୟା ୮୫କୁ ବୃଦ୍ଧି ପାଇଛି।

**ପ୍ରଧାନମନ୍ତ୍ରୀଙ୍କ ଭିଡିଓ ହଟାଇବା ଘଟଣା**

# ସଂସଦୀୟ କମିଟିରେ କ୍ଷମା ମାଗିଲା ମେଟା

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫେସବୁକ୍ ଭିଡିଓକୁ ହଟାଇ ଦେବା ପ୍ରସଙ୍ଗରେ 'ମେଟା' ସଂସଦୀୟ ସ୍ଥାୟୀ କମିଟି ଆଗରେ କ୍ଷମାପ୍ରାର୍ଥନା କରିଛି। ଭୁଲବଶତଃ ଏହି ଭିଡିଓଟି ହଟିଯାଇଥିଲା ବୋଲି ସଂସ୍ଥା ସଫାଇ ଦେଇଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ସଂସଦୀୟ କମିଟିର ବୈଠକରେ କମିଟି ସଦସ୍ୟମାନେ ମେଟା କର୍ତ୍ତୃପକ୍ଷଙ୍କୁ କଡ଼ା ପ୍ରଶ୍ନ ପଚାରିଥିଲେ। କେବଳ କ୍ଷମାପ୍ରାର୍ଥନା ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ଦାୟୀ ଅଫିସରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ କମିଟି ସଦସ୍ୟମାନେ ଦାବି କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏହାକୁ କେବଳ ଏକ ବୈଷୟିକ ତ୍ରୁଟି ନଭାବି ଜାତୀୟ ସୁରକ୍ଷା ସହ ଜଡ଼ିତ ପ୍ରସଙ୍ଗ ବୋଲି ଦର୍ଶାଇଛନ୍ତି। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଗୁଲ୍, ଫେସବୁକ୍, ୟୁଟ୍ୟୁବ୍ ଓ ଏକ୍ସ ଭଳି ସୋସିଆଲମିଡିଆପ୍ଲାଟଫର୍ମଗୁଡ଼ିକରନିୟନ୍ତ୍ରଣଓଆଇନ ପାଳନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।



# ବୁଧବାର ଦେଖାଦେବେ ଶେଖ୍ ହସିନା



ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶତ୍ୟାଗ କରିବାର ପ୍ରାୟ ଦୁଇ ବର୍ଷ ପରେ ପ୍ରଥମ ଥର ପାଇଁ ନୂଆଦିଲ୍ଲୀଠାରେ ଏକ କାର୍ଯ୍ୟକ୍ରମରେ ଗଣମାଧ୍ୟମ ସମ୍ମୁଖକୁ ଆସିବାକୁ ଯାଉଛନ୍ତି। ବୁଧବାର (ଅଗଷ୍ଟ ୫) ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ 'ଫରେନ୍ କରେସପଣ୍ଡେଣ୍ଟସ୍ କ୍ଲବ୍ ଅଫ୍ ସାଉଥ୍ ଏସିଆ'ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଅଭିଭାଷଣ ରଖିବେ। ୨୦୨୪ ଅଗଷ୍ଟ ୫ରେ ଛାତ୍ର ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ହେବା ପରଠାରୁ ହସିନା ଭାରତରେ ରହିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ନିଜର ଆଗାମୀ ରାଜନୈତିକ ପନ୍ଥା ଏବଂ ସ୍ୱଦେଶ ଫେରିବା ଯୋଜନା ସମ୍ପର୍କରେ ନିଜର ପକ୍ଷ ରଖିବେ। ଅପରପକ୍ଷରେ, ବାଂଲାଦେଶର ଆଇନ ମନ୍ତ୍ରୀ ଏମ୍. ଅସଦୁଜ୍ଜାମାନ ସ୍ପଷ୍ଟ କରିଛନ୍ତି ଯେ ହସିନା ବାଂଲାଦେଶରେ ପହଞ୍ଚିବା ମାତ୍ରେ ତାଙ୍କୁ ତୁରନ୍ତ ଗିରଫ କରାଯିବ। ହସିନାଙ୍କ ବିରୋଧରେ ବାଂଲାଦେଶ ଅଦାଲତ ଦଣ୍ଡାଦେଶ ଶୁଣାଇସାରିଥିବା ବେଳେ, ସେ ନିଜେ ସ୍ୱେଚ୍ଛାକୃତ ଭାବେ ନିଜ ଦେଶକୁ ଫେରି ଅଦାଲତର ସମ୍ମୁଖୀନ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୨୦୨୪ ଆନ୍ଦୋଳନ ପରଠାରୁ ଭାରତ-ବାଂଲାଦେଶ ସମ୍ପର୍କରେ ଅନେକ ଉତ୍ଥାନ-ପତନ ଦେଖିବାକୁ ମିଳିଛି। ଦୀର୍ଘ ଦିନର ନୀରବତା ପରେ ଶେଖ୍ ହସିନାଙ୍କ ଏହି ପ୍ରଥମ ସାର୍ବଜନୀନ ବକ୍ତବ୍ୟ ଆଗାମୀ ଦିନରେ ବାଂଲାଦେଶ ରାଜନୀତିରେ ଏକ ନୂଆ ବିବାଦ ଓ ଚର୍ଚ୍ଚାର କାରଣ ହୋଇପାରେ।

# ବାଂଲାଦେଶ ହିନ୍ଦୁ ସନ୍ଥ ଚିନ୍ମୟ ଦାସଙ୍କୁ ମିଳିଲା ଜାମିନ୍

ଢ଼ାକା, ୩।୮ (ଏଜେନ୍ସି): ଗିରଫ ହୋଇ ଜେଲ୍‌ରେ ଥିବା ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କୁ ବାଂଲାଦେଶ ହାଇକୋର୍ଟ ୨ଟି ମାମଲାରେ ଜାମିନ୍ ମଞ୍ଜୁର କରିଛନ୍ତି। ତେବେ ଅନ୍ୟ ମାମଲା ବିଚାରାଧୀନ ଥିବାରୁ ସେ ଏବେ ଜେଲ୍‌ରୁ ମୁକୁଳି ପାରିବେ ନାହିଁ। ହତ୍ୟା ଉଦ୍ୟମ, ଭଙ୍ଗାରୁଜା ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଆଗତ ୨ଟି ମାମଲାରେ ହାଇକୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି। ନଭେମ୍ବର ୨୦୨୪ରୁ ଗିରଫ ହୋଇଥିବା ଚିନ୍ମୟ ଦାସଙ୍କ ବିରୋଧରେ ରାଷ୍ଟ୍ରଦ୍ରୋହ ଓ ହତ୍ୟା ଭଳି ଅନ୍ୟ ୪ଟି ଗୁରୁତର ମାମଲା ବିଚାରାଧୀନ ରହିଛି। ସେ 'ସମ୍ମିଳିତ ସନାତନ ଜାଗରଣ ଜୋଟ୍'ର ମୁଖପାତ୍ର ଭାବେ ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପାଇଁ ଆନ୍ଦୋଳନ କରିଥିଲେ। ଚନ୍ମୟଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଦୀର୍ଘ ଦିନର କାରାବାସକୁ ନେଇ ଓକିଲମାନେ ଜାମିନ୍ ଆବେଦନ କରିଥିଲେ। ଏହି ୨ଟି ମାମଲାରେ ଜାମିନ୍ ମିଳିବା ତାଙ୍କ ପାଇଁ ଏକ ବଡ଼ ଆଇନଗତ ସଫଳତା ହୋଇଥିଲେ ସୁଦ୍ଧା ଅନ୍ୟ ମାମଲାର ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ଜେଲ୍‌ରେ ରହିବାକୁ ପଡ଼ିବ।

# କର୍ଣ୍ଣାଟକ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା ତାମିଲନାଡୁ

ଚେନ୍ନଇ, ୩।୮ (ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ବିବାଦ ପୁଣି ତୀବ୍ର ହୋଇଛି। ପ୍ରାପ୍ୟ ଜଳ ନ ମିଳିବା ଅଭିଯୋଗ ଆଣି ତାମିଲନାଡୁ ସରକାର ସୋମବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସି ଜୋସେଫ୍ ବିଜୟଙ୍କ ନିର୍ଦ୍ଦେଶକ୍ରମେ ତାମିଲନାଡୁ ସରକାର ଏହି ଆବେଦନ ଦାଖଲ କରିଛନ୍ତି। ଆବେଦନ ଅନୁସାରେ, କ୍ରିଷ୍ଣା ରାଜା ସାଗର, କାବିନୀ, ହରଙ୍ଗୀ ଓ ହେମାବତୀ ଜଳାଶୟରେ ଯଥେଷ୍ଟ ପରିମାଣର ଜଳ ଗଚ୍ଛିତ ଥିବା ସତ୍ତ୍ୱେ କର୍ଣ୍ଣାଟକ ସରକାର ଆବଶ୍ୟକ ଜଳ ଛାଡ଼ୁନାହାନ୍ତି। କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିଥିବା ପରିମାଣଠାରୁ ତାମିଲନାଡୁକୁ ଅତି କମ୍ ଜଳ ମିଳୁଥିବା ଦର୍ଶାଯାଇଛି। ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ରକ୍ଷା ଓ ନ୍ୟାଯ୍ୟ ଭାଗ ଜଳ ସମୟସୀମା ମଧ୍ୟରେ ପାଇବା ପାଇଁ ତାମିଲନାଡୁ ଆଇନଗତ ଲଢେଇ ଜାରି ରଖିଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ମାମଲାର ଶୁଣାଣି ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଶିବକୁମାରଙ୍କ ତାଲିକାରେ ୨୦ ନୂଆ ମନ୍ତ୍ରୀ

ବେଙ୍ଗାଲୁରୁ, ୩।୮ (ଏଜେନ୍ସି): କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରଥମ ବଡ଼ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ବାଟ ଫିଟିଛି। ମନ୍ତ୍ରୀ ପଦ ପାଇଁ ୨୦ ଜଣ ନେତାଙ୍କ ନାମକୁ କଂଗ୍ରେସ ହାଇକମାଣ୍ଡ ଅନୁମୋଦନ କରିଛନ୍ତି। ଆଞ୍ଚଳିକ ଓ ସାମାଜିକ ସମୀକରଣକୁ ଧ୍ୟାନରେ ରଖି କଂଗ୍ରେସ ନେତୃତ୍ୱ ଏହି ନାମଗୁଡ଼ିକୁ ଚୂଡ଼ାନ୍ତ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ। ଏହା ସହିତ ବିଧାନସଭା ବାଚସ୍ପତି ଭାବେ ଜିଏସ୍ ପାଟିଲ ଓ ଉପବାଚସ୍ପତି ଭାବେ ଏଏସ୍ ପୋନ୍ନାନ୍ନାଙ୍କ ନାମ ମଧ୍ୟ ଚୂଡ଼ାନ୍ତ ହୋଇଛି। ରାଜ୍ୟପାଳଙ୍କ ବିଧିବଦ୍ଧ ସମ୍ମତି ମିଳିବା ପରେ ନୂତନ ମନ୍ତ୍ରୀମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟରେ କଂଗ୍ରେସ ସରକାରଙ୍କ ସମ୍ପୂର୍ଣ୍ଣ ମନ୍ତ୍ରିମଣ୍ଡଳ ଗଠନ ପ୍ରକ୍ରିୟା ଶେଷ ହେବ।



# ସୁପ୍ରିମ୍‌କୋର୍ଟ ବିଚାରପତି ସଂଖ୍ୟା ବୃଦ୍ଧି ବିଲ୍ ଗୃହୀତ
# ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଲୋକସଭାରେ ପାରିତ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ବିରୋଧୀ ସାଂସଦମାନଙ୍କ ପ୍ରବଳ ହଙ୍ଗାମା, ହଟ୍ଟଗୋଳ ଓ ସ୍ଲୋଗାନବାଜି ମଧ୍ୟରେ ବିନା ଆଲୋଚନାରେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କିତ ନୂତନ ସଂଶୋଧନ ବିଲ୍‌ ଲୋକସଭାରେ ପାରିତ ହୋଇଛି। ଏହି ବିଲ୍ ବଳରେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ବିଚାରପତି ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି ପାଇବ। ନିଟ୍ ପ୍ରଶ୍ନପତ୍ର ପ୍ରକାଶ ଓ ରାମମନ୍ଦିର ଦାନ ହେରଫେର ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ଗୃହରେ ପ୍ରବଳ ହଙ୍ଗାମା କରିଥିଲେ। ଆଇନ ମନ୍ତ୍ରୀ ଅର୍ଜୁନ ରାମ୍ ମେଘୱାଲ ପ୍ରାରମ୍ଭିକ ସୂଚନା ଦେବା ପରେ ଗୃହର ଅଧ୍ୟକ୍ଷ ସାଂସଦମାନଙ୍କୁ ଚର୍ଚ୍ଚାରେ ଭାଗ ନେବାକୁ ଅନୁରୋଧ କରିଥିଲେ। ତେବେ ହଙ୍ଗାମା ଜାରି ରହିବାରୁ ସଂଶୋଧିତ ବିଲ୍‌କୁ ବାଚନିକ ଭୋଟ୍ ମାଧ୍ୟମରେ ପାରିତ କରାଯାଇଥିଲା। ଗତ ସପ୍ତାହରେ ମଧ୍ୟ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସଂଶୋଧନ ବିଲ୍ ବିନା ଆଲୋଚନାରେ ପାରିତ ହୋଇଥିଲା। ସୁପ୍ରିମ୍ କୋର୍ଟ (ବିଚାରପତି ସଂଖ୍ୟା) ସଂଶୋଧନ ବିଲ୍-୨୦୨୬ ଗୃହୀତ ହେବା ପରେ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନଥିଲା ଏବଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ବିଲ୍ ଦ୍ୱାରା ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ସମାଧାନ ହୋଇପାରିବ।

**ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ମାମଲା**

# ବ୍ରିଜଭୂଷଣଙ୍କୁ କୋର୍ଟରେ କ୍ଲିନ୍‌ଚିଟ୍



ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ଆଗତ ଯୌନ ନିର୍ଯାତନା ମାମଲାରେ ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂହଙ୍କୁ ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୋମବାର ପ୍ରକାଶ ପାଇଥିବା ଏହି ରାୟ ପରେ ଭାରତୀୟ କ୍ରୀଡ଼ା ଜଗତର ଅନ୍ୟତମ ବହୁଚର୍ଚ୍ଚିତ ତଥା ଦୀର୍ଘଦିନର ଆଇନଗତ ଲଢେଇରେ ବ୍ରିଜଭୂଷଣଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଭାରତୀୟ କୁସ୍ତି ମହାସଂଘର ମୁଖ୍ୟ ଥିବା ସମୟରେ ବ୍ରିଜଭୂଷଣ ଶରଣ ସିଂହ ଯୌନ ନିର୍ଯାତନା ଦେଇଥିବା ନେଇ ଛଅ ଜଣ ମହିଳା କୁସ୍ତିଯୋଦ୍ଧା ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗକାରୀଙ୍କ ମଧ୍ୟରେ ଅଲିମ୍ପିଆନ୍ ଭିନେଶ ଫୋଗତ ମଧ୍ୟ ସାମିଲ ଥିଲେ। କୋର୍ଟଙ୍କ ନିୟମାନୁସାରେ ନିଜର ପରିଚୟ ଗୋପନ ରଖିଥିବା ଭିନେଶ, ପରବର୍ତ୍ତୀ ସମୟରେ ନିଜେ ଏହି ମାମଲାର ଅନ୍ୟତମ ଅଭିଯୋଗକାରୀ ବୋଲି ସାର୍ବଜନୀନ କରିଥିଲେ। ତେବେ ବ୍ରିଜଭୂଷଣ ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ପ୍ରାରମ୍ଭରୁ ହିଁ ଖଣ୍ଡନ କରିଆସୁଥିଲେ।

୨୦୨୩ ଜାନୁଆରୀରେ ବିନେଶ ଫୋଗତ, ସାକ୍ଷୀ ମାଲିକ ଓ ବଜରଙ୍ଗ ପୁନିଆଙ୍କ ଭଳି ପ୍ରମୁଖ କୁସ୍ତିଯୋଦ୍ଧାମାନେ ଦିଲ୍ଲୀର ଯନ୍ତର ମନ୍ତରଠାରେ ଧାରଣା ଦେଇ ବ୍ରିଜଭୂଷଣଙ୍କ ଗିରଫଦାରୀ ଓ ଇସ୍ତଫା ଦାବି କରିଥିଲେ। ୨୦୨୩ ଏପ୍ରିଲ-ମେ'ରେ ପୁଲିସ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନହେବାରୁ କୁସ୍ତିଯୋଦ୍ଧାମାନେ ସର୍ବୋଚ୍ଚ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ହସ୍ତକ୍ଷେପ ପରେ ଦିଲ୍ଲୀ ପୁଲିସ ଦୁଇଟି ପ୍ରଥମ ସୂଚନାପତ୍ର ଦାଏର କରିଥିଲା, ଜଣେ ଛଅ ଜଣ ବୟସ୍କା ମହିଳାଙ୍କ ଅଭିଯୋଗ ଆଧାରରେ ଓ ଅନ୍ୟଟି ଜଣେ ନାବାଳିକାଙ୍କ ଅଭିଯୋଗ ଆଧାରରେ। ୨୦୨୩ ମଇ ୨୮ ରେ ନୂତନ ସଂସଦ ଭବନ ଆଡ଼କୁ ପଦଯାତ୍ରା କରୁଥିବା ସମୟରେ ପୁଲିସ କୁସ୍ତିଯୋଦ୍ଧାମାନଙ୍କୁ ଅଟକ ରଖିଥିଲା, ଯାହା ବିଶ୍ୱସ୍ତରୀୟ କ୍ରୀଡ଼ା ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା। ୨୦୨୩ ଜୁନ୍ ମାସରେ ପୁଲିସ ଅଭିଯୋଗପତ୍ର ଦାଖଲ କରିଥିଲା। ୨୦୨୪ ମଇ ମାସରେ କୋର୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ମାମଲାରେ ମୋଟ ୩୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାପୂର୍ବରୁ, ନାବାଳିକା ଅଭିଯୋଗକାରୀଙ୍କ ମାମଲାରେ ପୁଲିସ ଦ୍ୱାରା ଦାଖଲ କରାଯାଇଥିବା ଚୂଡ଼ାନ୍ତ ରଦ୍ଦ ରିପୋର୍ଟକୁ କୋର୍ଟ ଗ୍ରହଣ କରିସାରିଥିଲେ। ସୋମବାର ଶୁଣାଣି ଶେଷ କରି କୋର୍ଟ ବ୍ରିଜଭୂଷଣ ଶରଣ ସିଂହଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ରାୟ ପ୍ରକାଶ ପାଇବା ପରେ ନିଜର ପ୍ରତିକ୍ରିୟା ରଖି ବ୍ରିଜଭୂଷଣ କରି କହିଛନ୍ତି ଯେ, 'ମୁଁ ପ୍ରଥମ ଦିନରୁ ହିଁ କହିଆସୁଥିଲି ଯେ ଯଦି ମୋ ବିରୋଧରେ ଆସିଥିବା ଗୋଟିଏ ବି ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ ଫାଶୀରେ ଝୁଲିପଡ଼ିବି। ଆଜି କୋର୍ଟ ମୋତେ ନିର୍ଦ୍ଦୋଷରେ ଖଲାସ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏହା ମୋର ଓ ମୋ ସମର୍ଥକଙ୍କ ପାଇଁ ଏକ ବଡ଼ ଖୁସିର ଖବର।' କୋର୍ଟଙ୍କ ଏହି ନିଷ୍ପତ୍ତି ସହ ବିଗତ ତିନି ବର୍ଷ ଧରି ଭାରତୀୟ କୁସ୍ତି ଜଗତକୁ ଅନ୍ଦୋଳିତ କରିରଖିଥିବା ଏକ ପ୍ରମୁଖ ଆଇନଗତ ବିବାଦର ଆପାତତଃ ଅନ୍ତ ଘଟିଛି।

# ଆସାମରେ ୧୫ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ପରେ ବୀଭତ୍ସ ହତ୍ୟା



**ଜାତୀୟ ରାଜପଥ ଅବରୋଧ ପରେ ତୀବ୍ର ଉତ୍ତେଜନା**

ଗୌହାଟୀ, ୩।୮ (ଏଜେନ୍ସି): ଆସାମର ହାଇଲାକାନ୍ଦି ଜିଲ୍ଲାରେ ଏକ ଅତ୍ୟନ୍ତ ମର୍ମନ୍ତୁଦ ଓ ସଂଘାତିକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଘରେ ଏକାକୀ ପାଇ ଯୌନ ନିର୍ଯାତନା ଦିଆଯିବା ପରେ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। କାଟଲିଚେରା ପୁଲିସ ଥାଣା ଅନ୍ତର୍ଗତ ଆଲୋଇଚଡ଼ା ଅଞ୍ଚଳରେ ଶନିବାର ରାତିରେ ଏହି ଅପରାଧ ଘଟିଛି। ପରିବାର ଲୋକେ ଜଣେ ସମ୍ପର୍କୀୟଙ୍କ ଘରକୁ ପ୍ରସାଦ ସେବନ ପାଇଁ ଯାଇଥିବା ବେଳେ ଝିଅଟି କୌଣସି କାରଣରୁ ଘରକୁ ଫେରିଆସିଥିଲା। ପରିବାର ଲୋକେ ଘରକୁ ଫେରିବା ପରେ ଝିଅର ରକ୍ତାକ୍ତ ମୃତଦେହ ତଳେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ତାଙ୍କ ମୁହଁ ଓ ମୁଣ୍ଡକୁ କୌଣସି ଭାରୀ ଜିନିଷରେ ଛେଚି ଦିଆଯାଇଥିବା ବେଳେ ଅତ୍ୟନ୍ତ ଅମାନୁଷିକ ଭାବେ ଗୁପ୍ତାଙ୍ଗରେ ଲୁହା ରଡ୍ ପୂରାଇ ଦିଆଯାଇଥିବା ପୁଲିସ ପ୍ରାଥମିକ ସୂଚନାରୁ ପ୍ରକାଶ କରିଛି। ଏହି ନୃଶଂସ କାଣ୍ଡ ବିରୋଧରେ ସ୍ଥାନୀୟ ଲୋକେ ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଦୋଷୀଙ୍କୁ ତୁରନ୍ତ ଗିରଫ ଓ କଠୋର ଦଣ୍ଡ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବରିଷ୍ଠ ପୁଲିସ ସୁପରିଟେଣ୍ଡେଣ୍ଟ ଅମିତାଭ ସିଂଙ୍କ ସୂଚନା ଅନୁଯାୟୀ, ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଯୌନ ନିର୍ଯାତନାର ସ୍ପଷ୍ଟ ପୁଷ୍ଟି ହେବ ବୋଲି ପୁଲିସ ପ୍ରକାଶ କରିଛି।

## ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଲୋକାର୍ପିତ

# ଭାରତୀୟ ମୂଲ୍ୟବୋଧ ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାର ନୂଆ ଦିଗ: ରାଷ୍ଟ୍ରପତି

କଟକ,୩।୮(ସମିସ): ଓଡ଼ିଶାର ଶିକ୍ଷା ସଂସ୍କୃତି ଏବଂ ବୌଦ୍ଧିକ ବିକାଶର ଇତିହାସରେ ଏକ ସୁବର୍ଣ୍ଣ ଓ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ଭାରତୀୟ ସନାତନ ମୂଲ୍ୟବୋଧ, ବୈଜ୍ଞାନିକ ପ୍ରଗତି ଏବଂ ୨୧ଶ ଶତାବ୍ଦୀର ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାକୁ ଏକ ନୂତନ ଦିଗ ଦେବା ଉଦ୍ଦେଶ୍ୟରେ କଟକ ଜିଲ୍ଲା ବାଙ୍କୀସ୍ଥିତ ୧୦୦ ଏକର ମନୋରମ ଓ ବିସ୍ତୃତ ପରିସରରେ ପ୍ରତିଷ୍ଠିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ (ଜେକେୟୁ)ର ଆନୁଷ୍ଠାନିକ ଶୁଭ ଉଦ୍‌ଘାଟନ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁ ଏହି ଐତିହାସିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବା ସହ ଏହାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ସେ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଲେ ଯେ, ଭାରତୀୟ ମୂଲ୍ୟବୋଧ ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାର ନୂଆ ଦିଗ।

ଏହି ମହୋତ୍ସବରେ ଭାରତୀୟ ଜ୍ଞାନ ପରମ୍ପରା ଏବଂ ଗବେଷଣା ଶିକ୍ଷାର ସମନ୍ୱୟରେ ନୂତନ ଯୁବପିଢ଼ିକୁ ଗଢ଼ିତୋଳିବା ପାଇଁ ଏକ ଦୃଢ଼ ସଙ୍କଳ୍ପ ଗ୍ରହଣ କରାଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶ୍ୱବିଦ୍ୟାଳୟର ସଂସ୍ଥାପକ ତଥା ଅଧ୍ୟକ୍ଷ ସ୍ୱାମୀ ମୁକୁନ୍ଦାନନ୍ଦ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ବରିଷ୍ଠ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଦେଶ-ବିଦେଶର ବହୁ ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗବେଷକ, ଶିଳ୍ପଜଗତର ପ୍ରମୁଖ ବ୍ୟକ୍ତିବିଶେଷ ଏବଂ ସମାଜସେବୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର



ଶୁଭାରମ୍ଭରେ ରାଷ୍ଟ୍ରପତି ଆନୁଷ୍ଠାନିକ ଫଳକ ଉନ୍ମୋଚନ କରିଥିଲେ। ଏହାପରେ ସେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରେରଣାଦାତା ଜଗଦ୍‌ଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଓ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ କ୍ୟାମ୍ପସ ପରିସରରେ ଏକ ବୃକ୍ଷରୋପଣ କରି ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ଦେଇଥିଲେ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମର ସମସ୍ତ ନିୟମାନୁସାରେ ଆନୁଷ୍ଠାନିକ ସ୍ୱୀକୃତିପ୍ରାପ୍ତ ଏହି ବେସରକାରୀ ବିଶ୍ୱବିଦ୍ୟାଳୟଟି "ଜ୍ଞାନ ଦ୍ୱାରା ନିଜକୁ ଉନ୍ନତ କର' ଏହି ମୂଳମନ୍ତ୍ରକୁ ପାଥେୟ କରି ସ୍ଥାପିତ ହୋଇଛି। ଅତିଆଧୁନିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଓ ବୈଜ୍ଞାନିକ ପ୍ରଗତିକୁ ଭାରତୀୟ ସଂସ୍କୃତିର ଚିରନ୍ତନ ନୈତିକତା, ମାନବୀୟ ମୂଲ୍ୟବୋଧ ଏବଂ ସଂସ୍କାର ସହିତ ଯୋଡ଼ିବା ଏହି ଶିକ୍ଷାନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ଅଟେ। ଶିକ୍ଷା କେବଳ ପାଠ୍ୟପୁସ୍ତକ ଓ ସାର୍ଟିଫିକେଟ୍ ମଧ୍ୟରେ ସୀମିତ ନରହି ଛାତ୍ରଛାତ୍ରୀଙ୍କର ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଉନ୍ନତି କରିବା ଆବଶ୍ୟକ ବୋଲି ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା।

କଟକ ସହରଠାରୁ ମାତ୍ର ୧୦ କିଲୋମିଟର ଏବଂ ରାଜଧାନୀ ଭୁବନେଶ୍ୱରଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ଏହି ବିଶ୍ୱବିଦ୍ୟାଳୟର ପରିସର ଅତ୍ୟନ୍ତ ମନୋରମ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ସମ୍ପୂର୍ଣ୍ଣ ସବୁଜ, ଧୂମପାନ ଓ ମଦ୍ୟ-ତମାଖୁମୁକ୍ତ ଏବଂ ଶାକାହାରୀ ପରିବେଶକୁ ନେଇ ଗଢ଼ିଉଠିଥିବା ଏହି କ୍ୟାମ୍ପସରେ ଶିକ୍ଷାଗ୍ରହଣ ପାଇଁ ଅତ୍ୟାଧୁନିକ ଓ ସମ୍ପୂର୍ଣ୍ଣ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି। ଏଠାରେ ହାଇ-ଟେକ୍ ସ୍ମାର୍ଟ ଶ୍ରେଣୀଗୃହ, ବିଶ୍ୱସ୍ତରୀୟ ଗବେଷଣାଗାର, ପ୍ରାକ୍ଟିକାଲ ଲାବୋରେଟୋରୀ, ବିଶାଳ ଗ୍ରନ୍ଥାଗାର, ୧୦ ମହଲା ବିଶିଷ୍ଟ ପୁରୁଷ ଓ ମହିଳା ଆବାସିକ ହଷ୍ଟେଲ, କ୍ରୀଡ଼ା ଭିତ୍ତିଭୂମି, ନିରନ୍ତର ସ୍ୱାସ୍ଥ୍ୟସେବା ଏବଂ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରଖି ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ସ୍ନାତକ, ସ୍ନାତକୋତ୍ତର ଏବଂ ଗବେଷଣାଙ୍କ ପାଠ୍ୟକ୍ରମ ପାଇଁ ନାମଲେଖା ଯାଉଛି। ସମସାମୟିକ ବିଶ୍ୱବଜାର ଓ ଆଧୁନିକ ଶିଳ୍ପକ୍ଷେତ୍ରର ଚାହିଦାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, ସାଇବର ସୁରକ୍ଷା, ଫିନ୍‌ଟେକ୍, ଜୀବ ବିଜ୍ଞାନ, ଯୋଗ ବିଜ୍ଞାନ, ପ୍ରାକୃତିକ ଚିକିତ୍ସା, ଡିଜିଟାଲ ପ୍ରଯୁକ୍ତି ଏବଂ ବ୍ୟବସାୟ ପରିଚାଳନା ଭଳି ଭବିଷ୍ୟତମୁଖୀ ବିଷୟଗୁଡ଼ିକ ଉପରେ ଶିକ୍ଷାଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

# କାର୍ ଭିତରୁ ବୈଶିଙ୍ଗା ଥାନା କନଷ୍ଟେବଲଙ୍କ ମୃତଦେହ ଜବତ

ବେତନଟୀ, ୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନାରେ କାର୍ଯ୍ୟରତ ଜଣେ ପୁଲିସ କନଷ୍ଟେବଲଙ୍କ ମୃତଦେହ ଆଜି ୧୮ନଂ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଏକ ଲାଲ ରଙ୍ଗର ମାରୁତି ସୁଇଫଟ୍ କାର୍ ଭିତରୁ ଜବତ କରାଯାଇଛି। ମୃତ କର୍ମଚାରୀ ଓଡ଼ିଶା ରିଜର୍ଭ ବାଟାଲିୟନର ବସନ୍ତ କୁମାର ମହାନ୍ତ। ତାଙ୍କ ଘର ଝଡ଼ପୋଖରିଆ ଥାନା ମାନଭଞ୍ଜ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ପୂର୍ବତନ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କାଳୀଚରଣ ମହାନ୍ତଙ୍କ ସାନ ଭାଇ। ପ୍ରାରମ୍ଭିକ ତଦନ୍ତରୁ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

**ହୃଦ୍‌ଘାତରୁ ମୃତ୍ୟୁ ଘଟିଥିବା ସନ୍ଦେହ**

ସୂଚନା ମୁତାବକ, ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ ନିକଟରେ ଏକ କାର୍ ଦୀର୍ଘ ଘଣ୍ଟା ଧରି ଅଚଳ ଅବସ୍ଥାରେ ଛିଡ଼ା ହୋଇରହିଥିଲା। କାର୍‌ଟି ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ସନ୍ଦେହଜନକ ଭାବେ ଛିଡ଼ା ହୋଇଥିବା ଦେଖି ସ୍ଥାନୀୟ ଲୋକେ ନିକଟକୁ ଯାଇ ଯାଞ୍ଚ କରିଥିଲେ। କାର୍ ଭିତରେ ବସନ୍ତ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ବୈଶିଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ କନଷ୍ଟେବଲ ବସନ୍ତ କୁମାରଙ୍କୁ



ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପ୍ରାଥମିକ ଯାଞ୍ଚ ପରେ ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ଘଟିଥାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଜଣେ ନିଷ୍ଠାପର ପୁଲିସ କର୍ମଚାରୀଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ମାନଭଞ୍ଜ ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳ, ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି।

## ଏନ୍‌ଜିଟିରେ ଶିମିଳିପାଳରେ ହୋଟେଲ ପ୍ରକଳ୍ପ ମାମଲା

# ସଂଶୋଧିତ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଲେ ସରକାର

ବାରିପଦା, ୩।୮(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିକଟରେ ପ୍ରସ୍ତାବିତ ହୋଟେଲ/ରିସର୍ଟ ପ୍ରକଳ୍ପକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ବିଚାରାଧୀନ ମାମଲାରେ ବାରିପଦା ବନଖଣ୍ଡର ଅଧିକାରୀ (ଡିଏଫଓ) ଓ ଓଡ଼ିଶା ସରକାରଙ୍କ ତାଙ୍କ ପୂର୍ବରୁ ଦାଖଲ କରିଥିବା କାଉଣ୍ଟର ସତ୍ୟପାଠରେ ସଂଶୋଧନ କରିବା ପାଇଁ ଏକ ଇଣ୍ଟରଲୋକ୍ୟୁଟରି ଆବେଦନ ଦାଖଲ କରି ଏକ ସପ୍ତାହ ସମୟ ମାଗିଛନ୍ତି।

ଆବେଦନରେ କୁହାଯାଇଛି ଯେ, ପୂର୍ବରୁ ଦାଖଲ ହୋଇଥିବା କାଉଣ୍ଟର ସତ୍ୟପାଠରେ ବିବାଦୀୟ ଜମିର ସାବିକ କିସମକୁ 'ଜଙ୍ଗଲ/ଗ୍ରାମ୍ୟ ଜଙ୍ଗଲ' ବୋଲି ଉଲ୍ଲେଖ କରାଯାଇଥିଲା। ଯାହା ଅନିଚ୍ଛାକୃତ ଭାବେ ହୋଇଥିବା ତ୍ରୁଟି ବୋଲି ଦର୍ଶାଯାଇଛି। ବର୍ତ୍ତମାନ ରାଜ୍ୟ ପକ୍ଷ ସାବିକ-ହାଲ ସହସମ୍ପର୍କ ରେକର୍ଡ ଆଧାରରେ ଏହାକୁ 'ଡୁଙ୍ଗୁରି/ପାହାଡ଼' ଭାବେ ସଂଶୋଧନ କରିବାକୁ ଟ୍ରିବ୍ୟୁନାଲଙ୍କ ଅନୁମତି ପ୍ରାର୍ଥନା କରିଛନ୍ତି। ଆବେଦନରେ ଆହୁରି କୁହାଯାଇଛି ଯେ, ରାଜସ୍ୱ ଅଭିଲେଖର ପୁନଃ ଯାଞ୍ଚ ପରେ ବନ ବିଭାଗ ଜାଣିବାକୁ ପାଇଛି ଯେ ସାବିକ ରେକର୍ଡରେ ଜମିର କିସମ 'ଡୁଙ୍ଗୁରି' ଓ ହାଲ ରେକର୍ଡରେ 'ପାହାଡ଼' ଭାବେ ଉଲ୍ଲେଖ ରହିଛି। ଏହି କାରଣରୁ ପୂର୍ବରୁ ହୋଇଥିବା ଉଲ୍ଲେଖକୁ କେବଳ ଏକ ଅନିଚ୍ଛାକୃତ ତ୍ରୁଟି ବୋଲି ଦର୍ଶାଇ ସଂଶୋଧନ ପାଇଁ ପ୍ରାର୍ଥନା କରାଯାଇଛି। ତେବେ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆକାଶ ଶର୍ମା କହିଛନ୍ତି ଯେ, ଏହି ସଂଶୋଧନ କେବଳ ଟାଇପିଂ ତ୍ରୁଟିର ସଂଶୋଧନ ନୁହେଁ, ବରଂ ପୂର୍ବରୁ ଦାଖଲ ହୋଇଥିବା ସତ୍ୟପାଠର ମୂଳ ତଥ୍ୟକୁ ପରିବର୍ତ୍ତନ କରିବାର ଉଦ୍ୟମ। ସେ ଆହୁରି କହିଛନ୍ତି, ଜମିର ରାଜସ୍ୱ ଶ୍ରେଣୀକରଣ ଯାହା ହେଉନା କାହିଁକି, ପ୍ରତିପକ୍ଷଙ୍କ ନିଜସ୍ୱ ଦଲିଲରୁ ଏହା ସ୍ପଷ୍ଟ ଯେ ଉକ୍ତ ଜମି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ-ସେନସିଟିଭ୍ ଜୋନ୍ ମଧ୍ୟରେ ଅବସ୍ଥିତ। ଘଞ୍ଚ ଶାଳ ଜଙ୍ଗଲ ଓ ପରିବେଶଗତ ଭାବେ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ଯାହା ପ୍ରଚଳିତ ପରିବେଶ ଆଇନ ଅନୁଯାୟୀ ସୁରକ୍ଷା ପାଇବାର ଅଧିକାରୀ। ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ଏନଜିଟି ପୂର୍ବରୁ ସ୍ଥିତାବସ୍ଥା ବଜାୟ ରଖିବାକୁ ଅନ୍ତରୀଣ ଆଦେଶ ଜାରି କରି ବିବାଦୀୟ ଜମିରେ କୌଣସି ପ୍ରକାରର ନିର୍ମାଣ କିମ୍ବା ସମ୍ପର୍କିତ କାର୍ଯ୍ୟକଳାପ ଉପରେ ରୋକ ଲଗାଇଛନ୍ତି। ସଂଶୋଧନ ଆବେଦନ ଉପରେ ପରବର୍ତ୍ତୀ ଶୁଣାଣିରେ ଟ୍ରିବ୍ୟୁନାଲ ବିଚାର କରିବେ। ଘଟଣା ଜଣାପଡ଼ିବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ଯେତେ ଅସାଧୁ ଉଦ୍ୟମ କଲେ ମଧ୍ୟ ଶିମିଳିପାଳ ରକ୍ଷା ପାଇଁ ଭଞ୍ଜସେନା ସଂଗ୍ରାମ ଜାରି ରଖିବ। ହୋଟେଲ ବା ରିସର୍ଟ ପ୍ରକଳ୍ପ ପାଇଁ ଗୋଟିଏ ବି ଗଛ କାଟିବାକୁ ଦିଆଯିବନାହିଁ।

**ସତ୍ୟପାଠର ମୂଳ ତଥ୍ୟକୁ ପରିବର୍ତ୍ତନ କରିବା ଉଦ୍ୟମ ଅଭିଯୋଗ**

# ଓୟୁଏଟି ପିଲାଙ୍କୁ ମିଳିବ ମାସିକ ଷ୍ଟାଇପେଣ୍ଡ

## ପିଜି ପିଲାଙ୍କୁ ୧୦ ଓ ପିଏଚ୍‌ଡି ପିଲାଙ୍କୁ ମାସିକ ୧୫ ହଜାର ସହାୟତା

ଭୁବନେଶ୍ୱର,୩।୮(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀ ପାଇବେ ମାସିକ ଷ୍ଟାଇପେଣ୍ଡ। ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ଅନୁଯାୟୀ ପିଜି ଛାତ୍ରଛାତ୍ରୀଙ୍କୁ ମାସିକ ୧୦ ହଜାର ଟଙ୍କା ଏବଂ ପିଏଚ୍‌ଡି ପିଲାଙ୍କୁ ମାସିକ ୧୫ ହଜାର ଟଙ୍କା ମିଳିବ। ପିଜି ଛାତ୍ରଛାତ୍ରୀମାନେ ଦୁଇ ବର୍ଷ ଏବଂ ପିଏଚ୍‌ଡି ପିଲାମାନେ ତିନି ବର୍ଷ ଯାଏଁ ଏହି ବୃତ୍ତିରାଶି ପାଇବେ। ଏନେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଯୁବ ଗବେଷକଙ୍କ ଉପରେ ବିନିଯୋଗ କରିବା ଅର୍ଥ ରାଜ୍ୟର ଚାଷୀଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ଏହି ସହାୟତା ଦ୍ୱାରା ଛାତ୍ରଛାତ୍ରୀମାନେ ଆର୍ଥିକ ଚିନ୍ତାରୁ ମୁକ୍ତ ହୋଇ ନବସୃଜନ ଓ ଗବେଷଣା କାର୍ଯ୍ୟରେ ଅଧିକ ମନୋନିବେଶ କରିବେ। ଓୟୁଏଟିରେ କୃଷି ଓ ଆନୁଷଙ୍ଗିକ ବିଷୟରେ ଅଧ୍ୟୟନ କରୁଥିବା ନିୟମିତ ପିଜି ଓ ପିଏଚ୍‌ଡି ପିଲାମାନେ ଏହି ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ପୂର୍ବରୁ ବୃତ୍ତିରାଶିର ପରିମାଣ ବଢ଼ାଇବା ପାଇଁ ଓୟୁଏଟି ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ସେମାନଙ୍କ ଦାବି ପୂରଣ ହୋଇଛି।

■ ସରୁନି ଦାଦନ ଦୁଃଖ

# ତାମିଲନାଡୁରେ ମହିଳା ଶ୍ରମିକ ମୃତ

ବାଲିଗୁଡ଼ା,୩।୮ (ସମିସ): କନ୍ଧମାଳ ଜିଲ୍ଲାର କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତ୍ତିଗୁଡ଼ା ପଞ୍ଚାୟତ ଗୁଞ୍ଜିଗାଁ ଗ୍ରାମର ଜଣେ ମହିଳା ଦାଦନ ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଛି। ମୃତକ

**ଶବ ଆଣିବା ପାଇଁ ଅର୍ଥ ସାଜିଛି ବାଧକ**



ହେଲେ ଗୁଞ୍ଜିଗାଁର କୁଶ ପ୍ରଧାନଙ୍କ ଝିଅ କସ୍ତୁରୀ ପ୍ରଧାନ (୨୯)। ପରିବାର ସୂତ୍ରରୁ ପ୍ରକାଶଯେ ଗତ ୨ ବର୍ଷ ହେବ କସ୍ତୁରୀ ପ୍ରଧାନ ରୋଜଗାର ଆଶାରେ ତାମିଲନାଡୁ ରାଜ୍ୟର କୋଏମ୍ବାଟୁରର ଅନୁରରେ ଥିବା ସିଏମସି ସୁତା କଳରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ରବିବାର ତାଙ୍କ ମୃତ୍ୟୁ ହୋଇଥିବା କମ୍ପାନୀ ପକ୍ଷରୁ ତାପସ ମୁଖି ଓ ଶୁଭମ ଅମାୟତ ଜଣାଇଥିଲେ। ହେଲେ ତାମିଲନାଡୁ ଠାରୁ ବିମାନ ଯୋଗେ ଭୁବନେଶ୍ୱର ପର୍ଯ୍ୟନ୍ତ ଆଣିବା ପାଇଁ ପାଖା ପାଖି ଷାଠିଏ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଆବଶ୍ୟକ ପଡୁଥିବା ବେଳେ ଅର୍ଥ ଅଭାବ ଯୋଗୁଁ ଗ୍ରାମକୁ ଝିଅର ଶବ ପହଞ୍ଚାଇବା ପାଇଁ ସ୍ଥାନୀୟ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି ଶବ ଆଣିବା ପାଇଁ ବ୍ୟବସ୍ଥା ଚାଲିଥିବା ପରିବାର ପକ୍ଷରୁ ଅମିତ ପ୍ରଧାନ ଓ ପ୍ରତୀକ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି। ଗରିବ ପରିବାର ହେତୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଶବ ଆଣିବା ବ୍ୟବସ୍ଥା କରିବାକୁ ଗ୍ରାମବାସି ଦାବି କରିଛନ୍ତି।

# ଅଙ୍ଗ ପ୍ରତିରୋପଣ: ଭୁବନେଶ୍ୱର ଏମ୍‌ସକୁ ଜାତୀୟ ପୁରସ୍କାର

ଭୁବନେଶ୍ୱର ୩।୮ (ସମିସ): ଜାତୀୟ ସ୍ତରରେ ପୁଣିଥରେ ନିଜର ଛାପ ଛାଡ଼ିଛି ଏମ୍ସ ଭୁବନେଶ୍ୱର। ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ' ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ (ନୋଟ୍ଟୋ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଡିଜିଏଚ୍‌ଏସ ଡ. ଲଭନୀଶ ଜି. କୃଷ୍ଣ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶ୍ରୀ ବିଜୟ ନେହରା ଏବଂ ନୋଟ୍ଟୋ ନିର୍ଦ୍ଦେଶକ ଡ. ଅନିଲ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଅଧ୍ୟକ୍ଷା




ଡ. ଅନୀତା ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ।


ଏମ୍‌ସ ଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ବୃଦ୍ଧି ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୪ ରେ ୧୬ଟି ପ୍ରତିରୋପଣରୁ ୨୦୨୫ ରେ ଏହିଁ ସଂଖ୍ୟା ୬୩ରେ ପହଞ୍ଚିଛି। ଯାହା ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଦ୍ରୁତ ଅଭିବୃଦ୍ଧି ଏବଂ ଉନ୍ନତ ପ୍ରତିରୋପଣ ଯତ୍ନ ପ୍ରଦାନ କରିବା ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ଏମ୍‌ସ ଭୁବନେଶ୍ୱର ସଫଳତାର ସହିତ ୭୮ଟି ବୃକକ୍ ପ୍ରତିରୋପଣ କରିଛି। ଯେଉଁଥିରେ ୬୧ଟି ଜୀବିତ ଦାତା ବୃକକ୍ ପ୍ରତିରୋପଣ ଓ ୧୭ଟି ମୃତ ଦାତା ବୃକକ୍ ପ୍ରତିରୋପଣ ଅନ୍ତର୍ଭୁକ୍ତ। ପ୍ରତିଷ୍ଠାନ ଚାରିଟି ଜୀବିତ ଦାତା ଯକୃତ ପ୍ରତିରୋପଣ ଏବଂ ଜଣେ ମୃତ ଦାତା ଯକୃତ ପ୍ରତିରୋପଣ ସମାପ୍ତ କରିବା ସହିତ ଛଅଟି ସଫଳ ଅଙ୍ଗଦାନକୁ ମଧ୍ୟ ବ୍ୟବସ୍ଥିତ କରିଛି। ତୁଳନାତ୍ମକ ଭାବରେ କମ୍ ସମୟ ମଧ୍ୟରେ, ପ୍ରତିଷ୍ଠାନ ଅଙ୍ଗ ପୁନରୁଦ୍ଧାର, ପ୍ରତିରୋପଣ ଏବଂ ପ୍ରତିରୋପଣ ପରବର୍ତ୍ତୀ ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯେତେବେଳେ ନିରନ୍ତର ଜନସଚେତନତା ଅଭିଯାନ ଏବଂ ସାମୁଦାୟିକ ପ୍ରସାର ପଦକ୍ଷେପ ମାଧ୍ୟମରେ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଛି।

- ଏପର୍ଯ୍ୟନ୍ତ ୭୮ଟି ବୃକକ୍ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ
- ଜାତୀୟସ୍ତରର ପୁରସ୍କାର ପାଇବାରେ ଦେଶର ଏକମାତ୍ର ଏମ୍‌ସ

# ହୀରାକୁଦ ସାଜିଛି ଓଡ଼ିଶାର ସୁରକ୍ଷା କବଚ

ସମ୍ବଲପୁର, ୩।୮ (ସମିସ) : ହୀରାକୁଦ ନଦୀବନ୍ଧ ରୋକିପାରିଛି ପ୍ରଳୟଙ୍କରୀ ବନ୍ୟା, ବଞ୍ଚାଇଛି ହଜାର ହଜାର ଜୀବନ। କେବଳ ଥରେ ନୁହେଁ ବାରମ୍ବାର ହୀରାକୁଦ ସାଜିଛି ଓଡ଼ିଶାବାସୀଙ୍କ ସୁରକ୍ଷା କବଚ। ୨୦୦୧ ମସିହା କୁହନ୍ତୁ କିମ୍ବା ୨୦୦୩ ମସିହା, ସବୁବେଳେ ହୀରାକୁଦ ପାଣି ରୋକି ନିଜକୁ ବିପଦ ଘେରକୁ ଟାଣି ଆଣିଥିବାବେଳେ, ତଳମୁଣ୍ଡରେ କିନ୍ତୁ ଅମୂଲ୍ୟ ଜୀବନର ରକ୍ଷା କରି ଆସିଛି। ତଳମୁଣ୍ଡରେ ବନ୍ୟା ସ୍ଥିତି ସୁଧୁରିବାପରେ ପାଣି ଛାଡ଼ିଛି, ଯାହା କି ବନ୍ୟା ସ୍ଥିତି ଉପରେ କୌଣସି ପ୍ରଭାବ ପକାଇନାହିଁ। ଉପରମୁଣ୍ଡରେ ବର୍ଷା ସହ ଛତିଶଗଡ଼ର କଲମା ଡ୍ୟାମ୍ ସମସ୍ତ ଗେଟ୍ ଖୋଲି ପାଣି ଛାଡ଼ିଦେବାରୁ ଗତ ଜୁଲାଇ ୨୮ ତାରିଖରୁ ପ୍ରାୟ ୩ ଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଥିଲା। କ୍ରମାଗତ ଭାବେ ବଢ଼ିଚାଲିଥିଲା ଜଳସ୍ତର। ୩୦ ତାରିଖ ସକାଳ ୮ଟା ବେଳକୁ ଜଳସ୍ତର ୬୨୦ ଫୁଟ୍ ପହଞ୍ଚିଲାଣି। ଅନ୍ୟପକ୍ଷରେ, ନଦୀବନ୍ଧର ରୁଲ୍‌କର୍ଭ ଅନୁଯାୟୀ, ଜୁଲାଇ ୩୧ ତାରିଖ ସୁଦ୍ଧା ହୀରାକୁଦ ଜଳସ୍ତର ୬୦୭ ଫୁଟ୍ ରହିବା କଥା। ସେହି ସମୟରେ ଲଘୁଚାପ ବର୍ଷା ଯୋଗୁଁ ପୂର୍ବ ଓଡ଼ିଶାରେ ତଳମୁଣ୍ଡରେ ରହିଥିଲା ବନ୍ୟା ସ୍ଥିତି। ଖଇରମାଳରେ ୭.୯୮ ଲକ୍ଷ କ୍ୟୁସେକ୍ ଜଳପ୍ରବାହିତ ହେଉଥିବାବେଳେ ମୁଣ୍ଡଳୀଠାରେ ୮.୧୩ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ସମ୍ପୂର୍ଣ୍ଣ ଅଞ୍ଚଳ ବନ୍ୟାଜଳ ଘେରରେ ରହିଥିଲା। ଏପଟେ ମହାନଦୀ ଫୁଲି ଉଠିଥିଲା, ହୋଇଥିଲା ପୂର୍ଣ୍ଣଗର୍ଭା। ଏହି ସମୟରେ ଗେଟ୍ ଖୋଲି ଦେଇଥିଲେ, ମୁଣ୍ଡଳୀରେ ପ୍ରବାହିତ ହୋଇଥାନ୍ତା ପ୍ରାୟ ୧୨ ଲକ୍ଷ କ୍ୟୁସେକ୍ ଜଳ। ବନ୍ୟାରେ ଭାସି ଯାଇଥାନ୍ତା ଗାଁଗଣ୍ଡା, ଚାଲିଯାଇଥାନ୍ତା ଶହ ଶହ ଜୀବନ। ପୁଣି ଛାତି ଦେଖାଇ ଛିଡ଼ାହେଲା ହୀରାକୁଦ। ଉଲ୍ଲଂଘନ ହେଲା ରୁଲ୍ କର୍ଭ। ତଳମୁଣ୍ଡରେ ବନ୍ୟା ସ୍ଥିତି ନ ସୁଧୁରିବା ଯାଏ ଖୋଲା ରହିଲା କେବଳ ୨ଟି ଗେଟ୍। ୩୦ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଖଇରମାଳଠାରେ ପ୍ରବାହିତ ଜଳ ପରିମାଣ ୫ ଲକ୍ଷ କ୍ୟୁସେକ୍ ତଳକୁ ଖସିବାପରେ ହୀରାକୁଦ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଖୋଲିଲେ ୨୦ଟି ଗେଟ୍। ମୋଟ ୨୨ଟି ଗେଟ୍ ଦେଇ ହେଲା ବନ୍ୟାଜଳ ନିଷ୍କାସନ। ଅପରାହ୍ଣ ୩ଟାବେଳେ ଖଇରମାଳଠାରେ ପ୍ରବାହିତ ଜଳ ପରିମାଣ ୩ ଲକ୍ଷ କ୍ୟୁସେକ୍‌କୁ ହ୍ରାସ ପାଇଥିଲା। ଜଳସ୍ତର ସେତେବେଳେ ୬୨୫ ଫୁଟ୍‌କୁ ପହଞ୍ଚି ବଢ଼ି ଚାଲିଥିଲା। ପୁଣି ବନ୍ୟାଜଳ ରୋକି ଜୀବନ ବଞ୍ଚାଇଲା ପୃଥିବୀର ସର୍ବବୃହତ୍ ମାଟିବନ୍ଧ। ସୃଷ୍ଟିକଲା ଇତିହାସ, ସାଜିଲା ସୁରକ୍ଷା କବଚ।

ଏହାପୂର୍ବରୁ ୨୦୦୧ ମସିହାରେ, ଲଘୁଚାପ ଯୋଗୁଁ ହେଲା ଲଗାଣ ବର୍ଷା। ତଳମୁଣ୍ଡରେ ରହିଥିଲା ବନ୍ୟା ପରିସ୍ଥିତି। ବୁଡ଼ି ଯାଇଥିଲା ଅର୍ଦ୍ଧାଧିକ ଓଡ଼ିଶା। ପ୍ରଳୟଙ୍କରୀ ବନ୍ୟାରେ ଶତାଧିକ ଲୋକଙ୍କ ଜୀବନ ଯାଇଥିବା କୁହାଯାଉଛି। ସେତେବେଳେ ଜୁଲାଇ ୧୭ ତାରିଖ ମୁଣ୍ଡଳୀରେ ପ୍ରବାହିତ ହେଉଥିଲା ୧୧.୨୧ ଲକ୍ଷ କ୍ୟୁସେକ୍ ଜଳ। ହୀରାକୁଦ ନଦୀବନ୍ଧକୁ ପ୍ରବେଶ କରୁଥିଲା



୭.୯୨ କ୍ୟୁସେକ୍ ଜଳ। ହୀରାକୁଦ ଡ୍ୟାମ ବନ୍ୟାସ୍ଥିତି ଦେଖି ଗେଟ୍ ଖୋଲା ଯାଇ ନ ଥିଲା। ବଞ୍ଚିଗଲା ହଜାର ହଜାର ଜୀବନ। ଗେଟ୍ ଖୋଲି ଦେଇଥିଲେ ମୁଣ୍ଡଳୀରେ ବହିଥାନ୍ତା ପାଖାପାଖି ୧୯ ଲକ୍ଷ କ୍ୟୁସେକ୍ ଜଳ ବୋଲି କହିଛନ୍ତି କହିଛନ୍ତି ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଇଂ. ରବିନ୍ଦ୍ର ପଣ୍ଡା। ପୂର୍ବ ଓଡ଼ିଶା ବନ୍ୟାପ୍ଲାବିତ ହୋଇଥାନ୍ତା, ହଜାର ହଜାର ଜୀବନ ଯାଇଥାନ୍ତା। ହୀରାକୁଦ ଡ୍ୟାମ ବଞ୍ଚାଇଲା ଅମୂଲ୍ୟ ଜୀବନ। ତଳମୁଣ୍ଡରେ ଖଇରମାଳଠାରେ ଜଳସ୍ରୋତ ହ୍ରାସ ପାଇବାପରେ ଗେଟ୍ ଖୋଲି ପାଣି ଛଡ଼ାଯାଇଥିଲା। ସେହିପରି ୨୦୦୩ ମସିହାରେ ମୁଣ୍ଡଳୀରେ ୧୨.୧୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ହୀରାକୁଦ ଡ୍ୟାମରେ ପ୍ରବେଶ କରୁଥିଲା ୪ ଲକ୍ଷ କ୍ୟୁସେକ୍ ଜଳ। ବନ୍ୟା ଯୋଗୁଁ ପ୍ରାୟ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସେତେବେଳେ ୬୨୯.୫୪ ଫୁଟ୍ ଜଳସ୍ତର ପର୍ଯ୍ୟନ୍ତ ଅପେକ୍ଷା କରାଗଲା। ତଳମୁଣ୍ଡରେ ସ୍ଥିତି ସୁଧୁରିବା ପରେ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ସୁଦ୍ଧା ୫୪ଟି ଗେଟ୍ ଖୋଲି ଜଳ ନିଷ୍କାସନ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ଉପର ମୁଣ୍ଡରୁ ପ୍ରବଳପାଣି ଆସୁଥିଲେ ସୁଦ୍ଧା, ତଳମୁଣ୍ଡରେ ବନ୍ୟା ସ୍ଥିତି ଥିବାରୁ ୬୨୯ ଫୁଟ୍ ପର୍ଯ୍ୟନ୍ତ ହୀରାକୁଦ ଜଳ ରୋକିଥିଲା ଓ ଓଡ଼ିଶା ପାଇଁ ସୁରକ୍ଷା କବଚ ସାଜିଥିଲା। ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗ ଇଂ. ରବିନ୍ଦ୍ର ପଣ୍ଡା କହିଛନ୍ତି, ହୀରାକୁଦ ନଦୀବନ୍ଧ ହେବାପୂର୍ବରୁ ପ୍ରତି ୧୦ ବର୍ଷରେ ଆମେ ୮ଟି ବନ୍ୟାର ମୁକାବିଲା କରୁଥିବାବେଳେ ଡ୍ୟାମ ନିର୍ମାଣ ହେବାପରେ ତାହା ହ୍ରାସ ପାଇ ୧୦ ବର୍ଷରେ ୩.୩୩ ବନ୍ୟା ହେଉଛି। ପ୍ରାୟ ୬୭% ବନ୍ୟା କମିବା ସହ ବଡ଼ ବଡ଼ ବନ୍ୟାକୁ ମଧ୍ୟ ହୀରାକୁଦ ହ୍ରାସ କରିପାରିଛି ବୋଲି ସେ କହିଛନ୍ତି। ଯଦି ହୀରାକୁଦ ଜଳ ରୋକି ନ ଥାନ୍ତା, ତଳମୁଣ୍ଡରେ ବର୍ଷା ଯୋଗୁଁ ହେଉଥିବା ବନ୍ୟା ଏବଂ ଏହି ବନ୍ୟା ଜଳ ମିଶି ତାହା ପ୍ରଳୟଙ୍କରୀ ହୋଇଥାନ୍ତା।

# ବନ୍ଦହେଲା ହୀରାକୁଦର ୬ ଗେଟ୍, ୧୩ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୩।୮ (ସମିସ) : ହୀରାକୁଦ ଜଳସ୍ତର ୬୨୦ ଫୁଟ୍‌କୁ ଖସିଛି। ଉପରମୁଣ୍ଡରେ ବର୍ଷା ହ୍ରାସ ପାଇଥିବାବେଳେ ପ୍ରବେଶ ଜଳ ପରିମାଣ କମିଛି। ଗତକାଲି ହୀରାକୁଦ ନଦୀବନ୍ଧର ୩ଟି ଗେଟ୍ ବନ୍ଦ କରାଯାଇଥିବାବେଳେ ଆଜି ପର୍ଯ୍ୟାୟକ୍ରମେ ୬ଟି ବନ୍ଦ କରାଯାଇଛି, ବର୍ତ୍ତମାନ ୧୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିବାବେଳେ ଜୁଲାଇ ୧୯ ତାରିଖ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ବନ୍ୟାଜଳ ନିଷ୍କାସନ କରାଯାଉଛି। ହୀରାକୁଦର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ହୀରାକୁଦ ଜଳସ୍ତର ୬୦୭ ଫୁଟ୍ ରହିବା କଥା। ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୬୨ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୯ଟି ଏବଂ ଓ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୩ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୦୪୧ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୫୬,୮୧୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୨୦,୮୫୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୭୦୧ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୪୦୨୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୯,୫୧୬ କ୍ୟୁସେକ୍, ଖଇରମାଳଠାରେ ୩,୮୫,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୨୪,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୮୨,୮୬୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୫୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ଆଦୌ ବର୍ଷା ହୋଇନାହିଁ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୩।୮ (ସମିସ):




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ରିତ କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୯୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୧୦ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୮ଟି ଅଭିଯୋଗର ତତ୍କ୍ରାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବୃହାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାରେ ୬ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଜିତେନ୍ଦ୍ର ସେନାପତି, ଉମେଶ ଖିଲାର, ଶୁଭଲକ୍ଷ୍ମୀ ସାହୁ, ସ୍ୱସ୍ତିକ କୁମାର ମହାନ୍ତି, ବିପ୍ଳବ କୁମାର ଦାସ, ଏବଂ ରାଜକିଶୋର ସାହୁଙ୍କୁ ଜିଲ୍ଲାପାଳ ମାଗଣା ଲାପଟପ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ୍ ଉପସ୍ଥିତ ଥିଲେ।

## ଯାଜପୁର ଠିକାଦାର ସଙ୍ଘର ଧାରଣା

ବଡଚଣା,୩।୮ (ସମିସ): ଆଜି ଚଣ୍ଡିଖୋଲ ସ୍ଥିତ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଉପଖଣ୍ଡ ଠାରେ ୬ଦଫା ଦାବି ନେଇ ଯାଜପୁର ଠିକାଦାର ସଙ୍ଘର ଧାରଣା ଆରମ୍ଭ ହୋଇଛି। ଦାବୀ ବାବଦରେ କାର୍ଯ୍ୟ କରିଥିବା ଠିକାଦାର ମାନଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ, ସମସ୍ତ ବ୍ଲକମାନଙ୍କରେ କରାଯାଇଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ କାର୍ଯ୍ୟର ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, ଚଣ୍ଡିଖୋଲ ବିଭାଜନରେ ସ୍ଥାୟୀ ଏସଇ ତୁରନ୍ତ ନିଯୁକ୍ତି କରିବା, ପ୍ରତିମାସର ରକ୍ଷଣା ବେକ୍ଷଣ ମରାମତି କାର୍ଯ୍ୟର ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, ବିଗତ ବର୍ଷ ଯାଜପୁର ଜିଲ୍ଲାରେ ହଇଜା ବ୍ୟାପିଥିବା ସମୟରେ ବିଶୋଧନ କରାଯାଇଥିବା ନଳକୂପ ଓ ଜଳ ଯୋଗାଣ ପ୍ରକଳ୍ପର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପାନୀୟ ଜଳ ଯୋଗାଣ ର ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଆଦି ଦଫା ଦାବିରେ ଆଜି ଏହି ଧାରଣା ଆରମ୍ଭ ହୋଇଛି। ଏହି ଧାରଣାରେ ଯାଜପୁର ଜିଲ୍ଲାର ୧୦ଗୋଟି ବ୍ଲକ୍ ଠିକାଦାର ସଂଘ ଯୋଗଦେଇଛନ୍ତି। ବାଚେନ୍ଦ୍ର କୁମାର ମିଶ୍ର, ବିଶ୍ୱଜିତ୍ ବିଶ୍ୱାଳ, ଆକାଶ ମଲ୍ଲିକ, ଭୁଜିତ୍ ମହାରଣା ବ୍ରଜରାଜ କୁମାର ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, କୁଳମଣି ସେଠୀ, ବିଶ୍ୱନାଥ ପାଢ଼ୀ, ସୁରେଶ ଚନ୍ଦ୍ର ଜେନା ଦେବବ୍ରତ ସେଠୀ, ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା

ଧର୍ମଶାଳା,୩।୮ (ସମିସ): ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅସହାୟମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଝିଅର ଉଚ୍ଚଶିକ୍ଷା ଲାଗି ବାଡବାଟୀ ପଞ୍ଚାୟତ ବେଲେଶ୍ୱରା ଗ୍ରାମର ପ୍ରଭୋଦ କୁମାର ନାୟକ, ଝିଅ ବାହାଘର ନିମନ୍ତେ କଇଣ ଗ୍ରାମର ସରତ ମଲ୍ଲିକ, ମୃତ୍ତ ଫାଟିଯାଇଥିବା ନାଥୁଆବର ପଞ୍ଚାୟତ ଟାଙ୍ଗୁଆଓଙ୍ଗେ ଗ୍ରାମର ହରି ଭୂୟାଁ, ଅର୍ଥାଭ ଅନାଟନରେ ଥିବା ନାଥୁଆବର ପଞ୍ଚାୟତ ଆଦଦପୁର ଗ୍ରାମର ରାଣୀ ବାରିକ, ଉଚ୍ଚ ଶିକ୍ଷା ଲାଗି ନଥୁଆବର ପଞ୍ଚାୟତ ଟାଙ୍ଗୁଆଓଙ୍ଗେ ଗ୍ରାମର ଓମପ୍ରକାଶ ପରିଡା, ଘର ନିର୍ମାଣ ନିମନ୍ତେ ଟାଙ୍ଗୁଆଓଙ୍ଗେ ଗ୍ରାମର ନିରଞ୍ଜନ ପରିଡା, ସାହୁ ଚିକିତ୍ସା ନିମନ୍ତେ ସମ୍ପାର ପଞ୍ଚାୟତ ବାଦୁଆଁମୁଗୁରା ଗ୍ରାମର ରାଜେନ୍ଦ୍ର ଦେଉରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଞ୍ଚି ଆର୍ଥିକ ସହାୟତା ଦେଇଛନ୍ତି।

## ଚୋରି ବାଇକ୍ ଉଦ୍ଧାର; ୨ କୋର୍ଟଚାଲାଣ

କୁଆଖିଆ,୩।୮ (ସମିସ): କୁଆଖିଆ ଥାନା ଅନ୍ତର୍ଗତ ଗୋପାଳପୁର ଛକରୁ ଗତ ୨୭ ତାରିଖରେ ଚୋରି ହୋଇଥିବା ଏକ ବାଇକ୍‌କୁ କୁଆଖିଆ ପୁଲିସ ଉଦ୍ଧାର କରିଛି। ଏଥିସହିତ ସଂପୃକ୍ତ ଦୁଇ ଅଭିଯୁକ୍ତ ମଧ୍ୟ ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ୨୭ ତାରିଖରେ ଗୋପାଳପୁର ଛକରୁ ତାଙ୍କର ହିରୋ ବାଇକ୍ ଚୋରି ହୋଇଥିବା ସଂପର୍କରେ ଗୋପାଳପୁର ଗ୍ରାମର ସଞ୍ଜୟ ଗୁଇଁ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ଏକ ମାମଲା (କେସ୍ ନଂ- ୩୩୪/୨୬) ରୁଜୁ କରି ତଦନ୍ତ କରୁଥିଲା। ଆଜି କୁଆଖିଆ ବଜାରରେ ଏହି ବାଇକ୍ ଧରି ଗୋପାଳପୁର ଗ୍ରାମର ଜ୍ୟୋତିରଞ୍ଜନ ବେହେରା (୨୨) ବୁଲୁଥିବା ଖବର ପାଇ ପୋଲିସ ଚଢ଼ଉ କରି ଉକ୍ତ ବାଇକ୍ ଜବତ କରିବା ସହ ତାକୁ ଗିରଫ କରିଥିଲା। ଜ୍ୟୋତିରଞ୍ଜନ ଠାରୁ ସୁଚନା ପାଇ ବାଇକ୍ ଚୋରିରେ ସଂପୃକ୍ତ ଥିବା ଅନ୍ୟତମ ଅଭିଯୁକ୍ତ ସେହି ଗ୍ରାମର ରଞ୍ଜନ କୁମାର ସାମଲକୁ ମଧ୍ୟ ତାର ଘରୁ ଗିରଫ କରିଥିଲା। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଏସଆଇ ନରେନ ଦାସ ଘଟଣାର ତଦନ୍ତ କରୁଛନ୍ତି।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦରର ଆଲୋଚନାଚକ୍ର

ଧର୍ମଶାଳା,୩।୮ (ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଆନୁକୁଲ୍ୟରେ 'ଭାରତୀୟ ସଂସ୍କୃତି ଓ ମହର୍ଷି ବ୍ୟାସଦେବ' ଶୀର୍ଷକ ଆଲୋଚନାଚକ୍ର ନିକଟସ୍ଥ ଜାରକା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ନୃସିଂହ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସଂଯୋଜକ ଡ.ସନ୍ତୋଷ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ପଣ୍ଡିତ କାମଦେବ ଶତପଥି, ସମ୍ମାନିତ ଅତିଥି ଭାବେ କଥାକାର ଅର୍ଜୁନ ଚରଣ ପୃଷ୍ଟି ଓ ଯୁବକବି ସଂଗ୍ରାମ କେଶରୀ ଜେନା ଯୋଗ ଦେଇ ବ୍ୟାସଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା କାହ୍ନୁଚରଣ ଦାଶ, ଅବସର ସଂପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଶିକ୍ଷାବିତ ଅନନ୍ତ କିଶୋର ମହାନ୍ତି, ଆଡଭୋକେଟ ରାମଚନ୍ଦ୍ର ରାୟ, ବେଣୁଧର ନାୟକ, ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ଦେବତା, ଅଧ୍ୟାପକ ବିଜୟ ନାୟକ, ସାମ୍ବାଦିକ ବିକ୍ରମ କେଶରୀ ମହାନ୍ତି, ବିବେକାନନ୍ଦ ରାୟ, ସତ୍ୟାନନ୍ଦ ପ୍ରଧାନ, କବୟିତ୍ରୀ ସବିତା ମିଶ୍ର, ସରୋଜିନୀ ପଣ୍ଡା, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମାଜସେବୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ଚିତ୍ତରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ରଶ୍ମୀ ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

## ବରୁଣେଶ୍ୱର କ୍ଷେତ୍ରରେ କାଉଡ଼ିଆଙ୍କ ଭିଡ଼

ବିଞ୍ଝାରପୁର,୩।୮ (ସମିସ): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତସ୍ଥିତ ବାବା ବରୁଣେଶ୍ୱର ମନ୍ଦିରରେ ଶ୍ରାବଣର ତୃତୀୟ ସୋମବାର ଅବସରରେ କାଉଡ଼ିଆ ଭକ୍ତଙ୍କ ବ୍ୟାପକ ସମାଗମ ପରିଲକ୍ଷିତ ହୋଇଥିଲା। ବନ୍ୟା ପରିସ୍ଥିତି ଯୋଗୁଁ ପ୍ରସିଦ୍ଧ ବାବା ଆଖଣ୍ଡଳମଣି ପୀଠକୁ କାଉଡ଼ିଆଙ୍କ ଯାତ୍ରା ଉପରେ କଟକଣା ଲାଗିଥିବାରୁ ବହୁ ସଂଖ୍ୟକ ଭକ୍ତ ବରୁଣେଶ୍ୱର



ପୀଠକୁ ଜଳଲାଗି ପାଇଁ ଆସିଥିଲେ। ଫଳରେ ମନ୍ଦିର ପରିସର ଭକ୍ତଙ୍କ ଭିଡ଼ରେ ଚଳଚଞ୍ଚଳ ହୋଇଉଠିଥିଲା। ବିଶେଷକରି କୁନି କୁନି କାଉଡ଼ିଆ ଏବଂ ମହିଳା କାଉଡ଼ିଆଙ୍କ ସକ୍ରିୟ ଅଂଶଗ୍ରହଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଭକ୍ତ ଓ କାଉଡ଼ିଆଙ୍କ ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ମନ୍ଦିର ପରିସରରେ ଉପସ୍ଥିତ ରହି ବ୍ୟବସ୍ଥାର ତଦାରଖ କରିଥିଲେ। ଶାନ୍ତିପୂର୍ଣ୍ଣ ପରିବେଶରେ କାଉଡ଼ିଆମାନେ ବାବା ବରୁଣେଶ୍ୱରଙ୍କ ଶିବଲିଙ୍ଗରେ ଜଳଲାଗି କରି ଗଭୀର ଆଧ୍ୟାତ୍ମିକ ଆନନ୍ଦ ପ୍ରକାଶ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମ୍ମିଳନୀ

ଯାଜପୁର,୩।୮ (ସମିସ): ଯାଜପୁର ବରିଷ୍ଠ ନାଗରିକ ସଂଘର ଦ୍ୱାଦଶ ସାଧାରଣ ସମ୍ମିଳନୀ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଗ୍ରାମ୍ୟ ଉନ୍ନୟନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରିତ ମୁଖ୍ୟଅତିଥି ରାଜ୍ୟ ବରିଷ୍ଠ ମହାସଂଘର ସଭାପତି ଡ. ପ୍ରଶନ୍ନ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦ ମହାନ୍ତି ଓ ଯାଜପୁର ବରିଷ୍ଠ ନାଗରିକ ମିଳିତ ମଞ୍ଚର ସଭାପତି ଗୟାଧର ପଣ୍ଡା ଉପସ୍ଥିତି ଥିଲେ। ଯାଜପୁର ବରିଷ୍ଠ ନାଗରିକ ସଭ୍ୟ ଓ ଯାଜପୁର ଜିଲ୍ଲାର ସମସ୍ତ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରବୋଧ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜିଲ୍ଲାର ଚଣ୍ଡିଖୋଲ, ଜାରକା, ରସୁଲପୁର, ପାଣିକୋଇଲି, ବରୁହାଁ, ଝାଡଙ୍ଗା, ଶଙ୍ଖଚିଲା, ସୁକିନ୍ଦା, ସିଂହପୁର ଓ ଫତେପୁରରେ ଥିବା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆଗାମୀ ତିନିବର୍ଷ ପାଇଁ ନିର୍ବାଚନ ହୋଇଥିଲା। ନୃସିଂହ ଚରଣ ମହାପାତ୍ର ସଭାପତି, ଉଦୟ ନାରାୟଣ ପରିଡ଼ା ଉପସଭାପତି, ପ୍ରବୋଧ କୁମାର ନାୟକ ସମ୍ପାଦକ, ବୃନ୍ଦାବନ ମିଶ୍ର ସହସମ୍ପାଦକ, ମିହିର କୁମାର ନାୟକ କୋଷାଧ୍ୟକ୍ଷ, ନିରୁପମା ମହାନ୍ତି, ବିଷ୍ଣୁ ଚରଣ ବେହେରା, ନିଶିଥ୍ କୁମାର ଦାସ, ବିଷ୍ଣୁ ଚରଣ ଲେଙ୍କା, ଧନଞ୍ଜୟ କେଶରୀ ରାଉରାୟ, କ୍ଷୀରୋଦ ଚନ୍ଦ୍ର ପାଠୀ, ପ୍ରଦୀପ କୁମାର ଦାସ, ଶିଶିର କୁମାର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ଧୀରେନ୍ଦ୍ର କୁମାର ପରିଡ଼ା, ଉମର ଅଲ୍ଲି ଖାଁ, ମଧୁସୂଦନ ମହାନ୍ତି ସଭ୍ୟରୂପେ ସର୍ବସମ୍ମତିକ୍ରମେ ନିର୍ବାଚିତ ହେଲେ। ଅନ୍ୟମାନଙ୍କ ମଧ୍ୟରେ ଭରତ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ, ପ୍ରମୋଦ କୁମାର ନାୟକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ବିରଞ୍ଚିନାରାୟଣ ଧଳ, କେଶବ ଚନ୍ଦ୍ର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ସଭ୍ୟ ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ପଛରେ ବସ୍ ଧକ୍କା

ପାଣିକୋଇଲି,୩।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ପଥପ୍ରାଥ ସୁବିଧା କେନ୍ଦ୍ର ନିକଟରେ ଆଜି ସକାଳ ସମୟରେ ଏକ ହାଇୱା ପଛରେ ବସ ଧକ୍କା ହୋଇଥିଲେ ହେଁ ଅଳ୍ପକେ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଜଗାକାଳିଆ ନାମକ ଏକ ଘରୋଇ ବସ୍ (ଓଡି୨୨ସି୫୭୮୩) ଯାଉଥିବା ବେଳେ ଷଠିପୁର ଠାରେ ଏକ ହାଇୱା ପଛରେ ପିଟି ହୋଇଥିଲା। ଦୁର୍ଘଟଣା ପରେ ହାଇୱାଟି ଫେରାର ହୋଇଯାଇଥିବା ବେଳେ ବସ୍‌ର ଯାତ୍ରୀ ମାନେ ସୁରକ୍ଷିତ ରହିଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଜାରକା ବିଟ୍‌ହାଉସ ଛାତରୁ ଗଳୁଛି ବର୍ଷା ପାଣି

ଧର୍ମଶାଳା,୩।୮ (ସମିସ): କ୍ରମବର୍ଦ୍ଧିଷ୍ଣୁ ଜାରକା ବଜାରର ସୁରକ୍ଷା ତଥା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥିବା ଜାରକା ବିଟ୍‌ହାଉସ୍ ଏବେ ନିଜର ସୁରକ୍ଷା ଲୋଡୁଛି। ଏହି ପୁରାତମ ବିଟ୍‌ହାଉସ୍ ଦୁର୍ବଳ ହୋଇଯାଇଥିବାରୁ ଏହାର ଛାତରୁ ପାଣି ଗଳୁଛି। ୨୦୦୩ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଟ୍‌ହାଉସ୍ ଏହା ମଧ୍ୟରେ ୨୩ ବର୍ଷ ବିତିଗଲାଣି, କିନ୍ତୁ ମରାମତି ହୋଇନାହିଁ। ଫଳରେ ବିଟ ହାଉସ କାର୍ଯ୍ୟାଳୟ ଗୃହର ଛାତ ଦୁର୍ବଳ ହୋଇପଡ଼ିଛି। ଅଧିକ ବର୍ଷା ହେବା ବେଳେ ବିଟ୍‌ହାଉସ କାର୍ଯ୍ୟାଳୟରେ ରହି କାମ କରିବା କଷ୍ଟକର ହୋଇପଡିଛି। ଅନ୍ୟପଟେ ଜାରକା ଏକ ସମ୍ବେଦନଶୀଳ ଅଞ୍ଚଳ। ଏଠାକାର ବିଟ୍‌ହାଉସରେ ଜଣେ ଅଧିକାରୀ ସମେତ ୧୦ ଜଣ କନଷ୍ଟେବଳ ନିଯୁକ୍ତି ପାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଏବେ ଏଠାରେ ଜଣେ ଏଏସଆଇ ଓ ୩ ଜଣ କନଷ୍ଟେବଳରେ ବିଟ୍‌ହାଉସ ଚାଲିଛି। ଅଳ୍ପ ସଂଖ୍ୟକ ପୁଲିସ କର୍ମଚାରୀରେ ଜାରକା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସେମାନଙ୍କ




ପାଇଁ କଷ୍ଟକର ହୋଇପଡ଼ିଛି। ଅନ୍ୟପଟେ ଏହି ବିଟହାଉସ ଅଧୀନରେ ଜାରକା, କୁମାରୀ, ଗଙ୍ଗାଧରପୁର ପଞ୍ଚାୟତ ସମ୍ପୂର୍ଣ୍ଣ ରହୁଥିବା ବେଳେ ଚହଟା ଓ ଚୋରମୁହାଁ ପଞ୍ଚାୟତର ଆଂଶିକ ରହିଛି। ଏହି ସବୁ ଅଞ୍ଚଳ ପାଇଁ ଏଠାରେ ଅତିକମରେ ୨ ଜଣ ମହିଳା କନଷ୍ଟେବଳ ନିଯୁକ୍ତି କରିବାର ଆବଶ୍ୟକତା ରହିଛି। ହେଲେ ମହିଳା କନଷ୍ଟେବଳ ତ ଦୂରର କଥା ଏଠାରେ ଆବଶ୍ୟକୀୟ ପୁରୁଷ କନଷ୍ଟେବଳ ନଥିବା ଦେଖିବାକୁ ମିଳିଛି। ସେହିପରି ଏହା ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବା ବେଳେ ବିଟ୍‌ହାଉସରେ କୌଣସୀ ପୁଲିସ ଭ୍ୟାନ୍ ମଧ୍ୟ ନାହିଁ। ଏସବୁକୁ ନଜରରେ ରଖି ତୁରନ୍ତ ବିଟ୍‌ହାଉସ ଗୃହ ମରାମତି ସହିତ ଆବଶ୍ୟକୀୟ କର୍ମଚାରୀ ଓ ପୁଲିସ ଭ୍ୟାନ ଯୋଗାଇ ଦେବା ପାଇଁ ଯାଜପୁର ଏସ୍‌ପିଙ୍କୁ ଦାବି କରାଯାଇଛି।

## ବଡ଼ମା'ଙ୍କର ଶୁଭ ଆବିର୍ଭାବ ଦିବସ

ଧର୍ମଶାଳା,୩।୮ (ସମିସ): ଧର୍ମଶାଳା ସତ୍‌ସଙ୍ଗ କେନ୍ଦ୍ରରେ ଶ୍ରୀଶ୍ରୀ ବଡ଼ମା'ଙ୍କର ଶୁଭ ୧୩୩ ତମ ଅବିର୍ଭାବ ଦିବସ ପାଳିତ ହୋଇଯାଇଛି। ଗୁରୁଭାଇ, ଗୁରୁ ମା'ମାନେ ବ୍ରାହ୍ମ ମୁହୂର୍ତ୍ତରୁ ଭଜନ କୀର୍ତ୍ତନ କରିବା ସହିତ ଠାକୁରଙ୍କର ପ୍ରାତଃ ବିନତୀ ପ୍ରାର୍ଥନା ସଦଗ୍ରନ୍ଥ ପାଠ କରିଥିଲେ। ଏହି ଅବସରରେ ଠାକୁରଙ୍କର ଶ୍ରୀହସ୍ତ ଲିଖିତ ସତ୍ୟାନୁସରଣ ଓ ଶ୍ରୀମୁଖ ନିଃସୃତ ନାରୀନୀତି ଗ୍ରନ୍ଥ ପାଠ କରାଯାଇଥିଲା। ଅପରାହ୍ନରେ ମାତୃ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ପ୍ରାର୍ଥନା, ଧ୍ୟାନ, ନାମଜପ, ବାଣୀପାଠ ସହିତ ସଂଗୀତାଞ୍ଜଳି ପରିବେଷଣ କରାଯାଇଥିଲା। ଧର୍ମଶାଳା ସତ୍‌ସଙ୍ଗ କେନ୍ଦ୍ରର ସଭାପତି ଋତିକ ରାମଚନ୍ଦ୍ର ସାହୁଙ୍କର ପୌରୋହିତ୍ୟରେ ଠାକୁରଙ୍କ ସତସଙ୍ଗ ସଦାଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସହପ୍ରତି ଋତିକ ବିଷ୍ଣୁଚରଣ ସାମଲ, କୃଷ୍ଣପ୍ରସାଦ କର, ରମେଶଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

## ଉତ୍କଳ ସମ୍ମିଳନୀ ଯାଜପୁର ଶାଖାର ପୁନର୍ଗଠନ

ମଙ୍ଗଳପୁର,୩।୮ (ସମିସ): ଉତ୍କଳ ସମ୍ମିଳନୀର ଯାଜପୁର ଶାଖାର ପୁନର୍ଗଠନ କାର୍ଯ୍ୟକ୍ରମ ଦଶରଥପୁରସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ପୌରୋହିତ୍ୟ ଓ ଆବାହକ କବି ଗୋପାଳ ଚନ୍ଦ୍ର ସାମଲଙ୍କ ଉଦ୍ୟମରେ ଆୟୋଜିତ ଏହି ସଭାରେ ୩୦ରୁ ଅଧିକ ବୁଦ୍ଧିଜୀବୀ, କବି, ଗୀତିକାର, ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ପ୍ରାଧ୍ୟାପକ ଦିଲୀପ କୁମାର ପ୍ରଧାନଙ୍କୁ ଉତ୍କଳ ସମ୍ମିଳନୀ ଯାଜପୁର ଶାଖାର ସଭାପତି, କବି ଡ. ବିଜୟମୋହନ ରାୟଙ୍କୁ ସମ୍ପାଦକ ଏବଂ ଡ. ଅଭୟ କୁମାର ସାହୁଙ୍କୁ ସଂଗଠନ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ, କର୍ମ ଓ ଅବଦାନ ଉପରେ ଆଲୋଚନା କରିଥିଲେ। ଦୁର୍ଗା ପ୍ରସାଦ ଦାସ, ଶରତ ଚନ୍ଦ୍ର ସାହୁ, ନାରାୟଣ ଦାସ, ଭାରତୀ ସାହୁ, ମନୀଷ ସାହୁ, ପ୍ରସନ କୁମାର ପୋଥାଳ ଉପସ୍ଥିତ ଥିଲେ। ଶେଷରେ ମଧୁବାବୁଙ୍କ ସ୍ମୃତିରେ ଏକ କ୍ଷୁଦ୍ର କବିତା ଆସର ଅନୁଷ୍ଠିତ ହୋଇଥିଲା।

## ଜିନ୍ଦଲ୍ ଷ୍ଟେନଲେସ୍‌କୁ ତିନୋଟି ପୁରସ୍କାର

ଦାନଗଦି,୩।୮ (ସମିସ): ଜିନ୍ଦଲ୍ ଷ୍ଟେନଲେସ୍‌ର ଯାଜପୁର ୟୁନିଟ୍ ଗୁଣବତ୍ତା ପରିଚାଳନା କ୍ଷେତ୍ରରେ ପୁଣି ଏକ ସଫଳତା ହାସଲ କରିଛି। ପୁଣେରେ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ, ପୁଣେ ଚାପ୍ଟର ପକ୍ଷରୁ ଆୟୋଜିତ ଟୋଟାଲ୍ କ୍ୱାଲିଟି ମ୍ୟାନେଜମେଣ୍ଟ କନଭେନ୍ସନ୍-୨୦୨୬ରେ ୟୁନିଟ୍ ତିନୋଟି ସମ୍ମାନଜନକ ପୁରସ୍କାର ହାସଲ କରିଛି। ଜୁଲାଇ ୧୮ ରେ ଆୟୋଜିତ ଏହି ଜାତୀୟସ୍ତରୀୟ କନଭେନ୍ସନ୍‌ରେ ଅଟୋ ମୋବାଇଲ୍, ଇଞ୍ଜିନିୟରିଂ, ନିର୍ମାଣ, ଉପଭୋକ୍ତା ସାମଗ୍ରୀ, ବୟନ, ଇସ୍ପାତ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୩୦ଟି ଅଗ୍ରଣୀ ସଂସ୍ଥାର ୧୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ୍ ଷ୍ଟେନଲେସ୍‌ର ଦଳଗୁଡ଼ିକ କାର୍ଯ୍ୟକ୍ଷମତା ବୃଦ୍ଧି, ପ୍ରକ୍ରିୟାର ସରଳୀକରଣ ଏବଂ ଉତ୍ପାଦର ଗୁଣବତ୍ତା ଉନ୍ନତି ଉପରେ ଆଧାରିତ ଲିନ୍ ସିକ୍ସ ସିଗ୍ମା ପ୍ରକଳ୍ପ ଉପସ୍ଥାପନ କରି ଏହି ସମ୍ମାନ ହାସଲ କରିଛନ୍ତି। ଏହି ଅବସରରେ ଜିନ୍ଦଲ୍ ଷ୍ଟେନଲେସ୍ ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି ଯେ, ଏହି ସଫଳତା ଦଳର ବୈଷୟିକ ଦକ୍ଷତା, ନବସୃଜନ ପ୍ରତି ଆଗ୍ରହ ଏବଂ ନିରନ୍ତର ଉନ୍ନତି ପାଇଁ ଥିବା ପ୍ରତିବଦ୍ଧତାର ପ୍ରମାଣ। ସଂସ୍ଥା ସର୍ବଦା ଗୁଣବତ୍ତା ବୃଦ୍ଧି ଓ ନବୀନ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଇଆସୁଛି ବୋଲି ସେ କହିଥିଲେ।




ଏହି ସଫଳତା ପାଇଁ ସେ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିନ୍ଦଲ୍ ଷ୍ଟେନଲେସ୍‌ର ଯାଜପୁର ୟୁନିଟ୍‌ରେ ବର୍ତ୍ତମାନ ୨୭୦ରୁ ଅଧିକ କ୍ୱାଲିଟି ସର୍କଲ୍ ଟିମ୍ କାର୍ଯ୍ୟ କରୁଥିବାବେଳେ, ୨,୦୦୦ରୁ ଅଧିକ କର୍ମଚାରୀ ଏଥିରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି। ଏହି ପୁରସ୍କାରଗୁଡ଼ିକ ଜିନ୍ଦଲ୍ ଷ୍ଟେନଲେସ୍‌ର ଟୋଟାଲ୍ କ୍ୱାଲିଟି ମ୍ୟାନେଜମେଣ୍ଟ, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ନିରନ୍ତର ଉନ୍ନତି ପ୍ରତି ଥିବା ଦୃଢ଼ ଅଙ୍ଗୀକାରର ଆଉ ଏକ ମାଇଲଖୁଣ୍ଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଆଇନଜୀବୀ ମୋହନ ମହନ୍ତଙ୍କ ସ୍ମୃତିସଭା

ବଡଚଣା,୩।୮ (ସମିସ): ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ବରିଷ୍ଠ ସଭ୍ୟ ଆଇନଜୀବୀ ମୋହନ କୁମାର ମହନ୍ତଙ୍କ ହୃଦ୍‌ଘାତ ଜନିତ ପରଲୋକରେ ବାର ଆସୋସିଏସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଚଣ୍ଡିଖୋଲ କୋର୍ଟ ଓ ଦର୍ପଣ ତହସିଲର ବିଭିନ୍ନ ଅଦାଲତରେ ଦେୱାନି, ଫୌଜଦାରୀ ଓ ରାଜସ୍ୱ ମାମଲା ପରିଚାଳନା କରୁଥିଲେ। ବାର ଆସୋସିଏସନ ହଲରେ ଆସୋସିଏସନର ସଭାପତି




ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡନାୟକ, ସବଜଜ୍ ବିଶ୍ୱଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ, ଅତିରିକ୍ତ ଜେଏମ୍‌ଏଫ୍‌ସି ଶ୍ରୁତି ଅଭିଳାଷାଙ୍କ ସମେତ ବାର ଆସୋସିଏସନର ପୂର୍ବତନ ସଭାପତି ପ୍ରତାପ କୁମାର ଦାସ, ଶରତ କୁମାର ଷଡ଼ଙ୍ଗୀ, ରେଣୁବାଳା ମହାନ୍ତି, ସୁରେଶ ଚନ୍ଦ୍ର ପଣ୍ଡା, ଜନ ବେହେରା, ଉପସଭାପତି ଜ୍ଞାନେଶ୍ ମହାନ୍ତି, ପୂର୍ବତନ ଉପସଭାପତି ଶ୍ରୀକାନ୍ତ ବଳ ଓ ନିରଞ୍ଜନ ସାମଲ, ଯୁଗ୍ମସଂପାଦକ ସୁବଳ କବି, ପୁର୍ବତନ ଯୁଗ୍ମସଂପାଦକ କିଶୋର ନାୟକ ଓ ଶିରିଷ ସାମଲ, କୋଷାଧକ୍ଷ ବେବିନା ଓଝା, ପ୍ରିୟ ଗୋବିନ୍ଦ ଦାସ, ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ସାଂସ୍କୃତିକ ସମ୍ପାଦକ ବିରେନ୍ ବିଶ୍ୱାଳ, ସରକାରୀ ଓକିଲ ନଳିନୀକାନ୍ତ ମିଶ୍ର ଓ ଅଶୋକ ଜେନା, କୈଳାଶ ଚନ୍ଦ୍ର ସାମଲ, ମନୋଜ ଦାଶ, ଜ୍ୟୋତି ଶଙ୍କର ମହାପାତ୍ର, ଶ୍ୟାମ ପ୍ରସାଦ ଦାଶ, ଲୋମାରାଣୀ ନାୟକ, ସତ୍ୟବ୍ରତ ସିଂହ, ସରୋଜ ସାହୁ, ବିଜୟ ରାଉଳ, ସାଗରିକା ମଲିକ୍, ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ।

## ବିଦ୍ୟୁତ କାଟ ଯୋଗୁଁ ବ୍ୟାଙ୍କ ସେବା ପ୍ରଭାବିତ

ଯଖପୁରା,୩।୮ (ସମିସ): ପଙ୍କପାଳ ବଙ୍ଗଳା ଛକରେ ଥିବା ୟୁନିଅନ ବ୍ୟାଙ୍କ ନିଜର ଗ୍ରାହକ ମାନଙ୍କୁ ଉତ୍ତମ ସେବାରେ ଯୋଗାଇ ଦେବାରେ ଅସମର୍ଥ ହୋଇଛି। ବିଦ୍ୟୁତ କାଟ ଯୋଗୁଁ ବ୍ୟାଙ୍କ ବନ୍ଦ ରହୁଛି। ଯାହାଫଳରେ ବହୁ ସଂଖ୍ୟାରେ ବ୍ୟାଙ୍କ ଗ୍ରାହକ ବ୍ୟାଙ୍କ ବନ୍ଦ ଥିବାରୁ ହତାଶ ହୋଇ ଫେରିଯାଇଛନ୍ତି। ବ୍ୟାଙ୍କରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ମାତ୍ରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ପୂର୍ବରୁ ଏହି ଅସୁବିଧା କାରଣରୁ ଗ୍ରାହକ ମାନେ ବହୁ ସମୟ ଅପେକ୍ଷା କରି ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରୁଥିଲେ। ଯେତେ ପ୍ରକାରର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ କାଟ ସମୟରେ ଜେନେରେଟରର ବ୍ୟବସ୍ଥା କରାନଯାଇ କେବଳ ବିଦ୍ୟୁତ ସେବା ଉପରେ ଦୋଷ ଲଦି ଦେଇଥାନ୍ତି। ଆଖପାଖ ଅଞ୍ଚଳର ୧୦କିଲୋମିଟର ମଧ୍ୟରେ କୌଣସି ବ୍ୟାଙ୍କ ନଥିବା ଓ ଜାତୀୟ ରାଜପଥ ପାଶ୍ୱର୍ରେ ଥିବାରୁ ବଙ୍ଗଳା ଛକରେ ଥିବା ୟୁନିଅନ ବ୍ୟାଙ୍କର ଗୁରୁତ୍ୱ ଅଧିକ ହୋଇପଡ଼ିଛି। ସାଧାରଣରେ ଏହି ବ୍ୟାଙ୍କକୁ ଯେତିକି ଗୁରୁତ୍ୱ ଦିଆଯାଉଛି ସେହି ତୁଳନାରେ ବ୍ୟାଙ୍କ ତାର ଗ୍ରାହକମାନଙ୍କର ଗୁରୁତ୍ୱ ବହନ କରୁନାହିଁ। ଅନେକ ସମୟରେ କର୍ମଚାରୀ ଅଭାବରୁ ଗ୍ରାହକ ମାନଙ୍କୁ ବହୁ ସମୟ ଧରି ବ୍ୟାଙ୍କରେ ନିଜ କାର୍ଯ୍ୟ ପାଇଁ ଅପେକ୍ଷା କରିବାକୁ ପଡୁଛି। ସେହିପରି ୟୁନିଅନ ବ୍ୟାଙ୍କ ପାଶ୍ୱର୍ରେ ଥିବା ନିଜର ବହୁ ବର୍ଷର ପୁରୁଣା ଏଟିଏମ ଦୀର୍ଘ ଦିନ ଧରି ଚାଲୁଥିବା ବେଳେ ଅନେକ ସମୟରେ ଏଟିଏମଟି ବନ୍ଦ ରହୁଥିଲା। ବନ୍ଦ ରହୁଥିବା ଏଟିଏମ ବିଷୟରେ 'ସକାଳ' ରେ ପ୍ରକାଶ ପାଇବା ପରେ ତୁରନ୍ତ ଏକ ନୂତନ ଅତ୍ୟାଧୁନିକ ଏଟିଏମ ସ୍ଥାପନ କରାଗଲା। ଯାହା ଉତ୍ତମ ସେବା ଯୋଗାଇ ଦେବାରେ ସଫଳ ହୋଇଛି। ମାତ୍ର ବିଦ୍ୟୁତ କାଟ ସମୟରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ବେଳେ ଏଟିଏମ ମଧ୍ୟ ବନ୍ଦ ରହୁଛି। ଜାତୀୟ ରାଜପଥ ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ର ପ୍ରବେଶପଥରେ ଥିବା ଏହି ୟୁନିଅନ ବ୍ୟାଙ୍କ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# କୁମ୍ଭୀରଗାଡ଼ିଆରେ ମେଗା ସ୍ୱାସ୍ଥ୍ୟ ଶିବିର

ଦାନଗଦି,୩।୮ (ସମିସ):

ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ଜିନ୍ଦଲ ଷ୍ଟେନଲେସର ସିଏସ୍‌ଆର ଶାଖା ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ପକ୍ଷରୁ ଯାଜପୁର ଜିଲ୍ଲାର କୁମ୍ଭୀରଗଡ଼ିଆ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଟିକର, କୁମ୍ଭୀରଗଡ଼ିଆ, ଜଗାଡିହି ଏବଂ ଦାମୋଦରପୁର ଅଞ୍ଚଳର ପ୍ରାୟ ୩୧୦ ଜଣ ଗ୍ରାମବାସୀ ମାଗଣାରେ ସମନ୍ୱିତ ସ୍ୱାସ୍ଥ୍ୟସେବାର ସୁବିଧା ପାଇଥିଲେ। ଶିବିରରେ ଗ୍ରାମବାସୀଙ୍କୁ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ, ନିଦାନ, ଲାବରେଟୋରୀ ପରୀକ୍ଷା ଏବଂ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା। ଜେନେରାଲ ମେଡିସିନ୍, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ଏବଂ ଚକ୍ଷୁ ରୋଗ ବିଭାଗର ଚାରିଜଣ ବିଶେଷଜ୍ଞ ଡାକ୍ତରଙ୍କ ସହ ଅଭିଜ୍ଞ ପାରାମେଡିକାଲ୍ କର୍ମଚାରୀମାନେ ବିଭିନ୍ନ ବୟସ ବର୍ଗର



ରୋଗୀଙ୍କୁ ପରାମର୍ଶ, ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ।

ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ ଏ ନେଇ କହିଛନ୍ତି, "ନିରାମୟ' ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ପଡ଼ୋଶୀ ସମୁଦାୟମାନଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ପହଞ୍ଚ ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟସେବାର ମୁଖ୍ୟ ଅଭାବଗୁଡ଼ିକୁ ଦୂର କରିବା ପାଇଁ ପ୍ରତିବଦ୍ଧ। ନିଜର ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ଜିନ୍ଦଲ ଷ୍ଟେନଲେସ୍ ହୁଡିସାହି, ଦାନଗଦିରେ ଅବସ୍ଥିତ ତାହାର ଷ୍ଟାଟିକ୍ ହେଲ୍ଥ କ୍ଲିନିକ୍ ମାଧ୍ୟମରେ ଆଖପାଖର ୧୫ଟି ଗ୍ରାମକୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ପୂର୍ବରୁ ସୁକିନ୍ଦା ବ୍ଲକର ବାମ୍ବିଲୋ ଏବଂ ଦାମୋଦରପୁର ଗ୍ରାମରେ ଆୟୋଜିତ ସମାନ ସ୍ୱାସ୍ଥ୍ୟଶିବିର ମାଧ୍ୟମରେ ପ୍ରାୟ ୭୦୦ ଜଣ ଗ୍ରାମବାସୀ ଉପକୃତ ହୋଇଥିଲେ। ସ୍ୱାସ୍ଥ୍ୟ ଶିବିରକୁ କୁମ୍ଭୀରଗଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ବିନୋଦ କୁମାର ଦଳେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରତିନିଧି ଲକ୍ଷ୍ମୀବଲ୍ଲଭ ସାମଲ, ପ୍ରଶାନ୍ତ କୁମାର ଜେନା ଓ ବଳରାମ ଆଇଚ ଏବଂ ଜିନ୍ଦଲ ଷ୍ଟେନଲେସର ସିଏସ୍‌ଆର ବିଭାଗର ସୁକାନ୍ତ ରଥ ଉପସ୍ଥିତ ଥିଲେ। କୁମ୍ଭୀରଗଡ଼ିଆର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ପରିଚାଳିତ ଟେଲରିଂ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଏବେ ବି ଶୁଖିନି ଘା'; ଅଣ୍ଟା ସଳଖୁଛନ୍ତି ବିପନ୍ନ





## ବନ୍ୟାଞ୍ଚଳରେ ପହଞ୍ଚିପାରୁନି ରିଲିଫ

**ଯାଜପୁର, ୩।୮(ସମିସ):** ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟା ଛାଡିଯାଇଛି ସତ କିନ୍ତୁ ବିପନ୍ନଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଜିଲ୍ଲାର ୮ଟି ବ୍ଲକ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଏବେ ବି ଅନେକ ଗାଁରେ ବନ୍ୟା ପାଣି ଜମିକରି ରହିଛି। ରାସ୍ତାଘାଟ ଠାରୁ ଆରମ୍ଭ କରି ବାସଗୃହ ପର୍ଯ୍ୟନ୍ତ ସବୁକିଛି ବନ୍ୟା ପାଣି ଦ୍ୱାରା ପ୍ରଭାବିତ ହୋଇଛି। ସାଧାରଣ ଜୀବନଯାତ୍ରା ବ୍ୟାଘାତ ହୋଇଛି। ଅନେକ ଗାଁକୁ ଏବେ ବି ଯୋଗାଯୋଗ ହୋଇପାରିନାହିଁ। ପ୍ରଶାସନ ପକ୍ଷରୁ କିଛି ଅଞ୍ଚଳରେ ଅଳ୍ପ କିଛି ଚୂଡ଼ା ଯୋଗାଇଦିଆଯାଇଛି। ଯାହାକୁ ନେଇ ବନ୍ୟା ବିପନ୍ନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଅସନ୍ତୋଷର ପ୍ରତିଫଳନ ରାଜନେତାଙ୍କ ଉପରେ ପଡୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଶାସକ ଦଳର ବିଧାୟକ ଓ ସାଂସଦ ମାନେ ନିଜ ନିଜ ଅଞ୍ଚଳ ପରିଦର୍ଶନ କରୁଥିବା ବେଳେ ସେମାନଙ୍କୁ ନାନା ପ୍ରଶ୍ନବାଣର ସାମ୍ନା କରିବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଚୂଡ଼ା ଓ ଶୁଖିଲା ଖାଦ୍ୟ ବିପନ୍ନଙ୍କ ଭୋକକୁ ମେଣ୍ଟାଇ ପାରୁନାହିଁ। ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଚାଉଳ ଯୋଗାଣ ହୋଇନାହିଁ। ସେପଟେ ବନ୍ୟା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ। ଫଳନ୍ତା କିଆରିରେ ବନ୍ୟା ଜଳ ମାଡି ଯାଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବର୍ଷକ ଯାକର ରୋଜଗାର ଛଡ଼ାଇ ନେଇଛି ଏହି ବନ୍ୟା। ଗୋଟିଏ ପଟେ ବନ୍ୟା ବିପନ୍ନଙ୍କ ପାଖରେ ସରକାରୀ ରିଲିଫ ପର୍ଯ୍ୟାପ୍ତ ପରିମାଣର ପହଞ୍ଚିପାରୁନଥିବା ବେଳେ ଅନ୍ୟପଟେ କୃଷିକ୍ଷେତ୍ର ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବା ଚାଷୀକୂଳଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ତ ହୋଇଥିବା ଘର ଗୁଡ଼ିକର ଚୂଡ଼ାନ୍ତ ଆକଳନ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି। ଅପରପକ୍ଷରେ, ବନ୍ୟା ଯୋଗୁଁ ୩୫ଟି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି ଏବଂ ୧୧ଟି ରାସ୍ତା ଓ ୩ଟି ପୋଲ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଭିତ୍ତିଭୂମିର ୪୨ଟି ଟ୍ରାନ୍ସଫର୍ମର ଓ ଏଲ୍‌ଟି ଲାଇନ୍ ନଷ୍ଟ ହୋଇଛି। ଜାରକା ଜଳସେଚନ ବିଭାଗ ଅନୁଯାୟୀ, ୨୦ଟି ସ୍ଥାନରେ ଘାଇ ବିପଦ ସୃଷ୍ଟି ହୋଇଥିବା ବେଳେ ୧୦ଟି ନଦୀବନ୍ଧ ଉପରେ ପାଣି ପ୍ରବାହିତ ହୋଇଛି।

**ରାଜନେତାଙ୍କ ଉପରେ ଦାଉ ସାଙ୍କୁଛନ୍ତି ପୀଡ଼ିତ**

## ମାଟିରେ ମିଶିଛି ସୁନାର ଫସଲ



**ଯାଜପୁର:** ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତର ବିନ୍ଧାଣ ଗାଁ ବନ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବୈତରଣୀ ନଦୀ କୂଳରେ ଅବସ୍ଥିତ ଏହି ଗାଁର ଘେରିବନ୍ଧ ଆଜି ପର୍ଯ୍ୟନ୍ତ ଶେଷ ହୋଇନଥିବାରୁ ପ୍ରତିବର୍ଷ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଉଛି। ଜିଲ୍ଲା ସଦର ମହକୁମାର ନାକ ତଳେ ଥିବା ଏହି ଗାଁଟି ସାମାନ୍ୟ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୁଏ। ଚଳିତ ବନ୍ୟା ଯୋଗୁଁ ବ୍ୟାପକ ଚାଷ ଜମି ନଷ୍ଟ ହୋଇଥିବା ବେଳେ ବିଶେଷ କରି ପନିପରିବା ଚାଷ ସମୁଳେ ନଷ୍ଟ ହୋଇଯାଇଛି। ପ୍ରତି ଘରେ ଘରେ ପନିପରିବାର ଚାଷ କରାଯାଇଥିଲା। ନଦୀକୂଳରେ ଥିବା ଉର୍ବର ଜମିରେ ଫଳିଥିବା ଭେଣ୍ଡି, ବାଇଗଣ, ଛଚିନ୍ଦ୍ରା ଆଦି ପନିପରିବା ମାଟିରେ ମିଶିଯାଇଛି। ପ୍ରଥମେ ଲଗାଣ ବର୍ଷା ଓ ପରେ ହଠାତ୍ ବନ୍ୟା ଆସିବା ଫଳରେ ଚାଷ ଜମି ଉପରେ ମାଡିଯାଇଥିଲା। ସ୍ଥାନୀୟ ଅଞ୍ଚଳର ଚାଷୀ ମାନେ ନାନା ଧାରକରଜ କରି କରିଥିବା ପରିବା ଚାଷ ସବୁ କିଛି ଉଜୁଡି ଯାଇଛି। ଚଳିତ ବନ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଦୁଇ/ତିନି ଧରି ଜଳବନ୍ଦୀ ଜୀବନ କାଟିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ରିଲିଫ ସାମଗ୍ରୀ ପହଞ୍ଚି ନଥିବାର ଗ୍ରାମବାସୀ କହିଛନ୍ତି। ଏଭଳି ବ୍ୟାପକ ପରିମାଣର ଚାଷ ଜମି ନଷ୍ଟ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ସର୍ଭେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ। ତେଣୁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ସଂପର୍କରେ ପ୍ରକୃତ ତଦନ୍ତ କରାଯାଇ ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଭାଙ୍ଗିଲା ଆଡ଼ିବନ୍ଧ; ବହୁ ଚାଷ ଜମି କ୍ଷତିଗ୍ରସ୍ତ



**ଦାନଗଦି:** ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ଥିବା ତଳିରୁଆ ଜମି ଓ ପଞ୍ଚାୟତ ରାସ୍ତା ଲଗାଣ ବର୍ଷାରେ ଗଣ୍ଡାନାଳ ପାଣି ପଶି କ୍ଷତିଗ୍ରସ୍ତ ହୋଇଛି। ସୋମବାର ମଧ୍ୟାହ୍ନରେ ହଠାତ ଟମକା ପାହାଡ଼ ପଟୁ କଳାହାଣ୍ଡିଆ ମେଘ ମାଡିଆସିଥିଲା। କିଛି ସମୟ ମଧ୍ୟରେ ପାହାଡ଼ରୁ ବୋହି ଆସିଥିବା ଗଣ୍ଡାନାଳରେ ପ୍ରବଳ ପାଣି ଆସିବାରୁ ପାଟବାଲି ଗ୍ରାମ ପାଖ ଗଣ୍ଡାନାଳରେ ଟିଏସ୍ଏଫ ବ୍ରାହ୍ମଣୀପାଳ ଦ୍ୱାରା ନିର୍ମିତ ଆଡ଼ିବନ୍ଧ ପାଶ୍ୱର୍ବନ୍ଧ ଭାଙ୍ଗି ଯାଇଥିଲା। ଫଳରେ ପାଟବାଲି ଜମିରେ ପାଣି ପଶି ଅନେକ ଚାଷଜମି ଜଳମଗ୍ନ ହୋଇ ରୁଆ ତଳି ବୋହି ନେଇଯାଇଛି। ପରେ ବେଦାନ୍ତ ପାଚେରି ଭିତରେ ପାଣି ପଶି କିଛି ପାଚେରି ପାଶ୍ୱର୍ ଘର ଭିତରେ ପାଣି ପଶିଯିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବାର ଜଣାପଡିଛି। ଗଣ୍ଡା ନାଳ ପାଣି ଯୋଗୁଁ ପଞ୍ଚାୟତ ରାସ୍ତାର ପୋଲ ପାଶ୍ୱର୍ଧୋଇ ନେଇଯାଇଛି। ରାସ୍ତା ଉପରେ ୨ ଫୁଟ ଉଚ୍ଚରେ ପାଣି ଚାଲିଥିବାରୁ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଅଧିକାଂଶ ରାସ୍ତା ନଷ୍ଟ ହୋଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ, ଜଳସେଚନ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆଡ଼ିବନ୍ଧ ପାଶ୍ୱର୍ ସ୍ଥାୟୀ ବନ୍ଧ କରିବା ସହିତ ପଞ୍ଚାୟତ ରାସ୍ତାକୁ ମରାମତି ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ସ୍ଥାୟୀ ସମାଧାନ କରିବାକୁ ଚାଷୀକୂଳ ଦାବି କରିଛନ୍ତି।

## ବନ୍ୟା ଉଜାଡ଼ିଦେଲା ପନିପରିବା ଫସଲ



**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଏବଂ ଜେନାପୁର ଅଞ୍ଚଳରେ ବ୍ୟାପକ ମାତ୍ରାରେ ପନିପରିବା ଚାଷ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ବ୍ଲକର ଏହି ଅଞ୍ଚଳରେ ରହିଥିବା ନଦୀ କୁଳିଆ ଚାଷ ଜମିରେ ବନ୍ୟା ଜଳ ପ୍ରବେଶ ଏବଂ ପାଣି ଜମି ରହିବାରୁ ଉକ୍ତ ସମସ୍ୟା ତଥା ଫସଲ ନଷ୍ଟ ହୋଇଥିବା ଚାଷୀ ମାନେ କରିଛନ୍ତି। ତୁରନ୍ତ ସେମାନଙ୍କୁ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇଦେବାକୁ ଚାଷୀ ମାନେ ଦାବି କରିଛନ୍ତି। ଗତ ସପ୍ତାହରେ ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ପ୍ରବେଶ କରି ନଦୀ କୂଳରେ ଫସଲ ଜମିକୁ ଜଳମଗ୍ନ କରିଥିଲା। ଫଳରେ ବିଭିନ୍ନ ଲତା ତଥା ଓଙ୍କ ଜାତୀୟ ଫସଲ ବୋଇତାଲୁ, ପୋଟଳ, ଜହ୍ନି, କାକୁଡ଼ି, ଆଦି ଫସଲକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ଜମିରେ ପାଣି ଜମି ରହିବା କାରଣରୁ ପୋଟଳ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହାର ପତ୍ର ପୋଡିଯିବା ସହ ମୂଳ ପଚି ଯାଇ ନଷ୍ଟ ହୋଇଥିବା ଚାଷୀ କହିଛନ୍ତି। ସେହିପରି ବାଇଗଣ ଗଛ ମଧ୍ୟ ପ୍ରଭାବିତ ହୋଇଛି। ଏହାର ପତ୍ର ଖସି ଯାଇ ରୋଗ ପୋକ କବଳରେ ନଷ୍ଟ ହୋଇଛି। ଜହ୍ନି, କାକୁଡ଼ି ମଞ୍ଚାରେ ଲଗା ଯାଇଥିଲେ ମଧ୍ୟ ଏହାର ମୂଳରେ ପାଣି ଜମି ଗଛ ନଷ୍ଟ ହୋଇଛି। ପ୍ରଥମେ ଲଗାଣ ବର୍ଷା କାରଣରୁ ଚାଷ ଜମି ଜଳବନ୍ଦୀ ହୋଇ ରହିଥିଲା। ବ୍ଲକର ଏଣ୍ଡଲବା, ମାଳ, ରେଖିଦେଇପୁର, କଣ୍ଟାପାଟଣା, ଏରଣ୍ଡା, ବ୍ରହ୍ମପୁର, କୁସୁନପୁର, କୁସ୍ତିରା, ଆଦି ଅଞ୍ଚଳରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହୋଇଥିଲା। ବନ୍ୟା ଜଳ ଫସଲ ଉଜାଡ଼ି ଦେବା ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଅଦ୍ୟାବଧି ଉକ୍ତ ଅଞ୍ଚଳରେ କୌଣସି କୃଷି ଅଧିକାରୀ କିମ୍ବା ତଦନ୍ତକାରୀ ଅଧିକାରୀ ପହଞ୍ଚି ନାହାଁନ୍ତି।

## ମିଳୁନି ପାଲ, ତହସିଲ ଘେରିଲେ ବିପନ୍ନ



**ଦଶରଥପୁର:** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ ଶାଖା କାଣୀ ନଦୀରେ ଘାଇ ହେବା ପରେ ସର୍ବାଧିକ କ୍ଷୟ କ୍ଷତି ହୋଇଛି। ଯଦିଓ ବନ୍ୟା ଜଳ କମିଛି କିନ୍ତୁ ଏଯାବତ ଘରକୁ ଫେରି ନାହାନ୍ତି ବିପନ୍ନ। ବନ୍ୟାର ୬ ଦିନ ପରେ ବି ବିପନ୍ନମାନଙ୍କୁ ଏପର୍ଯ୍ୟନ୍ତ ପାଲ ମିଳିନଥିବାରୁ ଅଭିଯୋଗ କରି ଲୋକେ ଆଜି ତହସିଲଦାରଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ତରପଦା ପଞ୍ଚାୟତର ଶତାଧିକ ଲୋକେ ଆଜି ସକାଳୁ ଦଶରଥପୁର ତହସିଲଦାରଙ୍କୁ ଘେରଉ କରିବା ସହ ଧାରଣାରେ ବସିଥିଲେ। ଦୀର୍ଘ ସମୟ ପରେ ତାସସିଲା ଶୁଭ୍ରାଂଶୁ ଶେଖର ସାହୁଙ୍କୁ ଘେରଉ ପରେ ତହସିଲଦାର ତଦନ୍ତ କରାଯାଇଛି। ସମସ୍ତ ବିପନ୍ନଙ୍କୁ ପାଲ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସୂଚନା ଥାଉକି ଘାଇଟି ତରପଦା ପଞ୍ଚାୟତ ହୋଇଥିବାରୁ ଏହି ପଞ୍ଚାୟତଟି ସର୍ବାଧିକ କ୍ଷତି ଘଟିଛି। ଏଯାବତ ଲୋକେ ଘରକୁ ଫେରି ନ ଥିବାବେଳେ ଛାତ ଉପରେ ବନ୍ଧ ଉପରେ ଲୋକେ ରହୁଛନ୍ତି। ଆବଶ୍ୟକ ଅନୁସାରେ ପାଲ ପ୍ରଦାନ କରାଯିବାଫଳରେ ଧାରଣା ଉଠିଥିଲା।

## ବିଶୋଧିତ ପାନୀୟଜଳ ପ୍ରଦାନ

**ଦଶରଥପୁର:** ବୈତରଣୀ ଓ ତାର ଶାଖା କାଣୀ ନଦୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ଦଶରଥପୁର ବ୍ଲକର ୫୯ଟି ଗାଁର ଲୋକଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ରାସ୍ତାଘାଟ, ଘରଦ୍ୱାର, ଚାଷଜମି ପର୍ଯ୍ୟନ୍ତ ସବୁ ଯେମିତି ଛିନଭିନ ହୋଇଯାଇଛି। ଆଜି ମଧ୍ୟ ସମସ୍ତ ବନ୍ୟା ପ୍ଲାବିତ ଗାଁର ଲୋକେ ନଦୀ ବନ୍ଧ ଭଳି ଆଶ୍ରୟ ସ୍ଥଳୀରେ କାଳାତିପାତ କରୁଛନ୍ତି। ଘରେ ପାଣି ପଶିବା ଦିନଠୁ ପ୍ରଶାସନ ଭରସାରେ ବନ୍ୟା ବିପନ୍ନଙ୍କ ଖାଦ୍ୟ ସଙ୍କଟ ଦୂର ହେଉଥିବା ସମୟରେ ଆଜି ଜିଲ୍ଲା ପାନୀୟଜଳ ବିଭାଗ ତରଫରୁ ବନ୍ୟା ବିପନ୍ନଙ୍କୁ ବିଶୋଧିତ ପାନୀୟଜଳ ଯୋଗାଣ ଉଦ୍ଦେଶ୍ୟରେ କାଣୀ ନଦୀ ଅବବାହିକା କସପା ପଞ୍ଚାୟତ ଅହିୟାସ ସାନପୋଲ ନିକଟରେ ପ୍ରବାହିତ ବନ୍ୟା ଜଳକୁ ଭ୍ରାମ୍ୟମାନ୍ୟ ବିଶୋଧନ ଯନ୍ତ୍ର ମାଧ୍ୟମରେ ବିଶୋଧିତ ପାଣି ପାଉଚକୁ ବନ୍ୟା ପ୍ଲାବିତ ଗ୍ରାମରେ ଯୋଗାଇ ଦେବାର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ବିଡିଓ ଆକାଶ ପଟ୍ଟନାୟକ, ବିଭାଗୀୟ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ, ଇଆଇସି ରତ୍ନାକର ଶିଅଳ, ପାନୀୟଜଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରୋପ୍ୟରଞ୍ଜନ ବେହେରାଙ୍କ ସମେତ ଜିଲ୍ଲା ଓ ବ୍ଲକର ପାନୀୟଜଳ ଅଧିକାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ।



## କୃଷି ଅଧିକାରୀଙ୍କ ଫସଲ କ୍ଷୟକ୍ଷତି ଆକଳନ

**କର୍ଯ୍ୟାଁଗୋଲା:** ବନ୍ୟା ପ୍ରଭାବିତ ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ସୋମବାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଗସ୍ତ କରି ଫସଲ କ୍ଷୟକ୍ଷତିର ଆକଳନ କରିଛନ୍ତି। ଗସ୍ତ ସମୟରେ ବନ୍ୟା ଜଳରେ ଧାନ, ପନିପରିବା ଓ ଅନ୍ୟାନ୍ୟ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା। କୃଷି ବିଭାଗର ଅଧିକାରୀମାନେ ଚାଷୀମାନଙ୍କ ସହ ଆଲୋଚନା କରି କ୍ଷତିର ବିସ୍ତୃତ ବିବରଣୀ ସଂଗ୍ରହ କରିବା ସହ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କହିଛନ୍ତି ଯେ, ସରକାରୀ ନିୟମାନୁସାରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ କରାଯିବ। ଏହି କ୍ଷୟକ୍ଷତି ଆକଳନ କାର୍ଯ୍ୟରେ ଦଶରଥପୁର ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ଜିଲ୍ଲାସ୍ତରୀୟ କୃଷି ଯୋଜନା ଅଧିକାରୀ ମୀରା ପରିଚ୍ଛା, ସୌଦାମିନୀ ସାହୁ, ନିବେଦିତା ବିହାରୀ, ଅନନ୍ତ କୁମାର ମଲ୍ଲିକ ଓ ମହାପ୍ରସାଦ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



## ବନ୍ୟା ସମୟରେ ବିଜେପି ନେତୃତ୍ୱ ଲଢ଼େଇ

**ବିଞ୍ଝାରପୁର/ସିଂହପୁର:** ଚଳିତ ବନ୍ୟାରେ ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ବିଞ୍ଝାରପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ବନ୍ୟା ସମୟରେ ଶାସକ ଦଳ ପକ୍ଷରୁ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ସରକାରୀ ସାହାଯ୍ୟ ଯୋଗାଇଦେବା କଥା। କିନ୍ତୁ ବିଞ୍ଝାରପୁରରେ ବିଜେପି ଦଳୀୟ ନେତୃତ୍ୱ କନ୍ଦଳ ଥିବାରୁ ବନ୍ୟା ବିପନ୍ନଙ୍କ ନିକଟରେ ପ୍ରକୃତ ସାହାଯ୍ୟ ସହଯୋଗ ମିଳିପାରୁନଥିବା ଜଣାପଡିଛି। ଏଠାରେ ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକ ଥିବା ବେଳେ ଜିଲ୍ଲା ବିଜେପିର ଉପସଭାନେତ୍ରୀ ପ୍ରଭାତି ସାହୁ ମଧ୍ୟ ଏଠାରେ ନେତୃତ୍ୱ ନେଉଛନ୍ତି। ଉଭୟ ସମାନ୍ତରାଳ ଭାବେ ସଂଗଠନ କରିବା ଫଳରେ ସାଧାରଣ ଲୋକେ ଏଥିରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରିକି ଜିଲ୍ଲା ଉପସଭାନେତ୍ରୀ ପ୍ରଭାତି ସାହୁ ବିଭିନ୍ନ ପ୍ରତିନିଧି ମଣ୍ଡଳୀ ସହିତ କୁସୁନପୁର, ଫଳପୁର, ହଳଦିଡିଅ ଆଦି ଗ୍ରାମକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି। ଘର ଭାଙ୍ଗିଯାଇଥିବା ଲୋକଙ୍କୁ ପଲିଥିନ୍ ଦିଆଯାଇନଥିବାରୁ ସେମାନେ ବହୁ ଦୁଃଖରେ ପରଘରେ ଓ ସ୍କୁଲ ଘରେ ରହି ମୁଣ୍ଡ ଗୁଞ୍ଜୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ତହସିଲଦାରଙ୍କୁ ଭେଟି ତୁରନ୍ତ ବନ୍ୟା ବିପନ୍ନଙ୍କୁ ପଲିଥିନ୍ ଓ ଆନୁସଂଗିକ ସାମଗ୍ରୀ ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପଟେ ବିଜେପିର ବିଧାୟିକା ପ୍ରାର୍ଥୀ ବବିତା ଏକୁଟିଆ ଏଣେ ତେଣେ ବୁଲୁଥିଲେ ମଧ୍ୟ ବିପନ୍ନଙ୍କ ପ୍ରଶ୍ନବାଣର ସାମ୍ନା କରିପାରୁନଥିବା ଦେଖିବାକୁ ମିଳିଛି।

### ବିଜେପି ଜିଲ୍ଲା ସଭାପତି କେଉଁଠି

ଜିଲ୍ଲାର ୮ଟି ବ୍ଲକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏବେ ରାଜ୍ୟରେ ଡବଲ ଇଂଜିନ ସରକାର ଚାଲିଥିବା ବେଳେ ଜିଲ୍ଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ କୁଆଡେ ଗାଏବ ହୋଇଯାଇଥିବା ପରି ମନେ ହେଉଛି। ବନ୍ୟା ସମୟରେ ଜିଲ୍ଲା ସଭାନେତ୍ରୀ କାହିଁକି ଦେଖାଯାଉନାହାଁନ୍ତି ନାଁ କୌଣସି ଦଳୀୟ ବିଧାୟକ ତାଙ୍କୁ ଲୋଡୁ ନାହାଁନ୍ତି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ସେ ଜିଲ୍ଲା ସଭାନେତ୍ରୀ ହେବା ଦିନ ଠାରୁ ତାଙ୍କୁ ଜିଲ୍ଲାର ଅନେକ ଦଳୀୟ ନେତୃତ୍ୱ ବିରୋଧ କରୁଥିଲେ। ଏପରିକି ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ବଡ଼ଚଣାରେ ତାଙ୍କର ଉପସ୍ଥିତି ମଧ୍ୟ ନାହିଁ। ଅନ୍ୟ ନିର୍ବାଚନ ମଣ୍ଡଳୀରେ ଭୟାବହ ବନ୍ୟା ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ଜିଲ୍ଲା ସଭାନେତ୍ରୀ କୁଆଡ଼େ ଗଲେ ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

## ରିଲିଫ ବାଣ୍ଟିଲେ ବିଧାୟକ



**ବରୀ:** ବନ୍ୟା ବାତ୍ୟା ଆସିଲେ ବିଭିନ୍ନ ଦଳର ରାଜନେତା ମାନଙ୍କର ଚେତା ପଶିଥାଏ। ଚଳିତ ବନ୍ୟାରେ ବରୀ ଅଞ୍ଚଳ ପ୍ରଭାବିତ ହୋଇଥିବାରୁ ଏହି ବ୍ଲକର ପ୍ରଭାବିତ ବିଭିନ୍ନ ପଞ୍ଚାୟତକୁ ରାଜନେତାମାନେ ପହଞ୍ଚି ସେମାନଙ୍କୁ ସମବେଦନା ଜଣାଇବା ସହିତ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଉଥିବାର ଦେଖିବାକୁ ମିଳିଛି। ରବିବାର ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଅଙ୍ଗାଲୋ ପଞ୍ଚାୟତର ଅରିଲୋ, ଅଙ୍ଗାଲୋ, ବୋଇତାଲୁ ପାଟଣା, ମଧୁସୂଦନ ପୁର, ବାରିଙ୍ଗ ଓ ଚନ୍ଦନପୁର ପ୍ରଭୃତି ଅଞ୍ଚଳ ପରିଦର୍ଶନ କରି ସରକାରୀ ରିଲିଫ୍ ପଞ୍ଚି ନଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରତ୍ୟେକ ପରିବାରକୁ ବ୍ୟକ୍ତିଗତ ଭାବେ ଅଟା, ଚୂଡ଼ା, ଗୁଡ଼ ଓ ବିସ୍କୁଟ ପହଞ୍ଚାଇବା ବ୍ୟବସ୍ଥା କରିଛି ବୋଲି ସେ କହିଥବଲେ।

## ଆଇନ୍ ସଚେତନତା ସଭା




**ଯାଜପୁର,୩।୮(ସମିସ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅତଲାପୁର ଓ ମୁଗୁପାଳ ଗ୍ରାମପଞ୍ଚାୟତ ସଭାଗୃହରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରି ପ୍ରାଧିକରଣର କାର୍ଯ୍ୟ ପରିସର, କେଉଁମାନେ ଏହାର ଉପଭୋକ୍ତା ତାହା ପ୍ରକାଶ କରିବା ସହିତ ସଭାର ସୂଚନା ଦେଇଥିଲେ। ଏଥିରେ ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ଦାଶ, ଯାଜପୁର ରୋଡରେ ଅବସ୍ଥାପିତ ଡିଏସ୍‌ପି ଶରତ କୁମାର ପାତ୍ର, ଆରକ୍ଷୀ ନିରୀକ୍ଷକ କୁଆଖିଆ ସୁଶାନ୍ତ କୁମାର ସେଠୀ ଓ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇଥିଲେ। ଅତଲାପୁରରେ ସ୍ଥାନୀୟ ସରପଞ୍ଚ ଅନେସା କସର ଓ ମୁଗୁପାଳରେ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପାରମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

## କଲରଙ୍ଗି ଟମକା ଖଣି କାର୍ଯ୍ୟକ୍ଷମ ପାଇଁ ଆଲୋଚନା

**କାଳିଆପାଣି,୩।୮(ସମିସ):** ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା କଲରଙ୍ଗି ଓ ଟମକା ଖଣିକୁ କାର୍ଯ୍ୟକ୍ଷମ ପାଇଁ ଦାବିଉଠିବା ପରେ ଓଏମସି ପକ୍ଷରୁ ତତ୍ପରତା ଦେଖାଦେଇଛି। ଅଭିଯୋଗ ଓ ସ୍ଥିତିକୁ ସମୀକ୍ଷା କରି ଓଏମ୍‌ସି ପଦକ୍ଷେପ ନେବାକୁ ଯୋଜନା କରାଯାଉଛି। ଫଳରେ ଦୀର୍ଘ ବର୍ଷ ଧରି ଅଚଳ ହୋଇ ପଡିରହିଥିବା ଖଣି ଦୁଇଟି ପୁନଃ କାର୍ଯ୍ୟକ୍ଷମ ହେବାର ସମ୍ଭାବନା ଦେଖାଦେଇଛି। ସୂଚନା ଯୋଗ୍ୟ ସିଭିଲ ସୋସାଇଟି ଯାଜପୁର ପକ୍ଷରୁ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ସମବାର ସକାଳୁ ଓଏମସି ଏମଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଟମକା ଓ କଲରଙ୍ଗି ଖଣିକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ଏହାକୁ ଆଧାର କରି ସିଏସଆର ସ୍ୱତନ୍ତ୍ର ଅଧିକାରୀ ଏବଂ ଏକଜ୍ୟୁକୁଟିଭ ଡାଇରେକ୍ଟର ଟଲତ ଆଫ୍ରିନ ସିଭିଲ ସୋସାଇଟିର ସମ୍ପାଦକ ତଥା ସୁକିନ୍ଦା ବ୍ଲକ ମୂଳଖମ୍ବ ଗ୍ରାମର ବିଶ୍ୱନାଥ ପାତ୍ରଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଅଭିଯୋଗକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ପଦକ୍ଷେପ ନେବାକୁ ଓଡିଶା ଖଣି ନିଗମ (ଓଏମସି) ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସରକାରୀ ଅନୁମତି ଏବଂ ପରିବେଶ ମନ୍ତ୍ରଣାଳୟର ଅନୁମତିକୁ ତର୍ଜମା କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଛି। କଲରଙ୍ଗି କ୍ରମାଇଟ ମାଇନ୍ସ ଏବଂ ଟମକା ଲୌହ ଖଣି ଖୋଲିଲେ ଛଟେଇ ଶ୍ରମିକଙ୍କ ସହ ବହୁ ବେକାର ଯୁବକ ଯୁବତୀ ଲାଭବାନ ହେବା ନେଇ ଆଶା କରାଯାଉଛି। ଏପଟେ ବିଶ୍ୱନାଥ ପାତ୍ର ଖଣି ଶିଳ୍ପ ସଚିବଙ୍କ ହସ୍ତକ୍ଷେପ ଲୋଡିଥିବା ବେଳେ ତିନି ହଜାରରୁ ଊର୍ଦ୍ଧ୍ୱ ଜୀବିକା ହରେଇଥିବା ଶ୍ରମିକ ଓ ସୁକିନ୍ଦାବାସୀଙ୍କ ପାଇଁ ଦାବି ପରେ ଦାବି ଉପସ୍ଥାପନା କରି ସୋମବାର ଦିନ ଓଏମ୍‌ସି ଏମଡିଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

## ଖରସ୍ରୋତା ମହାବିଦ୍ୟାଳୟରେ ବାଣିଜ୍ୟ ଦିବସ

**ସିଂହପୁର,୩।୮(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ଦ୍ୱାରା ବିଶ୍ୱ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ବାଣିଜ୍ୟ ବିଭାଗର ପ୍ରଥମ ଅଧ୍ୟାପକ ତଥା ଅବସରପ୍ରାପ୍ତ ପ୍ରଧ୍ୟାପକ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଶ୍ୱ ପାଇଁ ବାଣିଜ୍ୟର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧ୍ୟାପକ କୀର୍ତ୍ତନ ବିହାରି ସାମଲ, ସମ୍ମାନିତ ଅତିଥି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ପରିଚାଳକ ଅପୂର୍ବ ରଞ୍ଜନ ରାଉତ ରାୟ ଛାତ୍ରଛାତ୍ରୀଙ୍କୁ ଦେଶର ପ୍ରଗତିରେ ବ୍ରତି ହେବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ କୈଳାସ ଚନ୍ଦ୍ର ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ପୁର୍ଣ୍ଣଚନ୍ଦ୍ର ସାମଲ, ରସାୟନ ବିଭାଗ ମୁଖ୍ୟ ମୀନକେତନ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ପାଣ୍ଡବ ଚରଣ ସେଠୀ, ସତ୍ୟ ନାରାୟଣ ଗୁପ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ ଗଗନ ବିହାରୀ ବେହେରା, ଦେବବ୍ରତ ଧଳ, ଅମ୍ବିକା ପ୍ରସାଦ ଜେନା, ଦୀପ୍ତି ରଞ୍ଜନ ସେନାପତି, ବୈଭବ ନାୟକ, ସତ୍ୟବ୍ରତ ସେଠୀ, ବିବେକ ମେହେର, ଚନ୍ଦନ ପତି, ଅଧ୍ୟାପିକା ଗାୟତ୍ରୀ ଧଳ, ସୁଚିତ୍ରା ରାଉତ, ଜ୍ୟୋତିପ୍ରଭା ମହାନ୍ତି, ଅର୍ପିତା ସ୍ୱାଇଁ, ଶର୍ମିଷ୍ଠା ସାହୁ, ସୁଚିସ୍ମିତା ନାୟକ, ବରିଷ୍ଠ କିରାଣି ଚିରସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ସମ୍ପାଦକୀୟ



ମଣିଷକୁ ଆକ୍ରାନ୍ତ କରୁଥିବା ରୋଗ ଭିତରୁ ଉଦାସୀନତା ସବୁଠାରୁ ଭୟଙ୍କର।
-ବି ଆର ଆମ୍ବେଦକର

ସକାଳ
THE SAKALA

## ଇସ୍ରୋର ଆହ୍ୱାନ

ଆଜିର ସୂଚନା ପ୍ରସାରଣର ସଫଳତା ପଛରେ ମହାକାଶ ବିଜ୍ଞାନ, ବିଶେଷକରି କୃତ୍ରିମ ଉପଗ୍ରହର ଭୂମିକା ଅନସ୍ୱୀକାର୍ଯ୍ୟ। ଯେଉଁ ଦେଶ ମହାକାଶ ବିଜ୍ଞାନରେ ଯେତେ ଶକ୍ତିଶାଳୀ, ତା'ର ପ୍ରତିରକ୍ଷା ପ୍ରଣାଳୀ ଓ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ତଦନୁଯାୟୀ ଉନ୍ନତ ଓ ସୁଦୃଢ଼। ସୂଚନା ପ୍ରଯୁକ୍ତି ବିଜ୍ଞାନର ଏହି ଜୟଯାତ୍ରା ପଛରେ ନିରନ୍ତର ଓ ଉଲ୍ଲେଖନୀୟ ଅବଦାନ ରହିଛି ଦେଶର ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥାନମାନଙ୍କର। ଯଦି ଏହି ସଂସ୍ଥାଗୁଡ଼ିକ କ୍ରମଶଃ ସ୍ଥାଣୁ କିମ୍ବା ଦୁର୍ବଳ ହୋଇପଡ଼ନ୍ତି ତାହାର ପ୍ରଭାବ ସମ୍ପୃକ୍ତ ଦେଶ ସାମଗ୍ରିକ କ୍ଷେତ୍ରରେ ପ୍ରତିଫଳିତ ହେବା ସ୍ୱାଭାବିକ। ସମ୍ପ୍ରତି ସେଭଳି ଆହ୍ୱାନର ସମ୍ମୁଖୀନ ହୋଇଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ)।

ଇସ୍ରୋର ତଥ୍ୟାଭିଜ୍ଞ ମହଲର ସୂଚନା ଅନୁଯାୟୀ, ଉପଗ୍ରହ ଉତ୍‌କ୍ଷେପଣରେ କ୍ରମାଗତ ବିଫଳତା, ଗଗନଯାନ ଆରମ୍ଭରେ ବିଳମ୍ବ, ଅନ୍ୟାନ୍ୟ ପ୍ରକଳ୍ପ ଅଗ୍ରଗତିରେ ମନ୍ଥରତା ସହିତ ଘରୋଇ ମହାକାଶ ବିଜ୍ଞାନ ସଂସ୍ଥାର ପ୍ରତିଦ୍ୱନ୍ଦ୍ୱିତା ଇସ୍ରୋର ପ୍ରତିଷ୍ଠା ଓ ଭବିଷ୍ୟତ ଆଗରେ ଅନେକ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ୧୦୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିବା ପରେ ଇସ୍ରୋର ସ୍ଥିତି ଓ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନେକ ଭାରତର ବହୁ ଈପ୍‌ସିତ ପ୍ରକଳ୍ପ ଗଗନଯାନରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ କେତେକ ବରିଷ୍ଠ ବୈଜ୍ଞାନିକ ଚନ୍ଦ୍ରଯାନ - ୩ ଭଳି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମୁଖ୍ୟ ବିଦ୍ଧାଣୀ ଥିଲେ। ତେଣୁ ଉକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ଆହୁରି ଅଧିକ ବିଳମ୍ବ ହେବାର ଆଶଙ୍କା କରାଯାଉଛି। ବୈଜ୍ଞାନିକମାନଙ୍କର ଇସ୍ତଫା ଓ ଅବସର ଆବେଦନ ଗ୍ରହଣ କରାଯାଇ ନଥିଲେ ମଧ୍ୟ ଏହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ ବୋଲି କୁହାଯାଉଛି।

ଇସ୍ରୋର ପୂର୍ବତନ ବୈଜ୍ଞାନିକମାନଙ୍କ ସୂଚନା ଅନୁଯାୟୀ ଗତ ଛଅ ଦଶନ୍ଧି ମଧ୍ୟରେ ଇସ୍ରୋ ଏଭଳି ଚାରିଟି ସଙ୍କଟର ସମ୍ମୁଖୀନ ହୋଇଛି। ବିଗତ ଶତାବ୍ଦୀ ଅଶୀ ଦଶକରେ ଉପସାଗରୀୟ ଦେଶମାନେ ମହାକାଶ ବିଜ୍ଞାନ ଗବେଷଣା ଆରମ୍ଭ କରିବା ପରେ ଇସ୍ରୋର ବହୁ ବୈଜ୍ଞାନିକ ଅଧିକ ଦରମା ଆଶାରେ ସେଠାକୁ ଚାଲିଯାଇଥିଲେ। ୧୯ ୯୦ ଦଶକ ପ୍ରାରମ୍ଭରେ ଭାରତରେ ଟେଲିକମ୍ ବିପ୍ଳବ ଆରମ୍ଭ ହେବା ପରେ ଘରୋଇ ଟେଲିକମ୍ ସଂସ୍ଥାମାନେ ବହୁ ଅଧିକ ବେତନରେ ଇସ୍ରୋର ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେବାରୁ ଇସ୍ତଫା ସୁଅ ଛୁଟିଥିଲା। ଚଳିତ ଶତାବ୍ଦୀର ପ୍ରାରମ୍ଭରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିପ୍ଳବ ପରେ ସମାନ ଧାରାର ପୁନରାବୃତ୍ତି ଘଟିଥିଲା। ସମ୍ପ୍ରତି ଭାରତର ମହାକାଶ ବିଜ୍ଞାନ ଘରୋଇ ସଂସ୍ଥାମାନଙ୍କ ପାଇଁ ଉନ୍ମୁକ୍ତ ହେବା ପରେ ସେମାନେ ତୁଳନାତ୍ମକ ଭାବେ ବହୁ ଅଧିକ ପାରିଶ୍ରମିକ ଦେଇ ଇସ୍ରୋରୁ ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେଉଛନ୍ତି। ଏବେ ଇସ୍ରୋରେ ଅନୁମୋଦିତ ପଦସଂଖ୍ୟାର ମାତ୍ର ୭୨% କାମ କରୁଛନ୍ତି। ଏହି ଧାରା ଜାରି ରହିଲେ ଭାରତର ମହାକାଶ ବିଜ୍ଞାନ ଘରୋଇ ସଂସ୍ଥାମାନଙ୍କ କବଳକୁ ଚାଲିଯିବା ବିଚିତ୍ର ନୁହେଁ।

୧୯ ୯୦ ଦଶକରେ ଜଗତିକରଣ, ଘରୋଇକରଣ ଓ ଉଦାରୀକରଣ ଆରମ୍ଭ ହେବା ପରେ ଏହାର ଉଦ୍ୟୋକ୍ତା ତଥା ବିଚକ୍ଷଣ ଅର୍ଥନୀତିଜ୍ଞ ଡ. ମନମୋହନ ସିଂହ ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ବୀମା ଭଳି କେତେକ ସମ୍ବେଦନଶୀଳ କ୍ଷେତ୍ରକୁ ଘରୋଇକରଣ ପାଇଁ ମୁକ୍ତ କରି ନ ଥିଲେ। କିନ୍ତୁ ଗତ ଦଶନ୍ଧିରେ ଏହି କ୍ଷେତ୍ରଗୁଡ଼ିକ ଉନ୍ମୁକ୍ତ ହୋଇଯିବାର ପରିଣତି ଏବେ ଦେଖିବାକୁ ମିଳୁଛି। ଗତ ଜୁଲାଇ ୨୩ ତାରିଖରେ କେନ୍ଦ୍ର ସରକାର ସଂସଦରେ ଦେଇଥିବା ସୂଚନା ଅନୁଯାୟୀ ୨୦୧୪ରେ ଭାରତରେ ମାତ୍ର ଗୋଟିଏ ଘରୋଇ ମହାକାଶ ବିଜ୍ଞାନ ସଂସ୍ଥା ଥିବା ବେଳେ ୨୦୨୬ ସୁଦ୍ଧା ୪୦୦ଟି ସଂସ୍ଥା କାର୍ଯ୍ୟରତ। ସେହିପରି ୨୦୨୧-୨୨ରେ ଭାରତରେ ମହାକାଶ ବିଜ୍ଞାନ ଷ୍ଟାର୍ଟଅପ୍‌ରେ ମୋଟ ପୁଞ୍ଜି ନିବେଶ ପରିମାଣ ୧୦୦.୫ ନିୟୁତ ଡଲାର ଥିବା ବେଳେ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ୬୮୮.୫ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ବୈଜ୍ଞାନିକମାନଙ୍କୁ ଯେତିକି ଦରମା ଦେଉଛନ୍ତି ତାହା ଇସ୍ରୋର ଦରମାଠାରୁ ୫/୬ ଗୁଣା ଅଧିକ। ତେଣୁ ଇସ୍ରୋର ବୈଜ୍ଞାନିକମାନେ ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଆଗ୍ରହୀ ନୁହନ୍ତି।

ଦେଶ ପାଇଁ କାର୍ଯ୍ୟ କରିବାର ଆନନ୍ଦ ଓ ଅନୁଭୂବ ଅନନ୍ୟ। କିନ୍ତୁ ଯେଉଁଠି ଅର୍ଥ ଓ ପ୍ରତିପତ୍ତି ଲୋଭ ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ଆଇନର ଗଳାବାଟ ଦେଇ ଦଳବଦଳାଇ ପାରୁଛନ୍ତି ସେଠାରେ ବୈଜ୍ଞାନିକମାନେ ଚାକିରି ଛାଡ଼ିବେ ନାହିଁ କାହିଁକି ବୋଲି ମଧ୍ୟ ଯୁକ୍ତି ହେଉଛି। ଇସ୍ରୋ ଛାଡ଼ିଥିବା କେତେକ ବୈଜ୍ଞାନିକଙ୍କ ମତରେ ସରକାରୀ କ୍ଷେତ୍ରରେ କାମ କରି ଆଗକୁ ବଢ଼ିବାର ସୁଯୋଗ ନାହିଁ। ଅନ୍ୟ ଅର୍ଥରେ କହିଲେ ଗବେଷଣା, ନବସୃଜନ ଆଧାରିତ ପଦୋନ୍ନତିର ପରିବେଶ ସରକାରୀ କ୍ଷେତ୍ରରେ ସଂକୁଚିତ। ତେଣୁ ଯେଉଁଠି ସେ ସୁଯୋଗ ରହିଛି ସେଠାକୁ ପ୍ରତିଭା ପଳାୟନ ଏକ ସାଧାରଣ କଥା। ଏବେ ମହାକାଶ ବିଜ୍ଞାନ ମୌଳିକ ବିଜ୍ଞାନ ଓ ଗବେଷଣାର ପରିଧି ଭିତରୁ ବାହାରି ବାଣିଜ୍ୟ ବା ବଜାର ଅର୍ଥନୀତିର ଅଂଶବିଶେଷ ହୋଇସାରିଛି। ବିଶ୍ୱର ମହାକାଶ ବିଜ୍ଞାନ ବଜାରରେ ଭାରତର ଅବଦାନ ଏବେ ମାତ୍ର ୨% ବା ୮୦୦ କୋଟି ଡଲାର। ୨୦୩୩ ସୁଦ୍ଧା ଏହାକୁ ୪୪୦୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଭାରତରୁ ଏଭଳି ପ୍ରତିଭା ପଳାୟନ ଜାରି ରହିଲେ ଏହି ଲକ୍ଷ୍ୟ ସୁଦୂର ପରାହତ ହେବ। ଅଧିକନ୍ତୁ ମେକ୍ ଇନ୍ ଇଣ୍ଡିଆ ଘରୋଇ ସଂସ୍ଥାଙ୍କ ଅଧୀନରେ ପରିଚାଳିତ ଓ ସାକାର ହେବା ଅସମ୍ଭବ ନୁହେଁ।

## ମହାନଦୀର ଅସ୍ତିତ୍ୱସଙ୍କଟ

ସୌଭାଗ୍ୟ ସୁନ୍ଦରରାୟ

ପଡ଼ୋଶୀ ଛତିଶଗଡ଼ର ଅମରକଣ୍ଟକ ମହାନଦୀର ଉତ୍ପତ୍ତି ସ୍ଥଳ। ଓଡ଼ିଶା ମଧ୍ୟରେ ଏହା ୪୯୦ କିଲୋମିଟର ପଥ ଗତି କରିଥିବା ବେଳେ ଛତିଶଗଡ଼ରେ ଏହାର ଯାତ୍ରା ପଥ ପ୍ରାୟ ୩୫୭ କିଲୋମିଟର। ଇତିମଧ୍ୟରେ ମହାନଦୀର ପ୍ରାକୃତିକ ରୂପରେଖରେ ପରିବର୍ତ୍ତନ ଘଟିଥିବା ପରିଲକ୍ଷିତ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗରେ ଅସ୍ୱାଭାବିକତା, ନଦୀ ମୂଳ ଶଯ୍ୟାରେ ମାନବିକ ହସ୍ତକ୍ଷେପ, ଅନିୟନ୍ତ୍ରିତ ବାଲିଉଠାଣ ଯୋଗୁଁ ମହାନଦୀ କ୍ରମଶଃ ନିଜ ସ୍ଥିତି ହରାଇବାକୁ ବସିଲାଣି। ନଦୀରେ ଗତ କିଛିବର୍ଷ ହେଲା ଆଉ ବଡ଼ ବନ୍ୟା ଦେଖାଯାଉ ନାହିଁ। ଛତିଶଗଡ଼ ପାର୍ଶ୍ୱରେ ଥିବା ମହାନଦୀ ଓ ଏହାର ଶାଖାନଦୀରେ ସେଠାକାର ସରକାର ବନ୍ଧ ବାନ୍ଧି ପାଣି ଅଟକାଇବା ପରେ ମହାନଦୀର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ଖରାଦିନେ ନଦୀଶଯ୍ୟା ବହୁ ସ୍ଥାନରେ ଶୁଖିଲା ପଡ଼ୁଛି।

୨୦୨୦ ଅଗଷ୍ଟ ମାସ ଶେଷ ସପ୍ତାହରେ ଲଘୁଚାପ ବର୍ଷା ଯୋଗୁଁ ରାଜ୍ୟର ଉପକୂଳ ଜିଲ୍ଲାରେ ଜଳପ୍ରଳୟ ଦେଖା ଦେଇଥିଲା। ଚଳିତ ବର୍ଷ ମହାନଦୀର ମୁଣ୍ଡଳୀ ନିକଟରେ ୮ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୯୮୨ ମସିହାରେ ମହାନଦୀରେ ନରାଜ ନିକଟରେ ୧୫ ଲକ୍ଷ ୮୪ ହଜାର ଘନଫୁଟ ଜଳ ପ୍ରବାହିତ ହୋଇଥିଲା। ଫଳରେ ଭୁବନେଶ୍ୱର ଉପକଣ୍ଠ ପଲାଶୁଣି ନିକଟରେ କୁଆଖାଇ ବନ୍ୟାଜଳ ଜାତୀୟ ରାଜପଥ ଉପର ଦେଇ ପ୍ରବାହିତ ହେଉଥିଲା। କଟକ- ଭୁବନେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଦେବୀ ନଦୀର ଦଳେଇଘାଇ ନିକଟରେ ନଦୀ ବନ୍ଧ ଭାଙ୍ଗି ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୯୮୨ ମସିହାରେ ପଲାଶୁଣିର ଯେଉଁ ଅଞ୍ଚଳ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିଲା ଏବେ ସେହି ସ୍ଥାନରେ ସହସ୍ରାଧିକ ଉଚ୍ଚ ଅଟ୍ଟାଳିକା ଛିଡ଼ା ହୋଇଛି। ଏ ଅଞ୍ଚଳ ଦେଇ ଏକଦା ଯେ ବନ୍ୟା ଜଳ ପ୍ରବାହିତ ହୋଇ ତଳ ମୁଣ୍ଡକୁ ନିଷ୍କାସିତ ହେଉଥିଲା ତାହା କେହି ବର୍ତ୍ତମାନ କଳ୍ପନା କରିପାରିବେ ନାହିଁ। ମହାନଦୀ ଅବବାହିକାରେ ୨୦୦୧ ମସିହାରେ ପ୍ରାୟ ୧୪ ଲକ୍ଷ, ୨୦୦୩ ମସିହାରେ ୧୩ ଲକ୍ଷ ୫୦ ହଜାର, ୨୦୦୮ ମସିହାରେ ୧୩ ଲକ୍ଷ, ୨୦୧୧ ମସିହାରେ ୧୩ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଏଥିଯୋଗୁଁ ମଧ୍ୟମରୁ ବଡ଼ ଧରଣର ବନ୍ୟା ହୋଇଥିଲା। କିନ୍ତୁ ୨୦୨୦ ମସିହାରେ ୮ ଲକ୍ଷ ଘନଫୁଟ ଜଳରେ ବନ୍ୟା ଅବସ୍ଥା ସୃଷ୍ଟି ହୋଇଥିଲା। ଏବେ ଦେଖାଯାଉଛି ଯେ ରାଜ୍ୟବାସୀଙ୍କ ଦୁର୍ଦ୍ଦଶା ପାଇଁ ବନ୍ୟା ଯେତେ ପରିମାଣର ଦାୟୀ, ତା'ଠାରୁ ଅଧିକ ଦାୟୀ ଜଳ ନିଷ୍କାସନର ସମସ୍ୟା। ପୂର୍ବରୁ ବନ୍ୟା ବା ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ଯେପରି ସ୍ୱଚ୍ଛନ୍ଦ ଥିଲା, ନିର୍ମାଣ ଓ ସହରୀକରଣ ଯୋଗୁଁ ତାହା ଏବେ ପରିଲକ୍ଷିତ ହେଉନାହିଁ। ନିଷ୍କାସନ ପଥ ଅବରୋଧ। ସାମାନ୍ୟ ଲଘୁଚାପ ବର୍ଷାରେ ଦୀର୍ଘ ଦିନ ଧରି ପାଣି ଜମି ରହିବା ଯୋଗୁଁ ଧାନ ଓ ପରିପରିବା ଫସଲ ପଚିସଢ଼ି ଯାଉଛି। ଯୋଗାଯୋଗ ବିଚ୍ଛିନ୍ନ ରହୁଛି। ରାସ୍ତା ନଷ୍ଟ ହେଉଛି। ୨୦୧୯ ମସିହାରେ ଆକସ୍ମିକ ଭାବେ ପ୍ରବଳ ବର୍ଷା ଯୋଗୁଁ ପଶ୍ଚିମାଞ୍ଚଳର ବଲାଙ୍ଗୀର ପରି ସହର କୃତ୍ରିମ ବନ୍ୟାରେ ଉବୁଟୁବୁ ହୋଇଯାଇଥିଲା।

ଦେଖାଯାଉଛି ମହାନଦୀ ଅବବାହିକା ଅଞ୍ଚଳରେ ବନ୍ୟା ପାଇଁ ହୀରାକୁଦ ଜଳ ତୁଳନାରେ ହୀରାକୁଦ ତଳମୁଣ୍ଡ ଜଳ ଗତ କିଛିବର୍ଷ ହେଲା ଅଧିକ ସମସ୍ୟାର କାରଣ ହେଉଛି। ୧୯୮୨ ମସିହା ବନ୍ୟାରେ ହୀରାକୁଦ ତଳମୁଣ୍ଡର ଉପନଦୀଗୁଡ଼ିକର ଅବଦାନ ଥିଲା ୧୦ ଲକ୍ଷ ୨୫ ହଜାର ଘନଫୁଟ। ସେହିପରି ୧୯୯୧ ମସିହାରେ ନରାଜଠାରେ ୧୨ ଲକ୍ଷ ୨୧ ହଜାର ଘନଫୁଟ ପାଣି ପ୍ରବାହିତ ହେଉଥିବା ବେଳେ ଏଥିରେ ଉପନଦୀର ଅବଦାନ ଥିଲା ୧୧ ଲକ୍ଷ ଘନଫୁଟ। ସମାନ ଭାବେ ୨୦୦୮ ମସିହା ବନ୍ୟା ମୁଖ୍ୟତଃ ହୀରାକୁଦର ତଳମୁଣ୍ଡରେ ଥିବା ମହାନଦୀର ଉପନଦୀଗୁଡ଼ିକ ଯୋଗୁଁ ଘଟିଥିଲା। ଦୀର୍ଘଦିନ ହେଲା ମହାନଦୀ ଶାଖା ବା ଉପନଦୀରେ ସ୍ୱାଭାବିକ ଜଳ ପ୍ରବାହ ନିଶ୍ଚିତ କରିବା ବା ସଂରକ୍ଷଣ ପାଇଁ ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଲ, ହାତୀ, ହରିହରଯୋର, ଶାଲୁଙ୍କି, ଜିରା, ଅଙ୍ଗ, ଶୁକତେଲ, ଡାହୁକା, କୁସୁମୀ ଆଦି ଉପନଦୀଗୁଡ଼ିକର ଜଳପ୍ରବାହକୁ ସୁନିୟନ୍ତ୍ରିତ ଓ ସୁପରିଚାଳନା ପାଇଁ ପଦକ୍ଷେପ ଅଦ୍ୟାବଧି ନିଆଯାଇ ନାହିଁ। କେବଳ ମଝିରେ ମହାନଦୀ ଉପରେ ଟିକରପଡ଼ା, ମଣିଭଦ୍ରା, ସୁବଳୟା ଓ ସିଣ୍ଡୋଲ ପ୍ରକଳ୍ପ କଥା ଉଠିଥିଲା। ଏହା ସମ୍ଭବପର ନଥିଲା କି ଏବେ ମଧ୍ୟ ନୁହେଁ। କାରଣ ହୀରାକୁଦ ବିସ୍ଥାପିତଙ୍କ କ୍ଷତ ଆଜିଯାଏ ଶୁଖିନାହିଁ। ଟିକରପଡ଼ା ଓ ମଣିଭଦ୍ରାକୁ ନେଇ ପୂର୍ବରୁ ଆନ୍ଦୋଳନ ହୋଇସାରିଛି।

ସେହିପରି ମହାନଦୀର ଶାଖା ନଦୀରେ ଜଳସଂରକ୍ଷଣ ପାଇଁ ବିଗତ ୪୦ ବର୍ଷ ମଧ୍ୟରେ କୌଣସି ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାନଯିବା ଯୋଗୁଁ ତ୍ରିକୋଣଭୂମି ଅଞ୍ଚଳରେ ଅନେକ ଶାଖାନଦୀ ଏବେ ପ୍ରାୟ ମୃତ। ମୁଣ୍ଡଳୀ ବ୍ୟାରେଜ ପରେ ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଯାଇଛି। ମହାନଦୀର ବାମପାର୍ଶ୍ୱରୁ ବିରୂପା ନଦୀ ଶାଖା ମେଲାଇଥିବା ବେଳେ ଦକ୍ଷିଣରେ କାଠଯୋଡ଼ି ଯାଇଛି। କାଠଯୋଡ଼ିର ଦକ୍ଷିଣରେ କାଜିପାଟଣା ନିକଟରୁ କୁଆଖିଆ ନଦୀ ବାହାରି ଦୟା, ଭାର୍ଗବୀ ଓ କୁଶଭଦ୍ରା ଆଦି ଶାଖାନଦୀ ନାମରେ ପୁରୀ ଜିଲ୍ଲାକୁ ଘେରିଛି। ପୁଣି କାଠଯୋଡ଼ି ଆଗକୁ ଯାଇ ଦେବୀ, ସିଦ୍ଧୁଆ, କନ୍ଦଳ, ଛିଣ୍ଡା, ଦଇଖାଇ, ବିଲୁଆଖାଇ, ଅଳକା ଆଦିରେ ପରିଣତ ହୋଇଥିବା ବେଳେ ମୂଳ ମହାନଦୀ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଲୁଣା, ଚିତ୍ରୋପଳା, ଗେଙ୍ଗୁଟି ଓ ପାଇକା ଆଦି ଏକାଧିକ ଶାଖାନଦୀରେ ପରିଣତ ହୋଇଛି। ଏହି ସମସ୍ତ ନଦୀ ଶଯ୍ୟାର ବହୁ ସ୍ଥାନରେ ପଠା ଓ ଚଡ଼ା ସୃଷ୍ଟି ହୋଇଛି। ମୁହାଁଣ ପୋତି ହୋଇଯାଇଛି।

୨୦୧୮ ମସିହାରେ ମହାନଦୀ ମାଷ୍ଟର ପ୍ଲାନ ବିଷୟ ସରକାର ଘୋଷଣା କଲେ। ୭ ବର୍ଷ ତଳର ଏହି ଘୋଷାଣା ଅନୁଯାୟୀ ମହାନଦୀର ତଳମୁଣ୍ଡରେ ୭ଟି ଏବଂ ବିଭିନ୍ନ ଶାଖା ଓ ଉପନଦୀରେ ୨୨ଟି ବ୍ୟାରେଜ, ଆନିକଟ ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିଲା। ପରବର୍ତ୍ତୀ ସରକାରଙ୍କ ଜଳସଂପଦ ମନ୍ତ୍ରୀ ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି ଯେ ୩୨ଟି ବୃହତ, ମଧ୍ୟମ ଓ କ୍ଷୁଦ୍ର ନଦୀ ବନ୍ଧ, ୨୭ଟି ବ୍ୟାରେଜ ଓ ୭୨ଟି ଇନ୍-ଷ୍ଟ୍ରିମ ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ବ୍ୟୟ ହେବ ୫୧ ହଜାର କୋଟି ଟଙ୍କା। ତେବେ ବିଡ଼ମ୍ବନାର ବିଷୟ ଯେ, ମାଷ୍ଟର ପ୍ଲାନର ରୂପରେଖ ଅଦ୍ୟାବଧି ଜଣାପଡ଼ି ନାହିଁ। ଏଥିପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି କି ନାହିଁ, ସର୍ତ୍ତବଳୀ କ'ଣ ରହିଛି ତାହା ଅଦ୍ୟାବଧି କେହି ଜାଣିପାରିଲେ ନାହିଁ। ଚିଠା ମାଷ୍ଟରପ୍ଲାନ ସାର୍ବଜନୀନ ହୋଇ ନାହିଁ କି ଅଂଶୀଦାରଙ୍କ ମତାମତ ଲୋଡ଼ାଯାଇ ନାହିଁ। ନୂଆ ସରକାରକୁ ଇତିମଧ୍ୟରେ ଦୁଇବର୍ଷ ପୂରିଗଲାଣି। କେବଳ ମାଷ୍ଟର ପ୍ଲାନର ଗୋଟିଏ ଅଂଶ ଜଣାପଡ଼ିଛି। ତାହା ହେଲା ମହାନଦୀ ତଟ ସୌନ୍ଦର୍ଯ୍ୟକରଣ। ୨୧୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ସୌନ୍ଦର୍ଯ୍ୟକରଣ ଯୋଜନାରେ ମହାନଦୀ ମାଷ୍ଟରପ୍ଲାନ ଅଟକି ଯାଇଥିବା ମନେହୁଏ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## କାଗଜରୁ କ୍ଲାଉଡ୍: ଓଡ଼ିଆ ସାମ୍ବାଦିକତାର ଦିଗନ୍ତ

ଡ. ଜ୍ୟୋତି ପ୍ରକାଶ ମହାପାତ୍ର

ଇତିହାସରେ କିଛି ତାରିଖ କ୍ୟାଲେଣ୍ଡର ପୃଷ୍ଠାରେ ସୀମିତ ହୋଇ ରହେ ନାହିଁ, ବରଂ ତାହା ଗୋଟିଏ ଜାତିର, ସମାଜର, ଚେତନାର ଦିଗ ଦେଖାନ୍ତି, ନକ୍ଷତ୍ରରେ ପରିଣତ ହୁଏ। ଅଗଷ୍ଟ ୪ ସେମିତି ଏକ ତାରିଖ। ଆଜିର ଦିନରେ ୧୬୦ ବର୍ଷ ତଳେ ୧୮୬୬ ମସିହାରେ ପ୍ରକାଶ ପାଇଥିଲା ଉତ୍କଳ ଦୀପିକା। ସମ୍ପାଦକ ଥିଲେ ଗୌରୀଶଙ୍କର ରାୟ। ଓଡ଼ିଶାର ସାମାଜିକ ବିବର୍ତ୍ତନ ଇତିହାସରେ ସେଦିନ କେବଳ ଏକ ସମ୍ବାଦପତ୍ର ଜନ୍ମ ହୋଇ ନଥିଲା; ଜନ୍ମ ହୋଇଥିଲା ଏକ ଦୀପ୍ତିମାନ ଜନଚେତନାର, ଏକ ଭାଷାର ଆତ୍ମସମ୍ମାନର ଏବଂ ଏକ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି। କଟକରୁ ପ୍ରକାଶିତ ଉତ୍କଳ ଦୀପିକା, ତତ୍କାଳୀନ ଓଡ଼ିଆ ଜନଚେତନା ଉପରେ ଖୁବ୍ ଗଭୀର ପ୍ରଭାବ ପକାଇଥିଲା। କର୍ମବୀର ଗୌରୀଶଙ୍କର ରାୟ ଏବଂ ବିଚିତ୍ରାନନ୍ଦ ଦାସ ଏହାକୁ ଗଢ଼ି ତୋଳିଥିଲେ।

ଓଡ଼ିଆ ସାମ୍ବାଦିକତାର ଇତିହାସକୁ ନେଇ ଅନେକ ଚର୍ଚ୍ଚା ହୁଏ। ବହୁ ଐତିହାସିକ ମାଦଳାପାଞ୍ଜିକୁ ଓଡ଼ିଶାର ଖବର ଦେବାର ପ୍ରଥମ ପରମ୍ପରା ଭାବେ ଦେଖନ୍ତି। ଏହା କେବଳ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ବଂଶାବଳୀ ନୁହେଁ, ବରଂ ସେହି ସମୟର ଶାସନ, ଘଟଣାକ୍ରମ, ସମାଜ ଓ ସଂସ୍କୃତିର ସାକ୍ଷୀ ପ୍ରମାଣ। ୧୬୬୯ ମସିହାରେ ଚୌଦ୍ୱାର ପାଖାପାଖି କୁଜୀବର ମଠରୁ ପ୍ରକାଶିତ 'କୁଜୀବର ପତ୍ର' ମଧ୍ୟ ସାମାଜିକ, ପ୍ରାଶାସନିକ, ବ୍ୟାବସାୟିକ ଓ ରାଜନୈତିକ ସୂଚନା ପ୍ରଦାନ କରୁଥିଲା। ଏହାର ଅର୍ଥ ଘଟଣାକୁ ଖବର ଆକାରରେ ଲେଖିବା ଓ ଲୋକଙ୍କ ପାଖରେ ପହଞ୍ଚାଇବାର ପରମ୍ପରା ଓଡ଼ିଶାରେ ମୁଦ୍ରଣ ଯୁଗ ପୂର୍ବରୁ ଥିଲା।

ଆଧୁନିକ ସାମ୍ବାଦିକତାର ସୃଷ୍ଟି ମୁଦ୍ରଣ ଯନ୍ତ୍ର ସହ ହୋଇଥିଲା। କଟକରେ ମିଶନ ପ୍ରେସ ସ୍ଥାପିତ ହେଲା ୧୮୩୭ ମସିହାରେ ଜ୍ଞାନରୁଣ, ପ୍ରବୋଧ ଚନ୍ଦ୍ରିକା ଓ ଅରୁଣୋଦୟ ଭଳି ପତ୍ରିକା ପ୍ରକାଶନ ଆରମ୍ଭ କଲେ। ତେବେ ସେସବୁ ଐତିହାସିକ ଓ ଧାର୍ମିକ ପ୍ରଚାର ପାଇଁ ବ୍ୟବହାର କରାଯାଉଥିଲା। କିନ୍ତୁ ଯେବେ ଉତ୍କଳ ଦୀପିକା ୧୮୬୬ ମସିହାରେ ପ୍ରକାଶ ପାଇଲା, ଏହା ଓଡ଼ିଶାର ତତ୍କାଳୀନ ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଭାଷାଭିତ୍ତିକ ଚଳଣିର ପ୍ରତିଟି ଖବର ଲୋକଙ୍କ ପାଖକୁ ଆଣିଦେଲା।

ଏମିତିରେ ଦେଖିଲେ ଭାରତୀୟ ଜାତୀୟ ସାମ୍ବାଦିକତା ଆରମ୍ଭ ଦିନରୁ ମୁଖ୍ୟତଃ ଦୁଇଟି କାମକୁ ନିଖୁଣ ଢଙ୍ଗରେ ନିଭେଇଥିଲା। ପ୍ରଥମରେ ସମାଜ ସଂସ୍କାରକର ଭୂମିକା। ଦ୍ୱିତୀୟରେ ଜାତୀୟ ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ। ଏ ଦୁଇଟି ମୁଖ୍ୟ କାମ ବ୍ୟତୀତ ଓଡ଼ିଆ ଗଣମାଧ୍ୟମ ଏକ ବିଶେଷ ଭୂମିକା ନିଭେଇଥିଲା। ତାହା ହେଉଛି ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ। ପରେ ପରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳ ମଞ୍ଜି ପୋତିବା। ସ୍ୱତନ୍ତ୍ର ଓଡ଼ିଶାର ଗଠନକୁ ଯୁକ୍ତି ଓ ଜନସମର୍ଥନ ଦେଇଥିଲା ଓଡ଼ିଆ ଖବରକାଗଜ। ସେହିଭଳି ସ୍ୱାଧୀନତା ସଂଗ୍ରାମକୁ ଅକୁଣ୍ଠ ସମର୍ଥନ ଯୋଗାଇ ଦେଇଥିଲା ଓଡ଼ିଆ ଖବରକାଗଜ ସଂସାର। ଦୁର୍ଭିକ୍ଷ, ବନ୍ୟା, ଦାରିଦ୍ର୍ୟ, ଶୋଷଣ ଓ ସାମାଜିକ କୁସଂସ୍କାର ବିରୁଦ୍ଧରେ ଓଡ଼ିଆ ଖବରକାଗଜ ଚିରକାଳ ନିଜର ସ୍ୱର ତୀବ୍ର କରିଛି। ୧୮୬୬ ମସିହାରେ ଓଡ଼ିଶା ନ'ଅଙ୍କ ଦୁର୍ଭିକ୍ଷ ଦେଖିଥିଲା। ଭୋକରେ ପୀଡ଼ିତ ଓଡ଼ିଆଙ୍କୁ ଆବାଜ ଦେଇଥିଲା ଉତ୍କଳ ଦୀପିକା।

ସ୍ୱାଧୀନତା ପରେ ସାମ୍ବାଦିକତା ଧୀରେଧୀରେ ମିଶନରୁ ବୃତ୍ତି ଆଡ଼କୁ ପରିବର୍ତ୍ତିତ ହୋଇଥିଲା। ଅଶୀ ଦଶକରେ ଏଥିରେ ଆସିଥିଲା ସାକାର ପରିବର୍ତ୍ତନ। ମୁଦ୍ରଣ, ବୈଷୟିକ ବିଦ୍ୟା, ରଙ୍ଗ, ପରିପାଟୀ ଅନେକ କିଛି ବଦଳି ଯାଇଥିଲା। ଆଉ ନୂଆ ଶତାବ୍ଦୀରେ ପରିବର୍ତ୍ତିତ ବୈଷୟିକ ବିଦ୍ୟା ସହ ପାଦ ମିଳାଇ ଓଡ଼ିଆ ସାମ୍ବାଦିକତା ଆଗେଇ ଯାଇଥିଲା। ଆଜିର ଚିତ୍ର ଆହୁରି ବ୍ୟାପକ। ଦୈନିକ ଖବରକାଗଜ, ଡିଜିଟାଲ ପୋର୍ଟାଲ, ଟେଲିଭିଜନ, ରେଡିଓ, ମୋବାଇଲ ସାମ୍ବାଦିକତା, ସାମାଜିକ ଗଣମାଧ୍ୟମ ଖବରର ଭୂଗୋଳକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛନ୍ତି। ଖବର ପରଦିନ ସକାଳେ ନୁହେଁ ପ୍ରତି ସେକେଣ୍ଡରେ ପହଞ୍ଚୁଛି। ପାଠକ ଏବେ କେବଳ ପାଠକ ନୁହେଁ। ସେ ସୂଚନାର ସ୍ରଷ୍ଟା ମଧ୍ୟ। ଏହା ସୁଯୋଗ ମଧ୍ୟ। ବିପଦ ମଧ୍ୟ।

ଆଉ ଏକ ନୂଆ ତଥା ଚଳନ୍ତି ଅଧ୍ୟାୟର ନାଁ ହେଉଛି ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା। ଖବର ଲେଖିବା, ବିଶ୍ଳେଷଣ କରିବା, ତଥ୍ୟ ଲେଖିବା ଏହି ସବୁ କ୍ଷେତ୍ରରେ ଏଆଇ ପ୍ରବେଶ କରି ସାରିଛି ବା କରୁଛି। ଏହା ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଏକ ଶକ୍ତିଶାଳୀ ସହଯୋଗୀ ହୋଇପାରେ ଯଦି ଏଆଇକୁ ସମ୍ପାଦକୀୟ ବିବେକ ଓ ମାନବୀୟ ବିଚାର ସହ ବ୍ୟବହାର କରାଯାଏ। କାରଣ ତଥ୍ୟ ବିଶ୍ଳେଷଣ କରିବା ଓ ସାରା ବିଶ୍ୱର ତଥ୍ୟକୁ ଏକାଠି କରିବା ଏଆଇ ପାଖରେ ସମ୍ଭବ ହୋଇପାରେ। କିନ୍ତୁ ସମାଜର ନାଡ଼ି ବୁଝିବା, ପ୍ରସଙ୍ଗର ଗୁରୁତ୍ୱ ବୁଝିବା ଏବଂ ଯାହା ଠିକ୍ ତା' ସପକ୍ଷରେ ଛିଡ଼ା ହେବା ହେଉଛି ମଣିଷର ବିବେକବୋଧ ଓ କର୍ତ୍ତବ୍ୟ।

ଓଡ଼ିଆ ସାମ୍ବାଦିକତାର ୧୬୦ବର୍ଷର ଇତିହାସ ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଇଥାଏ। ସମ୍ବାଦପତ୍ର କେବଳ ଘଟଣାର ବିବରଣୀ ଲେଖେ ନାହିଁ, ତାହା ସମାଜର ସ୍ମୃତିକୁ ସଂରକ୍ଷଣ କରେ। ଲୋକମତକୁ ଦିଗଦର୍ଶନ କରେ ଏବଂ ଇତିହାସର ପ୍ରଥମ ଖସଡ଼ା ଲେଖେ। ଯେଉଁ ଓଡ଼ିଆ ସାମ୍ବାଦିକତା ଭାଷାକୁ ବଞ୍ଚେଇଥିଲା, ଓଡ଼ିଶାକୁ ଏକାଠି କରିଥିଲା, ସମାଜ ସଂସ୍କାରର ଭୂମିକା ନିଭେଇଥିଲା ଏବଂ ସ୍ୱାଧୀନତା ସଂଗ୍ରାମକୁ ଶକ୍ତି ଦେଇଥିଲା ତାହା ଆଜି ମଧ୍ୟ ଜାଲି ଖବରକୁ ରୋକି ସତ୍ୟର ବିଶ୍ୱସନୀୟତାକୁ ରକ୍ଷା କରୁଛି। ଦ୍ରୁତ ଗତି ସତ୍ୟକୁ ପଛରେ ପକାଇ ଦେଇଛି। ଜାଲି ଖବର, ଭୁଲ ଖବର, ଅର୍ଦ୍ଧ ସତ୍ୟ, ସାମାଜିକ ଗଣମାଧ୍ୟମର ଅଯାଞ୍ଚିତ ସୂଚନା, କ୍ଲିକ ଆଧାରିତ ଅର୍ଥନୀତି ଓ କୃତ୍ରିମ ବୁଦ୍ଧିମତ୍ତା ନୂଆ ପ୍ରଶ୍ନ ଉଠାଇଛି। ଭବିଷ୍ୟତରେ ମଣିଷ ଲେଖିଥିବା ଖବର ଓ ଯନ୍ତ୍ର ଲେଖିଥିବା ଖବର ମଧ୍ୟରେ ପ୍ରତିଯୋଗିତା ହେବ ନାହିଁ, ବରଂ ପ୍ରତିଯୋଗିତା ହେବ ବିଶ୍ୱାସ ଅବିଶ୍ୱାସ ମଧ୍ୟରେ। ସମୟ ସାଙ୍ଗରେ ପ୍ରଯୁକ୍ତି ବଦଳିବ, ମାଧ୍ୟମ ବଦଳିବ, ପାଠକଙ୍କ ଅଭ୍ୟାସ ବଦଳିବ। ତେବେ ଅହରହ ବଦଳୁଥିବା ପରିବେଶ ମଧ୍ୟରେ ସାମ୍ବାଦିକତା ଯେଉଁ ଲକ୍ଷ୍ୟ ନେଇ ଆଗେଇ ଯାଇଥିଲା, ତାହାକୁ ଅକ୍ଷୁଣ୍ଣ ରଖିବା ଦିଗରେ ନିଜର ଯାତ୍ରା ଜାରି ରଖିବା ଦରକାର।

ଏବର ଦୁନିଆରେ ପ୍ରତି ମୁହୂର୍ତ୍ତରେ, ପ୍ରତି କ୍ଷଣରେ ଆଙ୍ଗୁଠି ଟିପରେ ଆମେ ତଥ୍ୟ ପାଉଛୁ। ମୋବାଇଲରେ ତଥ୍ୟର ବର୍ଷା ହେଉଛି। ସେଥିରୁ କିଛି ଦରକାରୀ, କିଛି ଅଦରକାରୀ, କିଛି ସାକାର, କିଛି ବିକାର। କିନ୍ତୁ ତଥ୍ୟରୁ ଅର୍ଥ ଖୋଜିବା ଏବଂ ଅର୍ଥର ଧାର ଖୋଜିବା କାମ ହେଉଛି ସାମ୍ବାଦିକର। ତେଣୁ ଯେତେ ବୈଷୟିକ ବିଦ୍ୟା ଓ ସୂଚନା ପ୍ରଯୁକ୍ତି ଆଗେଇବ ଆଗାମୀ ଦିନରେ ସେତେ ପ୍ରଶିକ୍ଷିତ ସାମ୍ବାଦିକଙ୍କ ଆବଶ୍ୟକତା ବଢ଼ିବ। ସମୟ ବଦଳିଛି, ଧାରା ବଦଳିଛି, ପ୍ରଯୁକ୍ତି ବଦଳିଛି। କିନ୍ତୁ ଓଡ଼ିଆ ସାମ୍ବାଦିକତାର ମୂଳ ଦାୟିତ୍ୱ ବଦଳି ନାହିଁ। ସ୍ୱରହୀନଙ୍କୁ ସ୍ୱର ଦେବା ଓ ଓଡ଼ିଶାର ସାମାଜିକ ବିବେକକୁ ଜାଗ୍ରତ କରିବା। କାରଣ ଓଡ଼ିଆ ସାମ୍ବାଦିକତା କେବଳ ଓଡ଼ିଶା ଇତିହାସ ଲେଖି ନାହିଁ। ତାହା ଓଡ଼ିଶାର ଇତିହାସ ଗଢ଼ିଛି, ସୃଷ୍ଟି କରିଛି।

## କୁଥାକୁହା ମଣିଷ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଚିନ୍ତାଶକ୍ତିସମ୍ପନ୍ନ ରୂପେ ଅନ୍ୟ ଜୀବମାନଙ୍କ ଠାରୁ ଭିନ୍ନ ରୂପେ ପରିଗଣିତ ମଣିଷର ଅନ୍ୟତମ ବିଶେଷତା ହେଲା ତା'ର କଥା କହିବାର ସାମର୍ଥ୍ୟ। ପରସ୍ପର ସହିତ ଯୋଗାଯୋଗ କରିବାର ଏହି କଳା ତା'କୁ ଜୀବଜଗତରେ ଅନନ୍ୟ କରିଛି। ତେବେ ମନରେ ପ୍ରଶ୍ନ ଉଠେ ଯେ ସେ କେବେ ଶବ୍ଦ ଓ ଧ୍ୱନି ସାହାଯ୍ୟରେ ଏହା କରିବାକୁ, ଅର୍ଥାତ୍ କଥାକୁହା ହେବାକୁ ସମର୍ଥ ହେଲା ଏବଂ କେବଳ ସେ ହିଁ କାହିଁକି ଏହା କରିପାରିଲା?

ନ୍ୟୁୟର୍କ ସ୍ଥିତ ରକ୍‌ଫେଲର୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ନିକଟରେ ଏହାର ଉତ୍ତର ପାଇଛନ୍ତି। ଆଧୁନିକ ମଣିଷର ବିବର୍ତ୍ତନୀୟ ପୂର୍ବପୁରୁଷ ନିଏଣ୍ଡର୍ଥାଲସ୍ ଓ ଡେନିସୋଭାନସ୍‌ଙ୍କର ଗଳା ଓ କାନର ଗଠନ ପ୍ରାୟତଃ ଏକା ଭଳି। ଏଣୁ ତାହା ତାଙ୍କୁ କଥା କହିବା ଓ ଶୁଣିବା ପାଇଁ ସମର୍ଥ କରିପାରିଥା'ନ୍ତା। କିନ୍ତୁ କେବଳ ମଣିଷଠାରେ ହିଁ ଏପରି କରିବା ଲାଗି ଆବଶ୍ୟକ ମସ୍ତିଷ୍କର ଅଂଶଗୁଡ଼ିକ ବିକଶିତ ହୋଇପାରିଛି ଏବଂ ସେ ଏହା ପୂର୍ଣ୍ଣମାତ୍ରାରେ କରିପାରୁଛି। ଗବେଷକମାନଙ୍କ ମତରେ ଏହାର କାରଣ ହେଲା 'ଏନ୍‌ଓଭିଏ' ନାମକ ଏକ ପ୍ରୋଟିନ୍, ଯାହାକି ମଣିଷ ଠାରେ ଦେଖାଯାଏ, ଯାହା ଆର୍‌ଏନ୍‌ଏ ସଂଯୁକ୍ତ ପ୍ରୋଟିନ୍ ସ୍ନାୟବିକ ବିକାଶ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ନିୟନ୍ତ୍ରଣ କରେ। ସମ୍ଭବତଃ ଏଥିରେ ଏକ ଜିନୀୟ ଧ୍ରୁବୀକରଣ ମଣିଷ କହୁଥିବା ଭାଷାର ବିକାଶରେ କୌଣସି ଭୂମିକା ରହିଛି। ଏହି ପ୍ରକ୍ରିୟାରେ ପ୍ରୋଟିନଟିରେ ଗୋଟିଏ ମାତ୍ର ଆମିନୋଅମ୍ଳର ପରିବର୍ତ୍ତନ ଆସିଥିଲା ଏବଂ ତାହା ଆଦିମ ମଣିଷର ସଂକେତ ମାଧ୍ୟମରେ ଭାବର ଆଦାନ ପ୍ରଦାନକୁ ବଦଳାଇ ତା'କୁ କଥା କହିବାରେ ସମର୍ଥ କରିଥିଲା।

ଏହି ଆବିଷ୍କାର ପାଇଁ ହୋଇଥିବା ପରୀକ୍ଷାରୁ ପ୍ରାପ୍ତ ତଥ୍ୟ ପ୍ରକାଶିତ ହୋଇଥିଲା ନେଚର କମ୍ୟୁନିକେସନସ୍ ପତ୍ରିକାର ମାର୍ଚ୍ଚ ୨୦୨୫ ସଂଖ୍ୟାରେ। ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଗବେଷକ ରବର୍ଟ ବି ଡୋର୍ନେଲେ ଏବଂ ଅନ୍ୟମାନେ ଏଥିରେ ସୂଚୀତ କରିଥିଲେ ଯେ ଯେତେବେଳେ ସେମାନେ ମୂଷାମାନଙ୍କଠାରେ ମଣିଷର ଏନ୍‌ଓଭିଏ୧' ପ୍ରତିରୋପଣ କଲେ ସେମାନଙ୍କର ପରସ୍ପର ମଧ୍ୟରେ ଯୋଗାଯୋଗର ପଦ୍ଧତି ବଦଳିଗଲା। ମୂଷାଛୁଆଙ୍କ ଠାରେ ଏହା ମା'ମାନଙ୍କୁ ଡାକିବାର ସ୍ୱର ବଦଳାଇ ଦେଲା। ସେହିପରି ପ୍ରାପ୍ତବୟସ୍କ ମୂଷାମାନେ ତାଙ୍କ ଯୌନସାଥୀଙ୍କୁ ଆହ୍ୱାନ କରୁଥିବା ପାରସ୍ପରିକ ବା ଅଲଟ୍ରାସାଉଣ୍ଡ ମାଧ୍ୟମ ବଦଳିଯାଇ ନୂଆପ୍ରକାର ଧ୍ୱନି ସୃଷ୍ଟି କଲା। ତତ୍ପରେ ଗବେଷକମାନେ ନିଏଣ୍ଡର୍ଥାଲସ୍ ଏବଂ ଡେନିସୋଭାନସ୍‌ଙ୍କ ଜିନୀୟ ପଦାର୍ଥ ପରୀକ୍ଷା କରିବାକୁ ଲାଗିଲେ। ତହିଁରୁ ଜଣାପଡ଼ିଲା ଯେ ସେମାନଙ୍କଠାରେ ଥିବା 'ଏନ୍ ଓ ଭି ଏ ୧' ପଶୁମାନଙ୍କ ଅନୁରୂପ। ଅର୍ଥାତ୍ ମଣିଷଠାରେ ଘଟିଥିବା ପରିବର୍ତ୍ତନ ତହିଁରେ ନଥିଲା।

ଅତଏବ ମଣିଷର ଭାଷା ସହିତ ସଂପୃକ୍ତ ଜିନୀୟ ପଦାର୍ଥ ସମ୍ଭବତଃ ତା'ର କଥା କହିବା ଏବଂ ସେଥିପାଇଁ ମସ୍ତିଷ୍କରେ ଆସୁଥିବା ପରିବର୍ତ୍ତନରେ ଏହାର ଭୂମିକା ରହିଛି। ଏହାରି ଯୋଗୁଁ ଅନ୍ୟ ଜୀବମାନଙ୍କଠାରୁ ଭିନ୍ନ ରୂପେ ତା'ଠାରେ ଭାଷାର ଜଟିଳ ପ୍ରକ୍ରିୟା ବିକାଶ ଲାଭ କଲା। ଅବଶ୍ୟ ଅନ୍ୟାନ୍ୟ ଜିନୀୟ ପରିବର୍ତ୍ତନର ଏକ୍ଷେତ୍ରକୁ ଅବଦାନ ଥାଇପାରେ। ତେବେ ଏହା ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ। ତଥାପି ଏକ ନିର୍ଦ୍ଦିଷ୍ଟ ତଥା ପୂର୍ଣ୍ଣାଙ୍ଗ ସିଦ୍ଧାନ୍ତରେ ଉପନୀତ ହେବା ଲାଗି ଅଧିକ ଗବେଷଣା ଲୋଡ଼ା ବୋଲି ମତ ଦିଅନ୍ତି ଉପରୋକ୍ତ ଗବେଷକଗଣ।

କଥାକୁହା ମଣିଷର ଭାଷାଶକ୍ତି ଆଜକୁ ପ୍ରାୟ ୧୩୫୦୦ ବର୍ଷ ପୂର୍ବେ ଜନ୍ମ ନେଇଥିଲା ବୋଲି ଅନୁମାନ କରାଯାଉଛି, ଯେତେବେଳେ ଲୋକେ ପ୍ରଥମ ଥର ପାଇଁ ଆଦିମ ବାସସ୍ଥଳୀ ଆଫ୍ରିକାରୁ ଅନ୍ୟାନ୍ୟ ସ୍ଥାନକୁ ଯାଇ ବସତି ସ୍ଥାପନ କଲେ। ଏଦିଗରେ ଆମେରିକାର ମାସାଚୁଟେସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଗବେଷକମାନେ ଦୀର୍ଘ ୧୮ ବର୍ଷ ଧରି ୧୫ଟି ଭିନ୍ନ ଭିନ୍ନ ଅଧ୍ୟୟନ କରିଛନ୍ତି। ତହିଁରୁ ଜଣାପଡ଼ିଛି ଯେ ବର୍ତ୍ତମାନର ପୃଥିବୀରେ ରହିଛି ପ୍ରାୟ ୭୦୦୦ କଥିତ ଭାଷା। ମୂଳତଃ ସେଗୁଡ଼ିକ ମଧ୍ୟରେ ଅନେକ ସମାନତା ଥିଲେ ହେଁ ତାହାର ଉଚ୍ଚାରଣ ଓ ଧ୍ୱନି ଆଦି ଭିନ୍ନ ଭିନ୍ନ। ତାହା ସୂଚୀତ କରୁଛି ଯେ ଭାଷା ତଥା କଥା କହିବାର ସାମର୍ଥ୍ୟ ମଣିଷଠାରେ ବିକଶିତ ହେଲା ଯେ ପ୍ରଥମଥର ପାଇଁ ଅଲଗା ଅଲଗା ଦଳରେ ବିଭକ୍ତ ହୋଇ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ବସତି ସ୍ଥାପନ କଲାପରେ। ସେଠାକାର ସ୍ଥାନୀୟ ପରିବେଶ ସେମାନଙ୍କ ଉଚ୍ଚାରଣ, କଥା କହିବାର ଶୈଳୀ ଆଦିକୁ ପ୍ରଭାବିତ କରିଥିଲା।

ଯମପଡ଼ା(କେନ୍ଦ୍ରାପଡ଼ା),ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ସରକାରରେ ଆବାସ ଯୋଜନାରେ ମହାଘୋଟାଲା

# ପ୍ରକୃତ ହିତାଧିକାରୀ ବଞ୍ଚିତ; ବିଜେପି ଦଳୀୟ ଭିତ୍ତିରେ ଘର ବାଣ୍ଟୁଛି: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ବିଜେପି ସରକାରରେ ଆବାସ ଯୋଜନାରେ ମହାଘୋଟାଲା ହୋଇଛି। ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରାଯାଇ ଘର ବଣ୍ଟନ କରାଯାଉଛି। ସରକାରଙ୍କ ତ୍ରୁଟିକୁ ନିଜେ ମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି। ସରକାରଙ୍କ ଏହି ପାଚଉଅନ୍ତର ନୀତିକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

- ହିତାଧିକାରୀ ଚୟନ କରୁଛନ୍ତି ବିଜେପି ନେତା, ତ୍ରୁଟିକୁ ନିଜେ ସ୍ୱୀକାର କରିଛନ୍ତି ମନ୍ତ୍ରୀ
- ୨ ବର୍ଷରେ ଆସିଛି ୧ ଲକ୍ଷ ୧ ହଜାର ଘର, ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ
- ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ସରକାର

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଆବାସ ଯୋଜନାରେ ହୋଇଥିବା ମହାଘୋଟାଲାକୁ ନେଇ ବିଜେପି ସରକାର ଉପରେ ବର୍ଷିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶାରେ ଆବାସ ଯୋଜନା ସମ୍ପୂର୍ଣ୍ଣଭାବେ ବାଟବଣା ହୋଇଛି। ଗରିବ ଶ୍ରେଣୀର ଲୋକେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲାଗି ପଡିଛନ୍ତି। ମନ୍ତ୍ରୀ ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଛନ୍ତି, ଯାହାକି ଅତି ଅଶୋଭନୀୟ। ହିତାଧିକାରୀଙ୍କୁ ଘର ବଣ୍ଟନ ନେଇ ଥିବା ଗାଇଡଲାଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରିଛି ବିଜେପି ସରକାର। ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ମାନଙ୍କ ଚୟନ ନେଇ ସ୍ଥାନୀୟ ଜିଲ୍ଲାପାଳ ପଞ୍ଚାୟତିରାଜ ବିଭାଗକୁ ଜଣାଇବେ, ଏହାପରେ ମୁଖ୍ୟମନ୍ତ୍ରୀ ତାହାକୁ ଅନୁମୋଦନ କରିବା ନିୟମ ରହିଛି। କିନ୍ତୁ ତାହାକୁ ଉଲ୍ଲଙ୍ଘନ କରି ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରି ଗୃହ ପ୍ରଦାନ କରାଯାଇଛି। ବିଜେପି ନେତା ମାନେ ଚାପ ପ୍ରୟୋଗ କରି ଜିଓ ଟ୍ୟାଗିଂ କରୁଥିବାରୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗତ ୨ ବର୍ଷରେ ୧ ଲକ୍ଷ ୧ ହଜାର ଘର ଆସିଥିବା ବେଳେ ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ ହୋଇଛି। ସେହିପରି ଅନ୍ତ୍ୟୋଦୟ ଯୋଜନାରେ ୨ ଲକ୍ଷ ୨୫ ହଜାର ଘର ଆବଣ୍ଟନ କରାଯାଇଛି। ସର୍ଭେ କାର୍ଯ୍ୟ ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଥିବା ଗାଇଡଲାଇନକୁ ପାଳନ କରାଯାଇ ନାହିଁ, ଯାହାକି ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଢେଙ୍କାନାଳ ସଦର ବ୍ଲକର କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମକୁ ଯାଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ମନ୍ତ୍ରୀ ସେଠାରେ ସ୍ୱୀକାର କରିଥିଲେ। ଟଙ୍କା ନେଇ ଆବାସ ଗୃହ ବଣ୍ଟା ଯାଇଥିବା କହି ବିଡିଓ ଓ ପିଇଓଙ୍କୁ ସର୍ବସାଧାରଣରେ ଅଶୋଭନୀୟ ବ୍ୟବହାର କରି ଗାଳିଗୁଲଜ କରିଥିଲେ ମନ୍ତ୍ରୀ। ଏନେଇ ପିଇଓ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଜଣେ ମହିଳା କର୍ମଚାରୀଙ୍କୁ ଏପରି ବ୍ୟବହାର କରିବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଜେପି ସରକାର ଦଳୀୟ ଭିତ୍ତିରେ ଘର ବଣ୍ଟନ ନ କରି ପ୍ରକୃତ ହିତାଧିକାରୀଙ୍କୁ ଘର ବଣ୍ଟନ କରନ୍ତୁ ବୋଲି ସେ ଦାବି କରିଥିଲେ।

ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ଆବାସ ଯୋଜନାରେ ଗରୀବ ଲୋକ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଉଲ୍‌ଟି ସରକାରର ଦୋଷ ତ୍ରୁଟିକୁ ଲୁଚାଇବାକୁ ଯାଇ ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ମନ୍ତ୍ରୀ ଗାଳିଗୁଲଜ କରୁଛନ୍ତି। ବିଜେପି ସରକାର ମହିଳା ସୁରକ୍ଷା ଓ ମହିଳା ବନ୍ଦନାର ଡିଣ୍ଡିମ ପିଟୁଥିବା ବେଳେ ଏହା କେଉଁ ପ୍ରକାର ମହିଳାଙ୍କ ସମ୍ମାନ? ମନ୍ତ୍ରୀ ମହିଳା କର୍ମଚାରୀଙ୍କୁ ଅପଶବ୍ଦ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ। ବିଜେପିର କୁଳି ନେତା ମାନେ ଆବାସ ଯୋଜନାର ହିତାଧିକାରୀ ଚୟନ କରୁଛନ୍ତି। ଏଥିରେ ବାଧା ସୃଷ୍ଟି କଲେ ସରକାରୀ କର୍ମଚାରୀ ମାନେ ଅପମାନିତ ହେଉଛନ୍ତି। ହିତାଧିକାରୀ ମାନଙ୍କୁ ଗାଇଡଲାଇନ ଅନୁଯାୟୀ ଘର ପ୍ରଦାନ କରାଯାଉ ନାହିଁ। ୨ ମହଲା କୋଠା ଘର ଥାଇ ବି ଲୋକେ ଆବାସ ଯୋଜନାର ଗୃହ ହାତେଇଛନ୍ତି। ଏହି ଦୁର୍ନୀତି ପାଇଁ ବିଜେପି ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ଆବାସ ଦୁର୍ନୀତିରେ ନିଜେ ମନ୍ତ୍ରୀ ମଧ୍ୟ ସାମିଲ ଅଛନ୍ତି। କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ସାରା ରାଜ୍ୟରେ ଆବାସ ଯୋଜନାରେ ଅନିୟମିତତା ଦେଖିବାକୁ ମିଳୁଛି। ଆବାସ ଦୁର୍ନୀତିର ତଦନ୍ତ କରାଯାଉ ଓ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରି ଗୃହ ବଣ୍ଟନ କରାଯାଉ ବୋଲି ସେ ଦାବି କରିଛନ୍ତି।

# ଇଗ୍ନୋ ନାମଲେଖା ପାଇଁ ପଞ୍ଜିକରଣ ଆରମ୍ଭ

## ଅଗଷ୍ଟ ୧୬ ମଧ୍ୟରେ ଆବେଦନ କରିପାରିବେ ଆଶାୟୀ

ଭୁବନେଶ୍ୱର,୩।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ଜୁଲାଇ-୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଓ ପଞ୍ଜିକରଣ ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଇଥିବା ପିଲାମାନେ ସ୍ନାତକ, ସ୍ନାତକୋତ୍ତର ଓ ସ୍ନାତକୋତ୍ତର ଡିପ୍ଲୋମା ପଢ଼ିପାରିବେ। ଆସନ୍ତା ୧୬ ତାରିଖ ମଧ୍ୟରେ ଏଥିପାଇଁ ପଞ୍ଜିକରଣ ସହିତ ନାମଲେଖାଇବାକୁ ହେବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ପାଇଁ ୫୦ ପ୍ରତିଶତ ଫି' ରିହାତି କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ ଏଥିପାଇଁ ଯୋଗ୍ୟ ହେବେନାହିଁ। ଇଚ୍ଛୁକ ପ୍ରାର୍ଥୀମାନେ https://ignouadmission.samarth.edu.in । https://onlinerr.ignou.ac.in ଲିଙ୍କ୍‌ରେ ଯାଇ ଆବେଦନ କରିପାରିବେ ବୋଲି ଭୁବନେଶ୍ୱର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**AFFIDAVIT**

I, AZIMA BIBI @ KHATUN, aged about 42 years, W/o- SK RAFIQUE Resident of 63(2), RANAPADA, PO- KENDRAPARA, MAHAKALA PADA, DIST-KENDRAPARA, ODISHA-754211, declared by this Affidavit No.876/2026, Dated. 03.08.2026, That now onwards I shall Be Known as **AZIMA KHATUN** for all future Purposes.

**Notice (For Minor)**

By virtue of an affidavit (SL No. 2948, dtd- 03.08.2026) sworn before The Executive Magistrate, Badabil, Dist- Kendujhar. I, **Sabnam Parween,** W/o Md Shamim Akhtar, resident of At- Badabil/Barbil, Ward No.7, PO/PS- Badabil/Barbil, Dist- Kendujhar, State- Odisha, PIN-758035 declare that I have changed my minor daughter's name from **Nafia Naz** (old name) to **Safiya Naz** (new name). Henceforth, she shall be known as **Safiya Naz** (new name) for all purposes.

**Sabnam Parween**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 03.08.2026. I, **Kailash Chandra Sahu** (applicant name), S/o Trinatha Sahu, permanent & current resident of AT: Hatpadapara, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Samrtha Sahu** (old name) to **Samar Sahu** (new name). Henceforth, he shall be known as **Samar Sahu** (new name) for all future purposes.

**Kailash Chandra Sahu**

**AFFIDAVIT**

By virtue of an affidavit sworn before Executive Magistrate, Pattamundai Affidavit No. A-18/26 on dated 31/07/2026, I **JEMADEBI KHATUA**, W/o Dhaneswar Khatua resident of At- Badapal, Po- Sansarphal, P.S: Pattamundai Rural, Dist: Kendrapara, Odisha, PIN: 754217, declare that I have changed my name from **SANJU (Old Name)** to **JEMADEBI KHATUA (New Name)**. Henceforth, I shall be known as **JEMADEBI KHATUA** for all purposes.

Sd- **JEMADEBI KHATUA**

**PM SHRI SCHOOL JAWAHAR NAVODAYA VIDYALAYA**

AT/PO: TARBHA, DIST. SONEPUR, ODISHA, PIN-767016

Ref.No. F.No.2.16/JNVTS(O)/2026-27/ Dated: 03.08.2026

**CORRIGENDUM OF TENDER NOTICE - 03**

It is for information to all concerned that the dates published in the Tender Notice-03 are hereby extended i.e. the tender documents will be received upto **11.08.2026 at 04.30 PM** and opened on **12.08.2026 at 11.00 AM** due to administrative reasons and modification of list of grocery items. The revised tender documents can be purchased physically from the office or downloaded from the Google Drive link: https://drive.google.com/drive/folders/1O4bhUhzDwBrL41glmE7bu0msiGTeobcp?usp=sharing. The other details published earlier are unchanged.

**PRINCIPAL**

**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ. eT-South-RGDA-01-2026 ତା.31.07.2026ରିଖ

**କାର୍ଯ୍ୟର ନାମ :** ରାୟଗଡ଼ା ମଣ୍ଡଳରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ରାୟଗଡ଼ା ପରିସୀମା ଅଧୀନରେ 1300 ସଂଖ୍ୟକ 60/KG/60EI-R260 ଫ୍ଲେଶିଙ୍ଗ ଅଂଶର ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 49,21,761/-, EMD (ଟଙ୍କାରେ) : 98,400/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 25.08.2026 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ରାୟଗଡ଼ା

PR-340/R/26-27

**ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର, ବାଲେଶ୍ୱର**

**ଅତିଥି ଅଧ୍ୟାପକ ନିଯୁକ୍ତି ସମ୍ବନ୍ଧରେ**

ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର, ବାଲେଶ୍ୱର, ପିନ୍-୭୫୬୦୪୪, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ (Guest Faculty) ଭାବେ ଅସ୍ଥାୟୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଅଛି। Master Degree With minimum 55% Marks ଥିବା ଯୋଗ୍ୟ ପ୍ରାର୍ଥୀ ଅବସରପ୍ରାପ୍ତ ଅଧ୍ୟାପକ / ପ୍ରଧ୍ୟାପକମାନେ ନିମ୍ନଲିଖିତ ବିଷୟରେ ଆବେଦନ କରିପାରିବେ। ସମ୍ପୂର୍ଣ୍ଣ ବିବରଣୀ କଲେଜ ୱେବସାଇଟ୍ www.gopalpurcollege.in ରେ ଉପଲବ୍ଧ।

| Subject | No. of Post | Subject | No. Post |
|---|---|---|---|
| Economics | 01 | Logic and Philosophy | 01 |
| History | 03 | Education | 01 |
| Political Science | 03 | Zoology | 01 |
| Home Science | 01 | | |

ଆବେଦନ ପ୍ରକ୍ରିୟା ହିମ୍ସ ପୋର୍ଟାଲ୍ https://hims.odisha.gov.in ମାଧ୍ୟମରେ ଆବେଦନ କରିବାକୁ ହେବ। ଅନ୍ୟଥା ଆବେଦନ ଗ୍ରହଣ କରାଯିବ ନାହିଁ।

**ଆବେଦନ ଆରମ୍ଭ - ୦୩.୦୮.୨୦୨୬ ଏବଂ ଆବେଦନ ଶେଷ - ୧୭.୦୮.୨୦୨୬**

ସ୍ୱା/- ଅଧ୍ୟକ୍ଷ, ଗୋପାଳପୁର ମହାବିଦ୍ୟାଳୟ, ଗୋପାଳପୁର, ବାଲେଶ୍ୱର

**ODISHA HYDRO POWER CORPORATION LIMITED** 4001/235/2627

**BALIMELA HYDRO ELECTRIC PROJECT**

OHPC

PO.: Balimela, Dist: Malkangiri (Odisha), PIN: 764051, Phones: 06861-232581 (O) / 232641 (R), Fax: 06861-232541, E-Mail: unit.head_balimea@yahoo.com

**REGD. OFFICE: ODISHA HYDRO POWER CORPORATION LIMITED**

(A Govt. of Odisha Undertaking), Bhoi Nagar, Janapath, Bhubaneswar - 751022

Tel: 91-0674-2542983, 2542802, 2545526, Fax: 2542102, GRAM HYDROPOWER, E-mail: ohpc.co@gmail.com / md@ohpcltd.com, Website: www.ohpcltd.com.

**CIN: U40101OR1995SGC003963, GSTIN: 21AAACO2575P1Z9**

**TENDER CALL NOTICE No. BHEP/TECH/23/2026-27, Dated: 01.08.2026**

The sealed tenders are invited in single bid basis from the Manufacturer / Reputed firms / Authorised Dealers for the work as detailed below.

| Sl. No. | Description of Items | Cost of Tender Paper (in Rs.) |
|---|---|---|
| 1 | Supply, Installation & Commissioning for HYDAC make Pressure Switches for BHEP, Balimela | Rs. 7080/- Inclusive of GST @ 18% |

The Sale of Tender Paper will be from : 05.08.2026 to 19.08.2026 (up to 11:00 hrs)
The Last date & time of receipt of tenders : Up to 12:00 hrs of 19.08.2026
Date and time of opening of the Bid : at 12:30 hrs 19.08.2026

For details of tender documents, Terms and Conditions, Eligibility criteria and downloading, please visit our websie at **www.ohpcltd.com**

Sd/- C & P Head BHEP, Balimela

OIPR-4001/4019/1/26-27/0019

**OFFICE OF THE MUNICIPAL COUNCIL, ANANDAPUR**

Mail Id: executiveofficer_andp@rediffmail.com, Ph. No.: 06731220188

Letter No.: 2822 Date: 31.07.2026

13001/1400/2627

**QUOTATION CALL NOTICE**

Sealed quotations are hereby invited from intending Firms/Agencies/Dealers for the supply of office stationery articles to the Office of the Anandapur Municipality, Anandapur.

**Last Date & Time for Submission of Quotation: 11th August 2026 up to 5:30 PM**
**Date & Time of Opening of Quotation: 12th August 2026 at 11:00 AM**

| Sl. No. | Description | Unit | Rate (Rs.) |
|---|---|---|---|
| 1 | White Paper (Enamii) | Per Rim | |
| 2 | Ruling Paper | Per Rim | |
| 3 | Type Carbon (Kores) | Per Pkt. | |
| 4 | Double Side Carbon (Kores) | Per Pkt. | |
| 5 | J.K. Copier - A4 | Per Pkt. | |
| 6 | J.K. Copier F/S | Per Pkt. | |
| 7 | Alpine | Per Pkt. | |
| 8 | Tag | Per Bundle | |
| 9 | Zems Clip | Per Pkt. | |
| 10 | Gum Pest 700 ml | Per Bottle | |
| 11 | Pencil (H.B.) | Per Piece | |
| 12 | Fevistick | Per Piece | |
| 13 | Stamp Pad (Cores) - (a) Small / (b) Big | Per No. | |
| 14 | Stamp Pad Ink | Per Bottle | |
| 15 | Register (Special) - (a) 4 No / (b) 6 No / (c) 8 No / (d) 10 No | Per Piece | |
| 16 | Flat File (Good Quality) | Per Piece | |
| 17 | Cover File (Good Quality) | Per Piece | |
| 18 | Fly Leaf (Brown) | Per Piece | |
| 19 | Fly Leaf (Colour) | Per Piece | |
| 20 | Eraz-Ex (Correction Pen) | Per Piece | |
| 21 | Stapler No. 10 | Per Pkt. | |
| 22 | Stapler Pin (No. 10 mm) | Per Pkt. | |
| 23 | Stapler (Big) 2416 | Per Pkt. | |
| 24 | Stapler Pin 2416 (45 mm) | Per Pkt. | |
| 25 | Envelope - (a) Brown 9"×4" / (b) Brown 10"×4" / (c) Brown 11"×5" | Per 100 pcs | |
| 26 | Guard File | Per Piece | |
| 27 | Calculator 12-digit engineering 100 Memory | Per Piece | |
| 28 | Diary (Desk Calendar / Daily Planner - Good Quality, with date & day printed) | Per Piece | |

Detailed may be obtained from the Anandapur Municipality Office during office hours on any working day.

OIPR-13001/13049/1/26-27/0009

Sd/- Executive Officer Anandapur Municipality

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛାତ୍ର ଆନ୍ଦୋଳନରେ...

ଆହତ ମଧ୍ୟ ହୋଇଛନ୍ତି। ଏଥିସହିତ ବିଭିନ୍ନ ରାଜ୍ୟକୁ ସେଦିନର ସମସ୍ତ ଭିଡିଓ ଓ ସିସିଟିଭି ଫୁଟେଜ୍ ସୁରକ୍ଷିତ ରଖିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ ତାରିଖରେ ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

ନିରୀହ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସରକାର ଆଜି ସୁପ୍ରିମ କୋର୍ଟଙ୍କୁ ଜଣାଇଚନ୍ତି। କେନ୍ଦ୍ର ସରକାର ଜଣାଇଛନ୍ତି ଯେ, ସରକାର ନିଜ ପ୍ରତିଶ୍ରୁତିରେ କାଏମ ଅଛନ୍ତି ଏବଂ ଛାତ୍ରମାନଙ୍କ ନାମରେ ନୂଆ ଅଭିଯୋଗପତ୍ର ଦାଖଲ ହେବନାହିଁ। ତେବେ ହିଂସାତ୍ମକ ଆନ୍ଦୋଳନ ଓ ଗୁରୁତର ଅପରାଧରେ ସାମିଲ ଥିବା ୨୭୦୦ ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ଥିବା ମାମଲାକୁ ପ୍ରତ୍ୟାହାର କରାଯିବ ନାହିଁ।

### ବାଙ୍କିପୁର ଛଡ଼ାଇନେଲେ...

ବାଙ୍କିପୁରବାସୀଙ୍କୁ ଧନ୍ୟବାଦ ଜଣାଇ କିଶୋର କହିଛନ୍ତି ଯେ, ଆଗାମୀ ୩ ମାସ ମଧ୍ୟରେ ଏହି ଅଞ୍ଚଳରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳିବ। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଜନାଦେଶକୁ ସମ୍ମାନ ଜଣାଇ ପ୍ରଶାନ୍ତ କିଶୋରଙ୍କୁ ବିଜୟ ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ବିଜେପି ସଭାପତି ନିତିନ ନବୀନ ୨୦୧୦ରୁ କ୍ରମାଗତ ଭାବେ ବିଜୟୀ ହୋଇଆସୁଥିଲେ। ସେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ଆସନଟି ଖାଲି ପଡ଼ିଥିଲା।

ନିକଟରେ କକ୍ରୋଚ୍ ଛାତ୍ର ଆନ୍ଦୋଳନ ପରେ ହୋଇଥିବା ନିର୍ବାଚନରେ ବାଙ୍କିପୁରର ଯୁବ ଭୋଟରଙ୍କ ନିଷ୍ପତ୍ତି ଉପରେ ସାରା ଦେଶର ନଜର ରହିଥିଲା। ୨୦୨୫ ବିହାର ସାଧାରଣ ନିର୍ବାଚନରେ ଖାତା ଖୋଲିବାରେ ବିଫଳ ହୋଇଥିବା ଜନ ସୁରାଜ ପାର୍ଟି ପାଇଁ ପ୍ରଶାନ୍ତ କିଶୋରଙ୍କ ଏହି ସଫଳତା ପ୍ରଥମ ବିଧାନସଭା ବିଜୟ। ତେବେ ଗୁଜରାଟ ଏବଂ ମଧ୍ୟପ୍ରଦେଶ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସ ନିଜର ଆସନ ବଜାୟ ରଖିଛନ୍ତି। ମଧ୍ୟପ୍ରଦେଶର ଦତିଆ ଆସନରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ବିଜୟୀ ହୋଇଥିବା ବେଳେ ଗୁଜରାଟର ମାଞ୍ଜଲପୁର ବିଧାନସଭା ଆସନକୁ ବଜାୟ ରଖିବାରେ ଭାରତୀୟ ଜନତା ପାର୍ଟି (ବିଜେପି) ସଫଳ ହୋଇଛି। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ବିଜୟ ହାସଲ କରିଛନ୍ତି। ସେ ବିଜେପି ପ୍ରାର୍ଥୀଙ୍କୁ ୬ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ଗୁଜରାଟର ମାଞ୍ଜଲପୁର ଆସନରୁ ବିଜେପି ପ୍ରାର୍ଥୀ ସତୀଶ ଗୋବିନ୍ଦଭାଇ ପଟେଲ (ସତେନ୍ଦ୍ରଭାଇ) ୩୦,୬୩୦ରୁ ଅଧିକ ଭୋଟ୍ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଭିଖାଭାଇ ରବାରୀଙ୍କୁ ପରାସ୍ତ କରିଛନ୍ତି।

### ୧୧୦ କୋଟି...

ନିୟମାନୁଯାୟୀ ୪ ଲେଖାଏଁ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ।

ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ, ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପଶୁ ଶିବିର କାର୍ଯ୍ୟକ୍ଷମ ରହିଛି। ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରାୟ ୪୧ କ୍ୱିଣ୍ଟାଲ ଚାଉଳ, ୧୧୧୫ କ୍ୱିଣ୍ଟାଲ ଚୁଡ଼ା, ୪୯୬ କ୍ୱିଣ୍ଟାଲ ଗୁଡ଼, ୩୮୬୯ଟି ପଲିଥିନ୍ ସିଟ୍ ସହ ବିଭିନ୍ନ ଜରୁରୀ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ପଶୁପାଳକମାନଙ୍କୁ ସହାୟତା ଦେବା ପାଇଁ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରିରହିଛି। ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପଶୁଚିକିତ୍ସା, ପଲିଥିନ୍ ସିଟ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲାମାନଙ୍କୁ ୨୬ କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରାଯାଇଥିଲା ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

### ବଜ୍ରପାତରେ ୩...

ସମୟରେ ବର୍ଷା ହୋଇଥିଲା। ଏଣୁ ସେ ଗୋଟିଏ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଏତିକିବେଳେ ବଜ୍ରପାତ ହୋଇଥିଲା। ସେଠାରେ ସେ ଅଚେତ ହୋଇ ପଡିଥିଲେ। ପାଖରେ ଥିବା ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥଲେ। ସେଠାରେ ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପକଣ୍ଠ ରାମଚନ୍ଦ୍ରପୁର ଥାନା ଖଲଣା ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଆଜି ରମାକାନ୍ତ ବେହେରା ଓ ଭଗବାନ ଭଇରା ବିଲରେ ଧାନତଳି ରୋଉଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ରମାକାନ୍ତଙ୍କୁ ମୃତ ଘୋଷଣା କରିଥିବାବେଳେ ଭଗବାନଙ୍କ ଚିକିତ୍ସା ଚାଲିଛି।

### ପୁଣି ରାଜ୍ୟ ବୁଡ଼ାଇବ...

ସମ୍ଭାବନା ରହିଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁନ୍ ୧ରୁ ଅଗଷ୍ଟ ୧ ମଧ୍ୟରେ ୭୪୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ମାଲକାନଗିରି, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ, ଝାରସୁଗଡ଼ା, ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିଛି।

### ଆଉ ବଢ଼ିବ ନାହିଁ...

ସମୟରେ କେନ୍ଦ୍ରରେ କୋଇଲା ମନ୍ତ୍ରୀ ଥିବା ବ୍ୟକ୍ତିମାନଙ୍କୁ ବିଜେଡି ସାଂସଦମାନେ ଭେଟି ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି; ଏହା ସତ୍ତ୍ୱେ କୋଇଲା ରୟାଲଟି ବଢ଼ିନାହିଁ ଓ ଆଗକୁ ଆଉ ବଢ଼ିବ ନାହିଁ ବୋଲି କେନ୍ଦ୍ର ରୋକଠୋକ୍ ମନା କରି ଦେଇଛି।

ଓଡ଼ିଶା ଆଜି ଦେଶର ଶକ୍ତି ସୁରକ୍ଷାର ମୁଖ୍ୟ ଭିତ୍ତି। ଓଡ଼ିଶାର ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ ଦେବଗଡ଼ ଭଳି ଜିଲ୍ଲାରୁ ବିପୁଳ ପରିମାଣରେ କୋଇଲା ଉତ୍ପାଦନ ହେଉଛି। କେବଳ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପ୍ରତିବର୍ଷ ୨୭୦ ନିୟୁତ ଟନ୍‌ରୁ ଅଧିକ କୋଇଲା ଉତ୍ତୋଳନ କରୁଥିବା ବେଳେ ଏନ୍‌ଏଲ୍‌ସି, ଓସିପିଏଲ୍ ଓ ବିଭିନ୍ନ ଘରୋଇ କମ୍ପାନି ପ୍ରାୟ ବାର୍ଷିକ ୫୦ ନିୟୁତ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଉତ୍ତୋଳନ କରୁଛନ୍ତି। ଘରୋଇ କମ୍ପାନୀମାନଙ୍କୁ ଦିଆଯାଇଥିବା କୋଇଲା ଖଣିରୁ ଉତ୍ପାଦନ ଆରମ୍ଭ ହେଲେ ରାଜ୍ୟରୁ ବାର୍ଷିକ କୋଇଲା ଉତ୍ପାଦନ ୪୫୦ ନିୟୁତ ଟନ୍ ଅତିକ୍ରମ କରିବ ବୋଲି କୁହାଯାଉଛି। ଏହି କୋଇଲା ଉପରେ ଦେଶର ତାପଜ ବିଦ୍ୟୁତ କେନ୍ଦ୍ର, ଇସ୍ପାତ ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ ବହୁ ପରିମାଣରେ ନିର୍ଭର କରୁଛି। ମାତ୍ର ରାଜ୍ୟ ପାଉଛି ନାମକୁ ମାତ୍ର ରାଜଭାଗ ବା ରୟାଲଟି। ଉପଲବ୍ଧ ସରକାରୀ ତଥ୍ୟ ଅନୁଯାୟୀ କୋଇଲାରୁ ୨୦୧୯-୨୦ରେ ଓଡ଼ିଶା ୨,୧୩୯ କୋଟି ଟଙ୍କା ରାଜସ୍ୱ ପାଇଛି। ୨୦୨୦-୨୧ରେ ୧,୫୧୯ କୋଟିଟଙ୍କା, ୨୦୨୧-୨୨ରେ ୨,୭୦୪ କୋଟିଟଙ୍କା, ୨୦୨୩-୨୪ରେ ୪,୧୩୭ କୋଟିଟଙ୍କା ଏବଂ ୨୦୨୪-୨୫ରେ ୩,୮୮୧ କୋଟି ଟଙ୍କା ରାଜଭାଗ ପାଇଛି। ଅନ୍ୟପକ୍ଷରେ ଖଣି ଅଞ୍ଚଳର ଲୋକମାନେ ପରିବେଶ ପ୍ରଦୂଷଣ, ବିସ୍ଥାପନ, ଜଳ ଓ ବାୟୁ ପ୍ରଦୂଷଣ, ସଡ଼କ କ୍ଷୟ ଓ ସ୍ୱାସ୍ଥ୍ୟ ସମସ୍ୟାର ଭାର ବହନ କରୁଛନ୍ତି। ରୟାଲଟି ବୃଦ୍ଧି ହେଲେ ଏହି ଅଞ୍ଚଳଗୁଡ଼ିକରେ ପରିବେଶ ସୁରକ୍ଷା, ପୁନର୍ବାସ, ସଡ଼କ, ସ୍ୱାସ୍ଥ୍ୟ ଓ ମୌଳିକ ଭିତ୍ତିଭୂମି ବିକାଶରେ ଅଧିକ ବିନିଯୋଗ କରାଯାଇ ପାରନ୍ତା।

ରାଜ୍ୟସଭାରେ ସାଂସଦ ମାନସରଞ୍ଜନ ମଙ୍ଗରାଜ କୋଇଲା ରାଜଭାଗ ବୃଦ୍ଧି ସଂକ୍ରାନ୍ତରେ ପ୍ରଶ୍ନ ଉଠାଇ ଏଥିରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କେବେ କୋଇଲା ରାଜଭାଗ ବୃଦ୍ଧି ହେବ ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ମାତ୍ର କୋଇଲା ଉପରେ ରୟାଲଟି ହାର ସଂଶୋଧନ କରିବା ପାଇଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ନାହିଁ ବୋଲି ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ। ମନ୍ତ୍ରୀ ପୁଣି କହିଛନ୍ତି ଯେ, ରୟାଲଟି ସଂଶୋଧନ ପାଇଁ କୌଣସି ପ୍ରସ୍ତାବ ନ ଥିବାରୁ ସମୟସୀମାର ପ୍ରଶ୍ନ ମଧ୍ୟ ଉଠୁନାହିଁ। ୨୮ ଫେବୃଆରୀ ୨୦୨୦ରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ତତ୍କାଳୀନ ଓଡ଼ିଶା ସରକାର ରୟାଲଟି ସଂଶୋଧନ ପ୍ରସଙ୍ଗ ଉଠାଇଥିଲେ। ମାତ୍ର ଆଲୋଚନା ପରେ ଏହି ପ୍ରସଙ୍ଗକୁ ବାଦ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ସେ କହିଛନ୍ତି ଯେ ଏକ ଆକଳନ ଅନୁସାରେ କୋଇଲା ରାଜଭାଗ ସଂଶୋଧନ ନ ହେବା ଯୋଗୁଁ ରାଜ୍ୟ ବର୍ଷକୁ ପ୍ରାୟ ୧୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇଛି ଓ ଗତ ୧୦ ବର୍ଷରେ କେବଳ କୋଇଲା ରାଜଭାଗ ବାବଦରେ ଓଡ଼ିଶା ଲକ୍ଷେ କୋଟି ଟଙ୍କା ହରାଇ ସାରିଲାଣି। ରାଜ୍ୟରୁ କ୍ରମବର୍ଦ୍ଧିଷ୍ଣୁ କୋଇଲା ଉତ୍ତୋଳନ ଓ ଖଣି ଅଞ୍ଚଳରେ ବଢୁଥିବା ପରିବେଶ ଓ ସାମାଜିକ ବୋଝକୁ ଦୃଷ୍ଟିରେ ରଖି ରୟାଲଟି ହାରର ପୁନଃ ସମୀକ୍ଷା ଆବଶ୍ୟକ ବୋଲି ଓଡ଼ିଶା ବାରମ୍ବାର ଦାବି କରୁଛି। ମାତ୍ର ରାଜ୍ୟର ଏହି ଯଥାଯଥ ଦାବିପ୍ରତି କେନ୍ଦ୍ର ସରକାର ଆଦୌ କର୍ଣ୍ଣପାତ କରୁ ନ ଥିବା କ୍ଷୋଭର ବିଷୟ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ରାଜ୍ୟରୁ ନିର୍ବାଚିତ ଶାସକ ବିଜେପିର ୨୦ ସାଂସଦ ମଧ୍ୟ ଏହି ପ୍ରସଂଗରେ ତୁଣ୍ଡ ନ ଖୋଲିବା ଓ ରାଜ୍ୟ ବିଜେପି ସରକାର ଏଥିନେଇ କେନ୍ଦ୍ର ନିକଟରେ ଦାବି ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ**

ପତ୍ର ସଂଖ୍ୟା ୨୦୪୪ ତାରିଖ : ୩୦.୦୭.୨୦୨୬

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ ଦ୍ୱାରା ଉପ-ବଜାର ପ୍ରାଙ୍ଗଣ ରାଳବରେ ନୂତନ ଭାବେ ନିର୍ମିତ ଦୋକାନ ଗୃହଗୁଡିକୁ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ। ଉକ୍ତ ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ବଜାର କମିଟି କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୫୦୦/-ଙ୍କାର ବ୍ୟାଙ୍କ ଡ୍ରାଫ୍ଟ (BD) ମାଧ୍ୟମରେ "ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ"ଙ୍କ ସପକ୍ଷରେ ଦାଖଲ କରି ସଂଗ୍ରହ କରିପାରିବେ। ଦରଖାସ୍ତ ଫର୍ମଟି ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in** ରୁ ମଧ୍ୟ ସଂଗ୍ରହ କରାଯାଇପାରିବ। ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ ହୋଇଥିବା ଆବଶ୍ୟକ। ଆବେଦନକାରୀ ଟେଣ୍ଡର ପକାଇବା ସମୟରେ ନିଜର ଭୋଟର ପରିଚୟ ପତ୍ର / ଆଧାରକାର୍ଡ/ ପାନକାର୍ଡ ଓ ଡ୍ରାଇଭିଂ ଲାଇସେନସର ପ୍ରମାଣ ପତ୍ରର ଅବିକଳ ନକଲ ପ୍ରଦାନ କରିବେ। ଜଣେ ଆବେଦନକାରୀ ଏକାଧିକ ଫର୍ମ କିଣି ପ୍ରତ୍ୟେକ ଦୋକାନ ଗୃହ ପାଇଁ ଅଲଗା ଅଲଗା ଭାବେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ କିନ୍ତୁ ଗୋଟିଏ ସର୍ବୋଚ୍ଚ ଟେଣ୍ଡର ଦରକୁ ଗ୍ରହଣ କରାଯିବ। ଆବେଦନକାରୀ ନିୟନ୍ତ୍ରିତ ବଜାର କମିଟି ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ। ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୦ ଦିନ ମଧ୍ୟରେ ବଜାର କମିଟିରେ ସମୁଦାୟ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ (BD) ମାଧ୍ୟମରେ ଦାଖଲ କରିବେ।

**ଟେଣ୍ଡର ଫର୍ମ ବିକ୍ରି ତାରିଖ - ତା... ୦୩-୦୮- ୨୬ ରିଖ ଠାରୁ ତା.୦୨-୦୯-୨୬ ରିଖ।**

**ଟେଣ୍ଡର ପକାଇବା ଶେଷ ତାରିଖ ଓ ସମୟ - ତା. ୦୩-୦୯-୨୬ରିଖ ଅପରାହ୍ନ ୫ ଘଣ୍ଟା। (କେବଳ ଦ୍ରୁତ ଡ଼ାକ ସେବା ଦ୍ୱାରା)**

**ଟେଣ୍ଡର ଖୋଲିବା ତାରିଖ ଓ ସମୟ -ତା.. ୦୫-୦୯-୨୬ ରିଖ ପୂର୍ବାହ୍ନ ୧୧ ଘଣ୍ଟା।**

**ଟେଣ୍ଡର ଖୋଲିବା ସ୍ଥାନ - ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ହିଞ୍ଜିଳିକାଟୁ**

ବି.ଦ୍ର.- ୧. ସ୍ଥାନୀୟ ପୌରିପରିଷଦ, ନିୟନ୍ତ୍ରିତ ବଜାର କମିଟି ଓ କ୍ରୀଡା ବିଭାଗ ତରଫରୁ ବଜାର ଗୃହ ପାଇଥିବା ବ୍ୟକ୍ତି ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ।

୨. ୱେବସାଇଟ୍ ରୁ ସଂଗୃହିତ ଦରଖାସ୍ତ ଫର୍ମ ଆବେଦନ ବେଳେ ଆବେଦନ ଫର୍ମ ଫିସ ୫୦୦/-ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବାକୁ ହେବ।

୩. ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

୪. ଦରଖାସ୍ତକାରୀ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ଖୋଲାଯିବ।

| ସ୍ଥାନ | ଟେଣ୍ଡର ହେବାକୁ ଥିବା ଗୃହ ନଂ. | ସର୍ବନିମ୍ନ ଅମାନତ ରାଶି | ଦରଖାସ୍ତ ସହ ବଇନା ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁଙ୍କ ସପକ୍ଷରେ ପ୍ରଦାନ କରିବେ। | ମାସିକ ଭଡା |
|---|---|---|---|---|
| ଉପ-ବଜାର ପ୍ରାଙ୍ଗଣ, ରାଳବ | ଦୋକାନ ଘର ନଂ- ୦୧, ୦୨, ୦୩, ୦୬, ୦୭, ୦୮ | ଟ. ୫୦,୦୦୦/- | ଟ. ୧୦,୦୦୦/- | ଟ. ୨,୦୦୦/- |

କର୍ତ୍ତୃପକ୍ଷ ଚାହିଁଲେ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ରଦ୍ଦ କରିପାରିବେ।

ଉପ-ଜିଲ୍ଲାପାଳ, ଛତ୍ରପୁର-ତଥା- ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ସକାଳ THE SAKALA



# ଭଦ୍ରକ ଜିଲ୍ଲାରେ ବନ୍ୟା ବିଭୀଷିକା; ୨୯୧ଟି ଘର କ୍ଷତିଗ୍ରସ୍ତ

ଭଦ୍ରକ,୩।୮ (ସମିସ)

ଭଦ୍ରକ ଜିଲ୍ଲା ବନ୍ୟା ପରିସ୍ଥିତିର କ୍ରମଶଃ ସୁଧୁରିବାରେ ଲାଗିଛି। ଏବେ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ସତର୍କତା ସ୍ତରରୁ ତଳକୁ ଖସି ଆସିଥିବାରୁ ଜିଲ୍ଲାର ବନ୍ୟା ପରିସ୍ଥିତି କ୍ରମଶଃ ହ୍ରାସ ପାଉଛି। ତେବେ ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ଜନଜୀବନର ଶୀଘ୍ର ପୁନଃସ୍ଥାପନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍, ପୁନରୁଦ୍ଧାର ଏବଂ ପୁନର୍ବାସ କାର୍ଯ୍ୟକ୍ରମକୁ ପ୍ରାଥମିକତା ଭିତ୍ତିରେ ଜାରି ରଖାଯାଇଛି ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଡିଓମାନଙ୍କ ସୂଚନାନୁଯାୟୀ, ଚଳିତ ବନ୍ୟାରେ ଜିଲ୍ଲା ୬ଟି ବ୍ଲକ୍, ୩ଟି ସହରାଞ୍ଚଳ, ୧୨୬ଟି ଗ୍ରାମ ପଞ୍ଚାୟତ, (ବର୍ତ୍ତମାନ ୨୧ଟି) ୩୧ଟି ୱାର୍ଡ ଏବଂ ୫୦୩ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୫ ଲକ୍ଷ ୪୬ ହଜାର ୯୨୩ ଜଣ ଲୋକ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ଲକ୍ଷ ୨୬ହଜାର ୫୩୦ ଜଣଙ୍କୁ ସୁରକ୍ଷିତ ଭାବେ ୩୪୬ଟି ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦେଇଛନ୍ତି। ଚଳିତ ବନ୍ୟାରେ ସମୁଦାୟ ୨୯୧ଟି ଘର କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୧ଲକ୍ଷ ୨୭ହଜାର ୮୦୭ଟି ପଶୁସମ୍ପଦ ପ୍ରଭାବିତ ହୋଇଥିବା ବେଳେ ଫସଲ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ବର୍ତ୍ତମାନ ଚାଲିଛି ଓ ରିଲିଫ୍ ବ୍ୟବସ୍ଥା ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୪୬ଟି କ୍ୟାମ୍ପରେ ରନ୍ଧା ଖାଦ୍ୟ(ଏବେ ୭୧ଟି) ଏବଂ ୩୪୬ଟି ରିଲିଫ କ୍ୟାମ୍ପ ପରିଚାଳନା କରାଯାଇଛି।

**୬ ବ୍ଲକ୍‌ର ୫୦୩ଟି ଗାଁର ୫,୪୬,୯୨୩ ଲୋକ ପ୍ରଭାବିତ**



ବଣ୍ଟନ କରାଯାଇଥିବା ରିଲିଫ୍ ସାମଗ୍ରୀ ମଧ୍ୟରେ ରହିଛି ୧ ଲକ୍ଷ ୩୫ ହଜାର ବୋତଲ ପାନୀୟ ଜଳ, ୭୨ ହଜାର ପାଣି ପାଉଚ୍, ୧୦୧୭ଟି ପଲିଥିନ୍ ସିଟ୍, ୨୩୮.୯ ମେଟ୍ରିକ୍ ଟନ୍ ପଶୁ ଖାଦ୍ୟ, ୧.୬୫ କ୍ୱିଣ୍ଟାଲ ଶୁଖିଲା ପଶୁ ଖାଦ୍ୟ। ସେହିଭଳି ୫୧୯ଟି ପଶୁ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧ ଲକ୍ଷ ୬୬ ହଜାର ୨୦୭ ପ୍ରାଣିଧନ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ୩୫ଟି ମେଡିକାଲ ଟିମ୍ ଏବଂ ୭ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛନ୍ତି। ୮୨ ଜଣ ଅଜଣା ଜୀବ କାମୁଡ଼ାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୪୦ଟି ସାପ କାମୁଡ଼ା ଘଟଣା ରହିଛି। ୧୩ ଜଣ ସାପ କାମୁଡ଼ା ପୀଡ଼ିତଙ୍କୁ ଆଣ୍ଟି ସ୍ନେକ୍ ଭେନମ୍ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ଚିହ୍ନଟ ହୋଇଥିବା ୫,୩୭୪ଟି ନଳକୂଅ ମଧ୍ୟରୁ ୩୧୯୭ଟି ନଳକୂଅକୁ ବିଶୋଧନ କରାଯାଇଛି। ପରିମଳ ବ୍ୟବସ୍ଥା ପାଇଁ ୨୧୦ ପ୍ୟାକେଟ୍ ବ୍ଲିଚିଂ ପାଉଡର ବ୍ୟବହାର କରାଯାଇଛି। ଭ୍ରାମ୍ୟମାଣ ଜଳ ବିଶୋଧନ ଉପକରଣ ଉଦ୍ଧାର ଓ ଜରୁରୀକାଳୀନ କାର୍ଯ୍ୟ ଏନ୍‌ଡିଆର୍‌ଏଫ୍ ୩ଟି ଟିମ୍, ଓଡ୍ରାଫ୍‌ର ୭ଟି ଟିମ୍, ଓଡ଼ିଶା ଅଗ୍ନିଶମ ଓ ଜରୁରୀ ସେବା ବାହିନୀ ତଥା ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର ଓ ଜରୁରୀକାଳୀନ କାର୍ଯ୍ୟ ସଫଳତାର ସହ କରାଯାଇଛି। ଏହି ଉଦ୍ଧାର କାର୍ଯ୍ୟରେ ୬୬ ଜଣ ଅସୁସ୍ଥ ବ୍ୟକ୍ତି, ୨୪ ଜଣ ଶିଶୁ, ୩୬ ଜଣ ସାପ କାମୁଡ଼ା ପୀଡ଼ିତ, ୫୧ ଜଣ ଗର୍ଭବତୀ ମହିଳା ଏବଂ ୨୬ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତାଘାଟ, ବିଦ୍ୟୁତ୍ ସରବରାହ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଜନସାଧାରଣଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମି ସେବାର ପୁନଃସ୍ଥାପନ କାର୍ଯ୍ୟକୁ ପ୍ରାଥମିକତାର ସହ କରାଯାଉଛି ଓ ବର୍ତ୍ତମାନ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ସତର୍କତା ସ୍ତରରୁ ତଳେ ରହିଥିବାରୁ ଜିଲ୍ଲାର ବନ୍ୟା ପରିସ୍ଥିତି ସ୍ଥିର ରହିବା ସହ କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସୂଚନା ଦେଇଛନ୍ତି।

**ବନ୍ୟାଞ୍ଚଳ ପରିଦର୍ଶନ କଲେ ପିସିସି ରିଲିଫ୍ ଟିମ୍**

## ବିପନ୍ନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି



ଧାମନଗର,୩।୮ (ସମିସ): ରାଜ୍ୟ କଂଗ୍ରେସର ପିସିସି ରିଲିଫ୍ ଟିମ୍ ଶନିବାର ଧାମନଗର ବ୍ଲକ୍‌ର ବନ୍ୟା ପ୍ରଭାବିତ ଅଞ୍ଚଳ ତଥା ଦଳାଙ୍ଗ, ପଧାନୀ ଓ କଟସାହି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ବନ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କରିଛି। ଟିମ୍ ସଦସ୍ୟମାନେ ବନ୍ୟାରେ ନଷ୍ଟ ହୋଇଥିବା ଧାନ ଓ ପନିପରିବା ଚାଷ ବୁଲି ଦେଖିବା ସହ ବିପନ୍ନ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ଫତେପୁର ଗ୍ରାମରେ ବନ୍ୟା ପାଣିରେ ପ୍ରାଣ ହରାଇଥିବା ୭ ବର୍ଷୀୟା ଜ୍ୟୋତି ସାହୁଙ୍କ ପରିବାରକୁ ଭେଟି ସମବେଦନା ମଧ୍ୟ ଜଣାଇଥିଲେ। ଏହି ଅବସରରେ ପିସିସି ରିଲିଫ୍ ଟିମ୍ ପକ୍ଷରୁ ବନ୍ୟାପୀଡ଼ିତଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ସାମଗ୍ରୀ, ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଣ, ପଶୁଙ୍କ ପାଇଁ ଗୋଖାଦ୍ୟ ବ୍ୟବସ୍ଥା, କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ସହାୟତା, ଫସଲ କ୍ଷୟକ୍ଷତିର ଆକଳନ କରି ଶୀଘ୍ର କ୍ଷତିପୂରଣ ପ୍ରଦାନ ଏବଂ ଭାଙ୍ଗିଯାଇଥିବା ନଦୀବନ୍ଧର ତୁରନ୍ତ ମରାମତି ଦାବି କରାଯାଇଥିଲା। ଏଥିସହ ରିଲିଫ୍ ବଣ୍ଟନରେ କୌଣସି ପ୍ରକାର ଦଳୀୟ ଭେଦଭାବ ନ କରିବାକୁ ଟିମ୍ ଆହ୍ୱାନ ଦେଇଥିଲା।

ପରିଦର୍ଶନ ଶେଷରେ ଟିମ୍ ସଦସ୍ୟମାନେ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ବନ୍ୟା ସ୍ଥିତି ଓ ପୀଡ଼ିତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବନ୍ୟା ପରିଦର୍ଶନ କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ତଥା ପିସିସି ରିଲିଫ୍ କମିଟି ଅଧ୍ୟକ୍ଷ ଅଶୋକ କୁମାର ଦାସ, ଅଲ୍ ଇଣ୍ଡିଆ କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଭାଟି, ପିସିସି ରିଲିଫ୍ ଟିମ୍ ସଦସ୍ୟ ଜୟଶ୍ରୀ ମହାନ୍ତି ଓ ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ଉପସଭାପତି ଅଭିଷେକ ରାଉତଙ୍କ ସମେତ ଧାମନଗର ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ନାୟକ, ନଗର ସଭାପତି ପ୍ରମୋଦ ସ୍ୱାଇଁ, କଂଗ୍ରେସ ନେତା ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ସଞ୍ଜୟ ମିଶ୍ର, ମାନସ ମହାପାତ୍ର, ପ୍ରଶନ୍ନ ଧଳ, ରବୀନ୍ଦ୍ର ବେହେରା, ନିମାଇଁ ଚରଣ ଜେନା, ନିରାକାର ଧଳ, ଦୁର୍ଯ୍ୟୋଧନ ସାହୁ, ଶିଶିର ଦେବତା, ପ୍ରଭାତ ପଣ୍ଡା, ଅଜିତ୍ ପଣ୍ଡା, ତ୍ରିଲୋଚନ ରାଉତ, ଅଭୟ ରାଉତ, କୃଷ୍ଣ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇ ବନ୍ୟାପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ବଢୁଛି ବାସହରାଙ୍କ ଦୁର୍ଦ୍ଦଶା



ବାରିକପୁର,୩।୮ (ସମିସ): ବୈତରଣୀ ନଦୀରେ ଦେଖା ଦେଇଥିବା ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ର ପ୍ରାୟ ୭ରୁ ୯ଟି ପଞ୍ଚାୟତ ଅତି ମାତ୍ରାରେ ପ୍ରଭାବିତ ହୋଇଛି। ନଦୀ କୂଳରେ ଥିବା ଝୁଟଣା ଓ ବନ୍ଧାଳ ମଢ଼ିଆଳୀ ପଞ୍ଚାୟତ ସମେତ କଣ୍ଟି ଏସ୍‌କେପ୍ ମୁହଁରେ ଥିବା ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୋରିଗାଁ ପ୍ରମୁଖ ପଞ୍ଚାୟତରେ ନାହିଁ ନ ଥିବା କ୍ଷତି ହୋଇଛି। ଲୋକମାନଙ୍କ ଚାଷ ସମେତ ବାସ ମଧ୍ୟ ନଷ୍ଟ ହୋଇଛି। ବିଭିନ୍ନ ଗ୍ରାମର ଖାଲୁଆ ସ୍ଥାନରେ ଥିବା ବାସଗୃହଗୁଡ଼ିକରେ ବନ୍ୟାପାଣି ସମ୍ପୂର୍ଣ୍ଣ ମାଡ଼ି ଯାଇଛି। କେଉଁଠି ବାସଗୃହ ମାଟିରେ ଲୋଟିଯାଇଛି ତ ପୁଣି କେଉଁଠି ଝାଟିମାଟି କାନ୍ଥ ଭାଙ୍ଗି ଯାଇଛି। ଘରର ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଛି। ପାଣି



ଛାଡ଼ିବା ପରେ ଗୃହସ୍ଥଙ୍କ ଦୁଃଖଦୁର୍ଦ୍ଦଶା ବଢୁଛି। ପଲିଥିନ୍ ତଳେ ଅନେକ ଲୋକ ଆଶ୍ରୟ ନେଇଥିବାବେଳେ ମଶାମାଛିରେ ଛୁଆପିଲାଙ୍କୁ ଧରି ବିପନ୍ନମାନେ ଜୀବନ ଅତିବାହିତ କରୁଛନ୍ତି।

ସୂଚନା ମୁତାବକ, ପ୍ରତ୍ୟେକ ପଞ୍ଚାୟତରେ ୪୦ରୁ ୫୦ଟି ବାସଗୃହ ଚଳିତ ବନ୍ୟାରେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ବିରୋଳୀ ଜେନା ସାହି, ବଡ଼ମାଳଦା, ରାଣୀଗଡ଼ିଆ, ରହଣିଆ, ସାରଣା, ଜଳହରି, ସାନମାଳଦା, ଚତୁର୍ଭୁଜପୁର, ରାମପୁର, ବାହାଣିଆ ଗ୍ରାମରେ ଅଧିକ ବାସଗୃହ ନଷ୍ଟ ହୋଇଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ ହୋଇନାହିଁ। ବନ୍ୟା ଦାଉରେ ଘର ଖଣ୍ଡେ ହରାଇ ଅନେକ ଦୁଃଖ ଯନ୍ତ୍ରଣାରେ କାଳାତିପାତ କରୁଥିବା ଗୃହସ୍ଥଙ୍କୁ ସରକାରୀ ସହାୟତା କେବେ ମିଳିବ ତାହା ଜଣାପଡ଼ିନାହିଁ।

**ବ୍ୟାପକ କ୍ଷୟକ୍ଷତି ଓ ଦୁର୍ଦ୍ଦଶାରେ ବନ୍ୟାବିପନ୍ନ**

## ବନ୍ୟାରେ ଧୋଇଗଲା କଂକ୍ରିଟ ରାସ୍ତା

ଦୋବଲ,୩।୮ (ସମିସ): ଚଳିତ ପ୍ରଳୟଙ୍କରୀ ବନ୍ୟାର ପାଞ୍ଚ ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏବେବି ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି ଧାମନଗର ବ୍ଲକ୍ ଅନ୍ତର୍ଗତ ରଇପୁର ଗ୍ରାମ ପଞ୍ଚାୟତର ବାଙ୍କସାହି ଏବଂ ଆରନସାହିର ଲୋକମାନେ ଏବେ ମଧ୍ୟ ଜଳବନ୍ଦି ଅବସ୍ଥାରେ ରହି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବନ୍ୟାଜଳ କମିଥିଲେ ହେଁ ତଳିଆ ଅଞ୍ଚଳର ଲୋକମାନେ ନାନାଦି ହଇରାଣ ହେଉଛନ୍ତି। ଚାଷ ଜମିରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଶୁଖି ନ ଥିବାରୁ ରୁଆ ଧାନ ଓ ଧାନ ତଳି ପଚି ନଷ୍ଟ ହୋଇଗଲାଣି। ଯାହାକି ଚାଷୀକୂଳକୁ ଗଭୀର ଚିନ୍ତାରେ ପକାଇଛି। ଏହି ବନ୍ୟାରେ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନେକ ସ୍ଥାନରେ ରାସ୍ତାରେ ବଡ଼ ବଡ଼ ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସବୁଠାରୁ ବଡ଼କଥା ହେଲା ରାସ୍ତାର ସୁରକ୍ଷା ଦୃଷ୍ଟିରୁ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ତାହା ଏତେ ନିମ୍ନମାନର କାର୍ଯ୍ୟ ହେଉଛି ଯେ, ତାହା ବନ୍ୟାଜଳରେ ଭାସିଯାଉଛି। ଏପରି ଘଟଣା ଧାମନଗର ବ୍ଲକ୍ କରଦା ପଞ୍ଚାୟତରେ ଦେଖିବାକୁ ମିଳିଛି। କରଦା-ସୃଜାଣସିଂହପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଭାଟିଆ ପୋଲ ନିକଟ ରାସ୍ତାରେ ପ୍ରାୟ ୪୦ ଫୁଟ୍‌ରେ କଂକ୍ରିଟ ରାସ୍ତା ନଷ୍ଟ ହୋଇଥିବାର ଦେଖିବାକୁ ମିଳିଛି। ବନ୍ୟାଜଳରେ ନିର୍ମାଣ ହୋଇଥିବା କଂକ୍ରିଟ ଭାସିଯାଇଛି। କିଛି ମାସ ପୂର୍ବେ ଉକ୍ତ ରାସ୍ତା ମରାମତି କରାଯାଇଥିବା ବେଳେ ଏବେ ବନ୍ୟାରେ ଉକ୍ତ ରାସ୍ତା ଭାସିଯିବାରୁ ଲୋକମାନେ ଯାତାୟାତ ପାଇଁ ବହୁ ହଇରାଣ ହେଉଛନ୍ତି।



**ଜଳବନ୍ଦିରେ ଶହଶହ ପରିବାର; ସ୍ଥାଣୁ ପାଲଟିଛି ପାନୀୟ ଜଳ ବିଭାଗ**

## ବନ୍ୟାଜଳରେ ବୁଡ଼ିରହିଛି ଅନେକ ନଳକୂଅ

ବାସୁଦେବପୁର,୩।୮ (ସମିସ): ବାସୁଦେବପୁରରେ ଧୀରେ ଧୀରେ କମୁଛି ବନ୍ୟା ପାଣି। ବଢୁଛି ଦୁଃଖ ଓ ଦୁର୍ଦ୍ଦଶା। ଏବେ ବି ବନ୍ୟାଜଳରେ ଜଳବନ୍ଦି ଅବସ୍ଥାରେ ଅଛନ୍ତି ଶହଶହ ପରିବାର। ବନ୍ୟାର ତାଣ୍ଡବ ଅସ୍ତବ୍ୟସ୍ତ କରି ପକାଇଛି ଜନଜୀବନକୁ। ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ପଡ଼ିଥିବା ବେଳେ ଶହଶହ ପରିବାର ଜଳବନ୍ଦିରେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାନୀୟ ଜଳ ମୁନ୍ଦେ ମିଳୁନି। ନଳକୂଅ ପାଖରେ ଜମି ରହିଛି ବନ୍ୟା ପାଣି। ନଳକୂଅରୁ ବାହାରୁଛି କଳା ପାଣି। ଶୋଇଛି ପାନୀୟ ଜଳ ବିଭାଗ। ନା ପଡୁଛି ବ୍ଲିଚିଙ୍ଗ୍ ନା ପଡୁଛି ହାଲୋଜିନ୍ ଟାବ୍‌ଲେଟ୍।





ମନ୍ତେଇ ନଦୀର କୁମ୍ଭୀର ଓ ସାପକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି ଲୋକେ। ପାଣି ଛାଡ଼ି ଉଚ୍ଚା ସ୍ଥାନରେ ଆଶ୍ରୟ ନେଉଛନ୍ତି ସାପ। ଏହି ବ୍ଲକ୍‌ର ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ଗ୍ରାମର ସୁନାମୁହିଁ, ଡାଙ୍ଗମାଳ, ବନ୍ଧସାହି, ଦାସଡିହ ଓ ଲୁଙ୍ଗା ପଞ୍ଚାୟତର ବଡ଼କିଆରି, ମଉଜୁଡିର ଶହଶହ ପରିବାର ଜଳଘେରରେ ଅଛନ୍ତି। ଏବେ ବି ଘର ଭିତରେ ପାଣି ଜମି ରହିଛି। ଘର ଛାଡ଼ି ସ୍କୁଲ ଘରେ ଆଶ୍ରୟସ୍ଥଳୀ ପାଲଟିଛି। କାହାର ଘର ଭାଙ୍ଗିଯାଇଛି ତ କାହା ଘର ପିଣ୍ଡାକୁ ଲାଗି ବନ୍ୟାଜଳ ଲହଡ଼ି ମାରୁଛି। କିଏ ଉଠା ଚୁଲି କରି ରୋଷେଇ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସରକାର ରନ୍ଧା ଖାଦ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିବାବେଳେ ସ୍ଥାନୀୟ ପ୍ରଶାସନ ରନ୍ଧା ଖାଦ୍ୟ ବନ୍ଦ କରି ଦେଇଛନ୍ତି। ଘରକୁ ପାଣି ପଶି ଚୁଲିରେ ବନ୍ୟାଜଳ ଲହଡ଼ି ଭାଙ୍ଗୁଛି। ରୋଷେଇ କରି ଖାଇବା କଷ୍ଟକର ହୋଇ ପଡୁଛି। ପ୍ରଶାସନ ଭଲ କରି ବନ୍ୟାଞ୍ଚଳ ନିରୀକ୍ଷଣ କରନ୍ତୁ। ଏବେ ବି ବହୁତ ଲୋକଙ୍କ ଘରେ ରହିବା ଉପଯୋଗୀ ନୁହେଁ। ଦୃଶ୍ୟ ନ ଦେଖିଲେ ବାସ୍ତବ ସ୍ଥିତି ଜାଣିପାରିବ ନାହିଁ। ଉଠା ଚୁଲିରେ ଓଳିଏ ରାନ୍ଧିଲେ ୨ଦିନ ପର୍ଯ୍ୟନ୍ତ ପଖାଳ କରି ଖାଉଥିବାର ଦେଖିବାକୁ ମିଳୁଛି। ଉପାସରେ ଦିନ କଟୁଛନ୍ତି ଗୋରୁଗାଈ। ବନ୍ୟାର ୭ ଦିନ ପରେ ବି ପହଞ୍ଚିଲାନାହିଁ ଗୋ-ଖାଦ୍ୟ। ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର, ବନ୍ଧସାହି, ଡାଙ୍ଗମାଳ ଓ ସୁନାମୁହିଁ ଗ୍ରାମ ଜଳବନ୍ଦି ଅବସ୍ଥାରେ ରହିଛନ୍ତି। ବିଚରା ଗରିବ ଲୋକମାନେ ପାଣି କାଦୁଅରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଜିଲ୍ଲାପାଳ ଲୁଙ୍ଗା ପଞ୍ଚାୟତର ଲୁଙ୍ଗା ବଡ଼କିଆରି, ମଉଜୁଡି ଓ ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର, ବନ୍ଧସାହି, ଡାଙ୍ଗମାଳ ଓ ସୁନାମୁହିଁ ଗ୍ରାମ ପ୍ରତ୍ୟକ୍ଷ ଅନୁଧ୍ୟାନ କରି ବନ୍ୟା ପ୍ରଭାବିତ ଅଞ୍ଚଳର ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର





ବାରିକପୁର,୩।୮ (ସମିସ): ବୈତରଣୀ, ରେବ ଓ କପାଳୀ ନଦୀ ବନ୍ୟାରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଛି। ଖରିଫ୍ ଧାନ ଚାଷଠାରୁ ଆରମ୍ଭ କରି ପନିପରିବା ଚାଷ ଉଜୁଡ଼ି ଯାଇଥିବାବେଳେ ବାସଗୃହ ଓ ରାସ୍ତାଘାଟ ଅନେକ ନଷ୍ଟ ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ୍ ବିଜେଡି ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସହିତ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ପରେ ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ସଭାପତି ଲଳିତ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଯୁବନେତା ନାଗେଶ୍ୱର ବେହେରା, ଅବିନାଶ ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇଦେବାକୁ ଦଳ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବିଧାୟକ ସିଧାସଳଖ ମାଳଦା ଅଞ୍ଚଳରେ ପହଞ୍ଚି ବାସହରାଙ୍କୁ ପଲିଥିନ୍ ବଣ୍ଟନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ନେତୃତ୍ୱମାନେ ଉପସ୍ଥିତ ଥିଲେ।

**ବଢ଼ି ପାଣିରେ ସବୁ ଛାରଖାର୍**

## ଗଛ ଅଛି; ଫଳ ନାହିଁ, ଜମି ଅଛି; ତଳି ନାହିଁ





ବାରିକପୁର,୩।୮ (ସମିସ): ବୈତରଣୀ ନଦୀରେ ଦେଖା ଦେଇଥିବା ବନ୍ୟା ଚାଷୀ କୂଳକୁ ଘୋର୍ ବିପତ୍ତି ଦେଇଛି। ବର୍ଷକର ଆହାର ପାଇଁ ଖରିଫ୍ ଧାନ ଚାଷ ସକାଶେ ଚାଷୀ କୂଳ ପ୍ରସ୍ତୁତ ହେଉଥିବାବେଳେ ଏଥିରେ ବନ୍ୟା ଦାଉ ସାଧିଛି। ଏବେ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଧାନ ଚାଷ ପାଇଁ ପଡ଼ିଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ପାଖରେ ଆଉ ବିହନ ନ ଥିବାବେଳେ ପୁଣି କେବେ ତଳି ପଡ଼ି ବିଲ ରୁଆ ହେବ ତାକୁ ନେଇ ସମସ୍ତଙ୍କୁ ଚିନ୍ତା ଘାରିଛି।

ବ୍ଲକ୍‌ର ବନ୍ଧାଳ ମଢ଼ିଆଳୀ, କୋରିଗାଁ, ରହଣିଆ, ଝୁଟଣା, ନପଙ୍ଗ, ଷୋଳମପୁର, ମାଳଦା ପ୍ରମୁଖ ପଞ୍ଚାୟତର ଚାଷୀମାନେ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିଶେଷକରି କଣ୍ଟି ଏସ୍‌କେପ୍ ପାଣିରେ ଧୋଇ ଯାଇଛି ସମସ୍ତ ଧାନ ତଳି। ଚାଷ ଜମି ଅଛି, ହେଲେ କ୍ଷେତରେ ତଳି ନାହିଁ। ଗତ ୧୫ ଦିନ ପୂର୍ବରୁ ପଡ଼ିଥିବା ତଳି ଉପରେ ପଟୁ ମାଟି ମାଡ଼ି ଯାଇଛି। ଶହଶହ ଚାଷୀଙ୍କର ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଖାଲୁଆ ଜମିରେ ତଳିର ଚିହ୍ନବର୍ଣ୍ଣ ନ ଥିବାବେଳେ ଟିକିଏ ଉଚ୍ଚ ଜମିରେ ସାପ ଜିଭ ଭଳି ଗୋଟିଏ ଗୋଟିଏ ଧାନ ଗଛ ଦେଖାଯାଉଛି। ସେଥିରେ ପୁଣି ପଟୁ ଲାଗିଥିବା ଯୋଗୁଁ ଖରା ହେଲେ ତାହା ନଷ୍ଟ ହେବ ଏଥିରେ ସନ୍ଦେହ ନାହିଁ। ଏପଟେ ବନ୍ୟା ପାଣିରେ ପନିପରିବା ଚାଷ ମଧ୍ୟ ଉଜୁଡ଼ି ଯାଇଛି। ଭେଣ୍ଡି, ଜହ୍ନି, କାକୁଡ଼ି, କଲରା, ବାଇଗଣ ଆଦି ପରିବା ଚାଷ ନଷ୍ଟ ହୋଇଛି। ପାଳବାଡ଼ିରେ କେବଳ ଗଛ ଅଛି, ହେଲେ ସେଥିରେ ଫଳ ନାହିଁ। ଦେଖିବାକୁ ଗଲେ ବନ୍ୟାମାଡ଼ରେ କ୍ଷୁଦ୍ର, ମଧ୍ୟମ, ନାମମାତ୍ର ଓ ଭାଗଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାରୀ ସହାୟତା ବିନା ଶହଶହ ଟଙ୍କା ଖର୍ଚ୍ଚ କରି ଖରିଫ୍ ଧାନ ଓ ପନିପରିବା ଚାଷ ପାଇଁ ଚାଷୀ ଭାଇମାନେ ସମସ୍ତ ପ୍ରକାର ପ୍ରସ୍ତୁତି କରିଥିବାବେଳେ ଚାଷ ଜମି ଏବେ ଟାଙ୍ଗରା ହୋଇଯାଇଛି। ଚଳିତ ବର୍ଷ ଆଉ ଚାଷ ହେବ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇ କୃଷକମାନଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ସହିତ ଯଦି ବିହନ ଯୋଗାଇ ଦିଆଯିବ ତାହେଲେ କିଛି ମାତ୍ରାରେ ଚାଷ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## ଆଜି ବି ପାଣି ଘେରରେ ନାନ୍ଦପୁର ଗ୍ରାମ ପଞ୍ଚାୟତ



ଆରଡ଼ି,୩।୮ (ସମିସ): ସାଳନ୍ଦୀ ନଦୀର ବନ୍ୟାଜଳ ଆଜି ବି ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ନାନ୍ଦପୁର ଗ୍ରାମ ପଞ୍ଚାୟତବାସୀଙ୍କ ଦୁଃଖର କାରଣ ସାଜିଛି। ଏହି ପଞ୍ଚାୟତର ନାନ୍ଦପୁର, ବାଙ୍କମୁହାଣ, କୋଇଲେଖା, ଭୂଇଁପୁର, ପାଲଟପୁର ଓ ପହଣା ଗ୍ରାମର ଅଧିବାସୀଙ୍କ ଉପରେ ସାଳନ୍ଦୀ ବନ୍ୟାଜଳ ଦାଉ ସାଧିଛି। ବାଙ୍କମୁହାଣ ଗ୍ରାମ୍ୟ ରାସ୍ତାରେ ଅଣ୍ଟେ ଅଣ୍ଟେ ପାଣି ଚାଲିଛି। ଲୋକମାନେ ଖାଦ୍ୟ ଓ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟେ ପଟେ ନଳକୂଅ ପାଣିରେ ବୁଡ଼ି ରହିଥିବା ବେଳେ ଅନ୍ୟପଟେ ଏହି ପଞ୍ଚାୟତର ପାନୀୟ ଜଳ ପ୍ରକଳ୍ପର ପମ୍ପଗୁଡ଼ିକ ବୁଡ଼ିଯାଇଥିବାରୁ ଲୋକମାନେ ପାନୀୟ ଜଳ ସଂକଟରେ ଅଛନ୍ତି।

- ବିପନ୍ନଙ୍କ ଦୁଃଖ ବୁଝିଲେ ବ୍ୟୋମକେଶ
- ପାନୀୟ ଜଳ ସଙ୍କଟ ପାଇଁ ଜିଲ୍ଲାପାଳଙ୍କ ସହ କଲେ ଆଲୋଚନା
- ରିଲିଫ ସାମଗ୍ରୀ ଓ ପାଲ ପାଇ ନ ଥିବା ଅଭିଯୋଗ କଲେ ବନ୍ୟାବିପନ୍ନ

ବନ୍ୟାର ପାଞ୍ଚ ଦିନ ବିତିଥିଲେ ବି ଏପର୍ଯ୍ୟନ୍ତ ଭୂଇଁପୁର, ବାଙ୍କମୁହାଣ, ନାନ୍ଦପୁର ଗ୍ରାମରେ ଶୁଖିଲା ଖାଦ୍ୟ ଦିଆଯାଇ ନାହିଁ। ଘର ଭାଙ୍ଗିଥିବା ଲୋକଙ୍କୁ ଏପର୍ଯ୍ୟନ୍ତ ପାଲ ଖଣ୍ଡିଏ ମିଳିଲା ନାହିଁ। ପୁଣି ଲଗାତାର ବର୍ଷା ହେଉଥିବାରୁ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ପଞ୍ଚାୟତର ମୁଖ୍ୟ ରାସ୍ତା ବାଙ୍କମୁହାଣଠାରୁ ଆରଡ଼ି ରାସ୍ତାର ଡିହସାହି ଛକ ଘୋଷରାରେ ପେଟେ ପାଣିର ସୁଅ ଚାଲିଥିବାରୁ ପୂରା ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ଅଛି। ଏପଟେ ଲୋକମାନେ ବାହାରକୁ ଆସିପାରୁନାହାନ୍ତି, ସେପଟେ ରିଲିଫ୍ ଏପର୍ଯ୍ୟନ୍ତ ପହଞ୍ଚିଲା ନାହିଁ। କି ଦାରୁଣ ଦୁଃଖ ଏଥିରୁ ସ୍ପଷ୍ଟ ପ୍ରମାଣିତ। ପଞ୍ଚାୟତବାସୀଙ୍କ ଏହି ଦୁଃଖ ସମୟରେ ଚାନ୍ଦବାଲିର ଲୋକପ୍ରିୟ ବିଧାୟକ ଡ. ବ୍ୟୋମକେଶ ରାୟ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ। ବିଧାୟକ ପ୍ରଥମେ ପାଲଟପୁରରୁ ଭୂଇଁପୁର କୋଇଲେଖା ଦେଇ ବାଙ୍କମୁହାଣ ଓ ନାନ୍ଦପୁର ଯାଇଥିଲେ। ପାନୀୟ ଜଳ ସମ୍ବନ୍ଧୀୟ ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀଙ୍କ ସଙ୍ଗେ ଫୋନ୍ ମାଧ୍ୟମରେ କଥା ହୋଇ ମଙ୍ଗଳବାର ଲଗାଯିବାର ବ୍ୟବସ୍ଥା କରିଥିଲେ। ଲୋକଙ୍କୁ ରିଲିଫ୍ ସାମଗ୍ରୀ ମିଳି ନ ଥିବାର ଅଭିଯୋଗ କ୍ରମେ ନାନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଗଣେଶ ବିଶ୍ୱାଳଙ୍କ ସହ କଥା ହୋଇ ଲୋକଙ୍କୁ ଦେବା ପାଇଁ କହିଥିଲେ। ବନ୍ୟାବିପନ୍ନଙ୍କୁ ପାଲ, ଭାଙ୍ଗି ଯାଇଥିବା ଘରଗୁଡ଼ିକର ସର୍ଭେ ଓ ଗୋ ଖାଦ୍ୟ ଦେବା ବାବଦରେ ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଲୋକଙ୍କ ଦୁଃଖ ସମୟରେ ବିଧାୟକ ପହଞ୍ଚିଥିବାରୁ ଲୋକମାନେ ଖୁବ୍ ଖୁସି ହୋଇଥିଲେ। ଏହି ଗସ୍ତ ସମୟରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ନାନ୍ଦପୁରର ପୂର୍ବତନ ସରପଞ୍ଚ ସରୋଜ ଦାସ, ସମିତିସଭ୍ୟା ଶୋଭାମୟୀ ବିଶ୍ୱାଳ, ନାଏବ ସରପଞ୍ଚ ବ୍ରଜମୋହନ ବାରିକ, ଭଗବାନ ମାଝୀ, ନିରଞ୍ଜନ ବାରିକ, ଦଶରଥ ବାରିକ, ଅମର ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ବିକାଶ ଭଞ୍ଜ, ଶତ୍ରୁଘ୍ନ ଭଞ୍ଜ, ଉଗ୍ରେସନ ସାହୁ, ଦୈତାରୀ ଓଝା, ସ୍ମୃତିରଞ୍ଜନ ବିଶ୍ୱାଳ ଓ ଜଗନ୍ନାଥ ସୁତାର ପ୍ରମୁଖ ଥିଲେ।

### ଶ୍ରାବଣର ତୃତୀୟ ସୋମବାରରେ ଆଖଣ୍ଡଳମଣି ପୀଠରେ କାଉଡ଼ିଆଙ୍କ ଭିଡ଼

# ବାବାମଣିଙ୍କୁ ଜଳଲାଗି କଲେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁ

ଆରଡ଼ି,୩।୮ (ସମିସ)

ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ଧାମ କାଉଡ଼ିଆ ଭକ୍ତଙ୍କ ଭିଡ଼ରେ ଉତ୍ସବମୁଖର ହୋଇଉଠିଥିଲା। ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ଆସି ଆରଡ଼ି ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ଯଥା କୁଆଖିଆ-ଆରଡ଼ି ଜାତୀୟ ରାଜପଥ ୨୦, ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ୩୫, ମତୋ-ଆରଡ଼ି ରାସ୍ତାଗୁଡ଼ିକରେ ବ୍ୟାପକ କ୍ଷତି କରିଥିଲେ ବି ଭକ୍ତି ଆଗରେ ସବୁ ପ୍ରତିବନ୍ଧକ ହାର୍ ମାନିଥିଲା। ଜାତୀୟ ରାଜପଥରେ ହୋଇଥିବା ଘାଇକୁ ଖାତିର୍ ନ କରି ବୋଲ୍‌ବମ୍ ଭକ୍ତମାନେ ମାଡ଼ି ଆସିଥିଲେ। ରବିବାର ରାତିରୁ ହଜାର ହଜାର କାଉଡ଼ିଆ ଭକ୍ତ ଶୃଙ୍ଖଳିତ ଧାଡ଼ିରେ ମନ୍ଦିରରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କ ଉପରେ ପବିତ୍ର ଜଳ ଅର୍ପଣ କରିଥିଲେ। ଚଳିତ ବର୍ଷ ତୃତୀୟ ସୋମବାରରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଭକ୍ତ ଜଳଲାଗି କରିଥିବା ସୂଚନା ମିଳିଛି।



**■ ପ୍ରତିକୂଳ ପରିସ୍ଥିତି ଭକ୍ତଙ୍କ ଭକ୍ତିରେ ହାର୍ ମାନିଲା**

**■ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା**

ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ବୈତରଣୀ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ହରହର ମହାଦେବ ଧ୍ୱନି ଦେଇ ପୀଠରେ ପହଞ୍ଚିଥିଲେ। ଜଳଲାଗି ପାଇଁ ଭକ୍ତଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ବ୍ୟାରିକେଡ୍, ଧାଡ଼ି ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ବିଶ୍ରାମ ବ୍ୟବସ୍ଥା କରାଯାଇଥିଲା। ଭକ୍ତଙ୍କ ବ୍ୟାପକ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୀଠରେ ୨ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର, ୩୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୯ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ଗୋଇନ୍ଦା ବିଭାଗ ଆଡିସ୍‌ନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ପୁଲିସ ବଳ ମୁତୟନ ସହ ସିସିଟିଭି ମାଧ୍ୟମରେ ନଜରଦାରି କରାଯାଇଥିଲା। ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଓ ଜରୁରୀକାଳୀନ ସେବା ପାଇଁ ପ୍ରଶାସନ, ପୁଲିସ, ଅଗ୍ନିଶମ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ସତର୍କ ରହିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ଘାଇଗୁଡ଼ିକରେ ବାଲିବସ୍ତାମାନ ପକେଇ ଭକ୍ତମାନଙ୍କ ଯାତାୟାତ ପାଇଁ ପଥ ପ୍ରସ୍ତୁତ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଜଳଲାଗି ପର୍ବ ସମ୍ପନ୍ନ ହୋଇଥିବାବେଳେ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଓ ପୂଜା ପାଇଁ ଦିନସାରା ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଶ୍ରାବଣର ତୃତୀୟ ସୋମବାରରେ ସମଗ୍ର ପୀଠ ଭକ୍ତିମୟ ପରିବେଶରେ ହରହର ମହାଦେବ ଜୟଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା।

## ପ୍ରସିଦ୍ଧ ବାବା ସିନ୍ଧୁକେଶ୍ୱର ପୀଠ ଚଳଚଞ୍ଚଳ

ବନ୍ତ/ଆଗରପଡ଼ା,୩।୮ (ସମିସ): ବନ୍ତ ବ୍ଲକ୍‌ର ପ୍ରସିଦ୍ଧ ଶୈବପୀଠ ମହା ତେଜପ୍ରତାପ ବାବା ସିନ୍ଧୁକେଶ୍ୱରଙ୍କ ମନ୍ଦିରରେ ଦେଖିବାକୁ ମିଳିଛି କାଉଡ଼ିଆ ଓ ଭକ୍ତଙ୍କ ପ୍ରବଳ ଭିଡ଼। ବାବାଙ୍କଠାରେ ପବିତ୍ର ଜଳଲାଗି କରିବା ପାଇଁ ସୋମବାର ଭୋର୍‌ରୁ ଦୂରଦୂରାନ୍ତରୁ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ଜମିଥିଲା। ବାବାଙ୍କ ଦର୍ଶନ ପାଇଁ ଲାଗିଥିଲା ଲମ୍ବା ଧାଡ଼ି। ଏହି ପବିତ୍ର ଅବସରରେ 'ଶିବାଂଶ ଫ୍ୟାଶନ ବଜାର' ପକ୍ଷରୁ ମନ୍ଦିରକୁ ଆସୁଥିବା ବହୁସଂଖ୍ୟକ ଭକ୍ତଙ୍କ ପାଇଁ ବିଶେଷ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ସାହୁ, ସ୍ମୃତି ରଞ୍ଜନ ମଲ୍ଲିକ, ସୂର୍ଯ୍ୟକାନ୍ତ ସାହୁ, ପବିତ୍ର ସାହୁ, ଜୟଶ୍ରୀ ସାହୁ, ନିତ୍ୟାଶ୍ରୀ ସାହୁ, କୁମାର ଶିବାଂଶ, ଲକ୍ଷ୍ମୀପ୍ରିୟା ସାହୁ, ରାଜେଶ ସାହୁ ଏବଂ ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚା' ପିଉଥିବାବେଳେ ଛୁରାମାଡ଼; ଜଣେ ଗୁରୁତର

କୋଠାର,୩।୮ (ସମିସ): ଧୂଷୁରୀ ଥାନା ଅଧୀନସ୍ଥ କୋଠାର ପଞ୍ଚାୟତ ଅନ୍ତର୍ଗତ ମିର୍ଘାଟକୂଳ ଗାଁରେ ସୋମବାର ସନ୍ଧ୍ୟାରେ ଏକ ଛୁରାମାଡ଼ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ମିର୍ଘାଟକୂଳ ଗାଁର ତନୁ ମଳିକଙ୍କ ପୁଅ ଗୌରାଙ୍ଗ ମଳିକ କୋଠାର ବଜାରରେ ଚା' ପିଉଥିବାବେଳେ କୌଣସି କଥାକୁ ନେଇ ଦୀପୁ ମଳିକଙ୍କ ସହ ବଚସା ହୋଇଥିଲା। ବଚସା ଉଗ୍ରରୂପ ନେବା ପରେ ଦୀପୁ ହଠାତ୍ ଗୌରାଙ୍ଗଙ୍କ ଉପରେ ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେ ସେଠାରୁ ଦୌଡ଼ି ପଳାଇଯାଇଥିବା କୁହାଯାଉଛି। ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଧୂଷୁରୀ ପୁଲିସର ପାଟ୍ରୋଲିଂ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିବା ସୂଚନା ମିଳିଛି। ଗୁରୁତର ଆହତ ଗୌରାଙ୍ଗ ମାଲିକଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାକୁ ନେଇ କୋଠାର ବଜାର ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଘଟଣା ସମ୍ପର୍କରେ ଧୂଷୁରୀ ପୁଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ବଜ୍ରପାତରେ ଜଳିଗଲା ଗୁହାଳ; ୨ ଗୋରୁ ମୃତ

ଆରଡ଼ି,୩।୮ (ସମିସ): ଚାନ୍ଦବାଲି ବ୍ଲକ୍ ଓଳଗ ପଞ୍ଚାୟତ ଅନ୍ତର୍ଗତ ଓଳଗ ଗାଁରେ ସୋମବାର ଅପରାହ୍ଣରେ ବଜ୍ରପାତରେ ଏକ ଗୁହାଳରେ ନିଆଁ ଲାଗି ୨ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତ ଗୋରୁ ମଧ୍ୟରେ ଏକ ଦୁହାଁଳିଆ ଗାଇ ଓ ଏକ ବାଛୁରୀ ରହିଛି। ଏହି ଗୋରୁ ଗ୍ରାମର ମଦନ ବାରିକଙ୍କର ବୋଲି ଜଣାପଡ଼ିଛି। ସୋମବାର ଅପରାହ୍ଣ ପ୍ରାୟ ୫ଟାବେଳେ ପ୍ରବଳ ବର୍ଷା ସହ ବିଜୁଳି ମାରିବାରୁ ଗୁହାଳରେ ଅଗ୍ନିକାଣ୍ଡ ଘଟିଥିଲା। ସେତେବେଳେ ଗୁହାଳରେ ବନ୍ଧାହୋଇଥିବା ଗାଇ ଓ ବାଛୁରୀ ନିଆଁରେ ପୋଡ଼ି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଖବର ପାଇ ଆରଡ଼ି ରାଜସ୍ୱ ନିରୀକ୍ଷକ ସୁଶାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଛନ୍ତି। ମଦନ ବାରିକ ଜଣେ ଦରିଦ୍ର ଚାଷୀ ହୋଇଥିବାବେଳେ ଗୋ-ପାଳନ ମାଧ୍ୟମରେ ପରିବାର ଚଳାଉଥିଲେ। ହଠାତ୍ ୨ଟି ଗୋରୁଙ୍କ ମୃତ୍ୟୁ ଯୋଗୁଁ ସେ ଗୁରୁତର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପୀଡ଼ିତଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦିବାଲୋକରେ ଯୁବକଙ୍କୁ ଛୁରାମାଡ଼

ବାରିକପୁର,୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତଥା ଧାମନଗର ଥାନା ଅନ୍ତର୍ଗତ ବାରିକପୁର ବଜାର ଅନତି ଦୂରରେ ସୋମବାର ଜଣେ ଯୁବକଙ୍କ ଉପରେ ଛୁରାମାଡ଼ ହୋଇଛି। ଦିବାଲୋକରେ ଏଭଳି ମରଣାନ୍ତକ ଆକ୍ରମଣ ହୋଇଥିବାବେଳେ ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସୋମବାର ଦିନ ପ୍ରାୟ ୧୧ଟା ବେଳେ ତୋଡ଼ଗାଁ ଗ୍ରାମର ବିମଳ ପୁଣ୍ଟିଆ ଭଉଣୀ ଘର ଶରଦପୁରକୁ ଯାଉଥିଲେ। ନିକଟସ୍ଥ ଜଳମଣ୍ଡୁଆ ଅଞ୍ଚଳର ମଣ୍ଟୁ ଦାସ ଓ ବଳିଆ ପ୍ରଧାନ ତାଙ୍କୁ ରାସ୍ତାରେ ଅଟକାଇ ଛୁରାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ବିମଳଙ୍କୁ ପ୍ରଥମେ ବାରିକପୁର ଓ ପରେ ଭଦ୍ରକ ମେଡିକାଲ ପଠାଯାଇଛି। ଛୁରାମାଡ଼ କରିଥିବା ଦୁଇ ଯୁବକଙ୍କ ମଧ୍ୟରୁ ମଣ୍ଟୁ ଘଟଣାସ୍ଥଳରୁ ଖସି ପଳାଇଛି। ଅନ୍ୟ ଅଭିଯୁକ୍ତ ବଳିଆକୁ ସ୍ଥାନୀୟ ଲୋକମାନେ କାବୁ କରି ପୁଲିସ ଜିମା ଦେଇଛନ୍ତି। ଘଟଣାକ୍ରମକୁ ନେଇ ଆକ୍ରମଣରେ ଶିକାର ହୋଇଥିବା ବିମଳଙ୍କ ପତ୍ନୀ ନିର୍ମଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ପୁଲିସଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଏକ ମାମଲା ରୁଜୁ ହୋଇଛି।

## ବୋଲେରୋ ସହ ୫ ଗୋରୁ ଜବତ



ବାରିକପୁର,୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଧାମନଗର ଛକ ନିକଟରୁ ସୋମବାର ବୋଲେରୋରେ ବେଆଇନ ଭାବେ ପରିବହନ ହେଉଥିବା ଗୋରୁ ଜବତ ହୋଇଛି। ଯାଜପୁରରୁ ଭଦ୍ରକ ଅଭିମୁଖେ ଯାଉଥିବା ଓଆର୍-୦୫-ଏଏଚ୍-୮୦୩୩ ନମ୍ବର ବିଶିଷ୍ଟ ଏକ ବୋଲେରୋକୁ ପୁଲିସ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଗାଡ଼ି ଛାଡ଼ି ଡ୍ରାଇଭର ଫେରାର୍ ମାରିଥିଲା। ଯାଞ୍ଚ ସମୟରେ ଗାଡ଼ି ଭିତରେ ୫ଟି ଗୋରୁ ଥିବା ଦେଖିବାକୁ ମିଳିଥିଲା। ଏହା ପରେ ପୁଲିସ ବୋଲେରୋ ସହ ଗୋରୁଗୁଡ଼ିକୁ ଜବତ କରି ଧାମନଗର ଥାନାକୁ ଆଣିଥିଲା। ପରବର୍ତ୍ତୀ ସମୟରେ ଜବତ ହୋଇଥିବା ଗୋରୁଗୁଡ଼ିକୁ ଅସୁରାଳି ଗୋଶାଳାକୁ ପଠାଯାଇଛି। ଏନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଫେରାର୍ ଚାଳକଙ୍କୁ ଧରିବା ପାଇଁ ପୁଲିସ ତଦନ୍ତକୁ ଜୋର୍‌ଦାର କରିଛି।

## ସବ୍‌ଇନ୍ସପେକ୍ଟର ଦୀପ୍ତିମଞ୍ଜରୀଙ୍କ ମହାନତା



ଦୋଳସାହି,୩।୮ (ସମିସ): ଗତ ଲଗାଣ ବର୍ଷାରେ ତିହିଡ଼ି ଥାନା ଅଞ୍ଚଳରେ ତଳିଆ ଅଞ୍ଚଳ ବନ୍ୟାଜଳ ବହୁ ଗାଁ ଗଣ୍ଡା ବେହାଲ ହୋଇଥିବାବେଳେ କିଛି ବ୍ୟକ୍ତିଙ୍କ ସାହାଯ୍ୟ ଓ ବଦାନ୍ୟତା ଚର୍ଚ୍ଚା ପାଲଟିଛି। ଏହି ବନ୍ୟାଜଳକୁ ଖାତିର୍ ନ କରି ଜଳବନ୍ଦିଙ୍କ ପାଖରେ ଶୁଖିଲା ଖାଦ୍ୟ ଓ ନିଜେ ରୋଷେଇ କରି ଲୋକଙ୍କୁ ଖାଇବାକୁ ଦେବା ନେଇ ବୁଦ୍ଧିଜୀବୀ ମହଲରେ ଜଣେ ମହିଳା ସବ୍‌ଇନ୍ସପେକ୍ଟରଙ୍କ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ତିହିଡ଼ି ଥାନାର ପ୍ରଥମ ମହିଳା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ପ୍ରୟାସ ଓ ତିହିଡ଼ି ଥାନାର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଏହି ବନ୍ୟାରେ ଜଳବନ୍ଦିଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇଦେବା ପାଇଁ ସାଧାରଣ ତିହିଡ଼ି ପୁଲିସର କାର୍ଯ୍ୟକୁ ପ୍ରଶଂସା କରାଯାଉଛି। ସାହସିକତା ଓ ମାନବିକତା ବଳରେ ମଣିଷ ମନର ଦୁଃଖଦୁର୍ଦ୍ଦଶାକୁ ଦୂର କରି ଶୁଖିଲା ମୁହଁରେ ହସ ଫୁଟାଯାଇପାରେ। ଏହାର ଜ୍ୱଳନ୍ତ ଉଦାହରଣ ତିହିଡ଼ି ଥାନାର ସବ୍‌ଇନ୍ସପେକ୍ଟର ଦୀପ୍ତି ମଞ୍ଜରୀ ବଡ଼ଜେନା।

## ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ



ଅସୁରାଳି,୩।୮ (ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆଞ୍ଚଳିକ ବ୍ୟାବସାୟିକ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ବନ୍ୟାବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ହାସନାବାଦ, ଖାଦିମହରା, ଦେଉଳଡିହି, ଘାଟସାହି ଓ ଆଖପାଖ ବନ୍ୟାପୀଡ଼ିତ ଅଞ୍ଚଳରେ ବ୍ୟାପକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ସହାୟତା ଶିବିର ମାଧ୍ୟମରେ ହସନାବାଦ ପଞ୍ଚାୟତର ହୃଦାନନ୍ଦ କଲ୍ୟାଣ ମଣ୍ଡପଠାରେ ପ୍ରାୟ ୧ହଜାର ବନ୍ୟା ପ୍ରଭାବିତ ଲୋକଙ୍କ ସମେତ ବମ୍‌କୁରା ପଞ୍ଚାୟତର ଘାଟକୂଳ, ଦେଉଳଡିହ ଓ ଖଡିମାହାରା ଆଦି ଅଞ୍ଚଳରେ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ବନ୍ୟାପୀଡ଼ିତ ପରିବାରଙ୍କୁ ଚୁଡ଼ା, ଗୁଡ଼, ପାଉଁରୁଟି, କେକ୍, ବିସ୍କୁଟ, ମୁଢ଼ି, ମିକ୍ସଚର, ମହମବତି ଓ ପାନୀୟ ଜଳ ଭଳି ନିତାନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ଏସ୍‌ବିଆଇ କ୍ଷେତ୍ରୀୟ ପ୍ରବନ୍ଧକ ମଧୁସୂଦନ ରଥ ଏବଂ ମାନବ ସମ୍ବଳ ଅଧିକାରୀ ଲକ୍ଷ୍ମୀଧର ଟୁଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀ ମହେଶ୍ୱର ପତି, ପରମାନନ୍ଦ ଦେ, ସତ୍ୟଜିତ୍ ଜେନା, ସ୍ୱରାଜ ବେହେରା, ସୁବ୍ରତ ପଣ୍ଡା, ସନ୍ଦିପ ରାଉଳ, ସୁଶୀଲ୍ କର, ଜ୍ଞାନମନୋରଞ୍ଜନ ରାଉତ, ଲଲାଟେନ୍ଦୁ ସାମଲ ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କ କର୍ମଚାରୀମାନେ ପ୍ରଭାବିତ ପରିବାରଗୁଡ଼ିକ ସହ ପ୍ରତ୍ୟକ୍ଷ ଆଲୋଚନା କରି ସେମାନଙ୍କ ଦୁଃଖଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିବା ସହ ସାହସ ଓ ସହଯୋଗର ବାର୍ତ୍ତା ଦେଇଥିଲେ। ବ୍ୟାଙ୍କର ଏପରି ଜନକଲ୍ୟାଣକାରୀ ଓ ସେବାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

## ଠିକାଦାର ସଂଘ ପକ୍ଷରୁ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ତିହିଡ଼ି,୩।୮ (ସମିସ): ଭଦ୍ରକ ଓ ତିହିଡ଼ି ଠିକାଦାର ସଂଘ ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଗ୍ରାମଗୁଡ଼ିକରେ ରିଲିଫ୍ ଭାବେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଠିକାଦାର ସଂଘ ପକ୍ଷରୁ ବନ୍ୟା କବଳିତ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ସମେତ ମୁକୁନ୍ଦପୁର ପଞ୍ଚାୟତର ନିଙ୍ଗାଡ଼ି, ଗୁଡୁପାଳ ଓ ସିନ୍ଦୋଳ ପଞ୍ଚାୟତର ନୂଆସାହି ଗ୍ରାମର ବନ୍ୟାବିପନ୍ନଙ୍କୁ ଚୁଡ଼ା, ଚିନି, ପାଉଁରୁଟି ଓ ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଠିକାଦାର ସଂଘର ଏପରି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଏହା ଅନ୍ୟ ସଂଘମାନଙ୍କ ପାଇଁ ଉଦାହରଣ ହେବ ବୋଲି ଆଲୋଚନା ହେଉଛି। ତିହିଡ଼ି ସଂଘ ସଭାପତି ରାକେଶ ମହାପାତ୍ର, ଭଦ୍ରକ ସଭାପତି କୁମୁଦବନ୍ଧୁ ମହାନ୍ତି, ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ସମେତ ତପନ ନାୟକ, ରାଜେଶ ଦାସ, ବିଶ୍ୱମ୍ଭର ବାରିକ, ସଂଗ୍ରାମ ବଳ, ଅଭୟ ପୁହାଣ, କହ୍ନେଇ ନାୟକ ପ୍ରମୁଖ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ।

## ଅଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଭୁବନେଶ୍ୱର,୩।୮ (ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ଗୌରାଙ୍ଗ ଚନ୍ଦ୍ର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଜେନା ସଭାପତିତ୍ୱ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ପ୍ରକାଶ କରିଥିଲେ ଯେ ଶ୍ରୀ ଦାସ ମୋ ବଡ଼ ଭାଇ ପରି ଓ ଆମ ମହାବିଦ୍ୟାଳୟର ବିଦ୍ଧାଣୀ ଓ ଯୋଗଜନ୍ମା ବିଶୁ ମହାରଣା। ତାଙ୍କ ଉଦ୍ୟମରେ ଅନୁଷ୍ଠାନର ସାମଗ୍ରିକ ବିକାଶ ସହିତ ସେ ଜଣେ ଛାତ୍ରବତ୍ସଳ ଓ ଅଧ୍ୟାପକମାନଙ୍କର ମାର୍ଗଦର୍ଶକ ଥିଲେ। କର୍ମଚାରୀ ସଂଘର ସମ୍ପାଦକ ଅଜୟ କୁମାର ପରିଡ଼ା ଓ ସହ ସମ୍ପାଦକ କ୍ଷିତିଶ ଜେନା ଶ୍ରୀ ଦାସଙ୍କ ଅବଦାନର ଗୁଣଗାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଖଗେନ୍ଦ୍ର ମହାନ୍ତି ଶ୍ରୀ ଦାସଙ୍କୁ ମହାବିଦ୍ୟାଳୟର ହୀରା ବୋଲି ଅଭିହିତ କରିଥିଲେ। ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ କର୍ମ ହିଁ ଭଗବାନ। ସେ ତାଙ୍କ ଚାକିରିର ସମସ୍ତ ସମୟ ଅନୁଷ୍ଠାନ ପାଇଁ ସମର୍ପଣ କରିଥିଲେ। ତାଙ୍କ ପତ୍ନୀ, ପୁଅ ଓ ଝିଅ ତାଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଶ୍ରୀ ଦାସଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**■ ବିପନ୍ନଙ୍କ ପାଇଁ ଚାନ୍ଦବାଲି ଏନ୍‌ଏସିର ତତ୍ପରତା**

## ଆଶ୍ରୟସ୍ଥଳରେ ରହିଛନ୍ତି ବିପନ୍ନ ପରିବାର

ଚାନ୍ଦବାଲି,୩।୮ (ସମିସ)

ଏନ୍‌ଏସିର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ କୁଞ୍ଜକାଳିକା ଗ୍ରାମରେ ପ୍ରାୟ ୧୫୦ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ପରିବାରମାନଙ୍କ ସୁରକ୍ଷା ଓ ରିଲିଫ୍ ପାଇଁ ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଚାନ୍ଦବାଲି ଏନ୍‌ଏସିର କୁଞ୍ଜକାଳିକା ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ପ୍ରାୟ ୧୫ରୁ ୧୬ଟି ପରିବାର ସମେତ ପ୍ରାୟ ୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସୁରକ୍ଷିତ ଭାବେ କୁଞ୍ଜକାଳିକା ୟୁପି ସ୍କୁଲରେ ଥିବା ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟସ୍ଥଳରେ ରହୁଥିବା ଲୋକଙ୍କ ପାଇଁ ଶୁଖିଲା ରାସନ ସହ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ସ୍ୱାସ୍ଥ୍ୟ ଓ ପରିମଳକୁ ଗୁରୁତ୍ୱ ଦେଇ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇଛି। ପଶୁଧନର ସୁରକ୍ଷା ପାଇଁ ଗୋ-ଖାଦ୍ୟ ଏବଂ ପ୍ରଭାବିତ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି ଚାନ୍ଦବାଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସ ପାଣିଗ୍ରାହୀଙ୍କ ନେତୃତ୍ୱରେ(ଏଇ) ପ୍ରଭାତ ସାହୁ ଏବଂ ଏନ୍‌ଏସିର ଅନ୍ୟାନ୍ୟ କର୍ମଚାରୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇଦେବାକୁ ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ପ୍ରୟାସ ଜାରି ରହିଛି। ବନ୍ୟା ବିପର୍ଯ୍ୟୟ ସମୟରେ ପ୍ରଶାସନର ଏହି ତତ୍ପରତା ପ୍ରଭାବିତ ପରିବାରଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି।



**● ଲକ୍ଷ ଲକ୍ଷ ଟଙ୍କାର କମ୍ପାନୀ ସାମଗ୍ରୀ ଚୋରି ଘଟଣାର ପର୍ଦ୍ଦାଫାସ୍**

## ୨ କର୍ମଚାରୀଙ୍କ ସହ ୪ ଗିରଫ; ଚୋରି ସାମଗ୍ରୀ ଜବତ



ଭଦ୍ରକ/ତିହିଡ଼ି,୩।୮ (ସମିସ): ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଧୀନ ମଙ୍ଗଳପୁର ଗାଁ ନିକଟରେ ରହି କେଇସି ନାମକ ଏକ କମ୍ପାନୀ ଧାମରା ବନ୍ଦର କାର୍ଯ୍ୟ କରୁଥିଲା। ସେହି କମ୍ପାନୀରେ ତିହିଡ଼ି ଥାନା ଅଧୀନ ଅମରନାଥ ସହାଣୀଙ୍କ ପୁଅ ମୁକ୍ତିକାନ୍ତ ସହାଣୀ (୩୬) ଓ ମହରମ୍‌ପୁର ଗାଁର ରବୀନ୍ଦ୍ର ରାଉତଙ୍କ ପୁଅ ଉମାକାନ୍ତ ରାଉତ (୨୫) କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର କମ୍ପାନୀ ବନ୍ଦ ହୋଇଯାଇଥିବାରୁ ମୁକ୍ତିକାନ୍ତ ଓ ଉମାକାନ୍ତ କମ୍ପାନୀରୁ ଏସି, ଟିଭି, ତାର ଓ ରେଳପଥ ଲୁହା ସମେତ ବିଭିନ୍ନ ସାମଗ୍ରୀ ଚୋରିକରି ନେଉଥିଲେ। ମାତ୍ର ଶନିବାର ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ରୋଜେନ ମୁର୍ମୁ ଦିନବେଳେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଏକ ଅଟୋରିକ୍ସାରେ କିଛି ସମଗ୍ରୀ ନନ୍ଦପୁର ବଜାର ନିକଟରେ ଯାଉଥିବା ନଜରକୁ ଆସିଥିଲା। ପୁଲିସ ଅଟୋରିକ୍ସାକୁ ଧରି ଥାନାକୁ ଆଣିଥିଲେ। ପରେ କମ୍ପାନୀର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବା ମୁକ୍ତିକାନ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବାବେଳେ ସାମଗ୍ରୀ ସବୁ କମ୍ପାନୀରୁ ଚୋରି କରି ଅଣାଯାଇଥିବା ଜଣାପଡ଼ିଥିଲା। କମ୍ପାନୀ ପୀରାହାଟ ଥାନା ଅଧୀନରେ ଥିବାରୁ ତଦନ୍ତ ପରେ ତିହିଡ଼ି ପୁଲିସ ଘଟଣାକୁ ପୀରାହାଟ ଥାନାକୁ ହସ୍ତାନ୍ତର କରିଥିଲେ। ପୀରାହାଟ ଆଇଆଇସି ରୋଜାଲିନ୍ ବେହେରା ଏକ ମାମଲା ରୁଜୁ କରି ମୁକ୍ତିକାନ୍ତ ଓ ଉମାକାନ୍ତଙ୍କ ସମେତ ଚୋରା ସାମଗ୍ରୀ କିଣିଥିବା ନନ୍ଦପୁରର ଗୁଲାମ ପରଭେଜ(୨୦) ଓ ରାଜ ସାହା (୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଚୋରି ସାମଗ୍ରୀ ଓ ଅଟୋରିକ୍ସାକୁ ଜବତ କରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ପାଣି ପିଇବାକୁ କହି ସଶସ୍ତ୍ର ଡକାୟତି

ବାରିକପୁର,୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପାଇମହୁରାସ୍ଥିତ ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଶରତ ଚନ୍ଦ୍ର ବାରିକଙ୍କ ଘରେ ରବିବାର ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଛୁରୀ ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରି ବହୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରକାଶ ଯେ, ରବିବାର ରାତିରେ ୩ ଜଣ ଯୁବକ ଘରକୁ ଆସି ପାଣି ପିଇବାକୁ ମାଗିଥିଲେ। ଗୃହସ୍ଥ ପାଣି ଆଣିବାକୁ ଭିତରକୁ ଯିବା ସମୟରେ ଡକାୟତମାନେ ହଠାତ୍ ଘର ଭିତରକୁ ପଶି କବାଟ ବନ୍ଦ କରି ଦେଇଥିଲେ। ପରେ ପରିବାର ସଦସ୍ୟଙ୍କୁ ବନ୍ଧୁକ ଓ ଛୁରୀରେ ଭୟଭୀତ କରି ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୪୦ ହଜାର ଟଙ୍କା ଲୁଟ୍ ହୋଇଛି। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଏସ୍‌ପି ମନୋଜ ରାଉତ ଓ ବୈଜ୍ଞାନିକ ଟିମ୍ ମଧ୍ୟ ଡକାୟତି ସ୍ଥାନରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏନେଇ ମାମଲା ରୁଜୁ ହୋଇଥିବାବେଳେ ଡକାୟତଙ୍କ ସମ୍ପର୍କରେ ଅନୁସନ୍ଧାନ ଜାରି ହୋଇଛି।

# ଲଘୁଚାପ ବର୍ଷା ପରେ ଚାଷ ପାଇଁ ଅଣ୍ଟା ଭିଡ଼ିଲେ ଚାଷୀ

ବନ୍ତ/ଆଗରପଡ଼ା,୩।୮ (ସମିସ)

ଏ ବର୍ଷ ରଜ ସରିବା ପରେ ମୌସୁମୀ ଆସିଥିଲା କିନ୍ତୁ ପାଗ ନ ଥିବାରୁ ୯୫ ଭାଗ ଜମିରେ ଧାନ ତଳି କିମ୍ବା ଧାନ ବୁଣା କାର୍ଯ୍ୟ ହୋଇପାରି ନ ଥିଲା। ଯଦ୍ୱାରା ଚାଷୀ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଥିଲା। କିନ୍ତୁ ଗତ କିଛି ଦିନ ହେବ ଲଘୁଚାପ ଜନିତ ବର୍ଷା ଯୋଗୁଁ ବହୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ତଳି ନଷ୍ଟ ହୋଇଯାଇଥିବା ବେଳେ ଅନେକାଂଶରେ ଚାଷ ଜମିରେ ପାଣି ଜମିରହିଛି। ବର୍ଷା ହେବାରୁ ଚାଷୀ କିଆରିରେ ଧାନତଳି ପକାଇବା ପାଇଁ କାଦୁଅ କାର୍ଯ୍ୟ ଆରମ୍ଭ କରିଥିବାବେଳେ ବହୁ ଚାଷୀ ତଳି ପକାଇବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି।

ବିବରଣୀରୁ ପ୍ରକାଶ ଯେ, ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରୁଥିବାବେଳେ ୨୦ ଭାଗ ସରକାରୀ ଚାକିରିଆ ଅଛନ୍ତି। ରଜ ପୂର୍ବରୁ ଜମିରେ ହଳ କରାଯାଇଥାଏ, ମାତ୍ର ପ୍ରବଳ ଗରମ ଓ ଗ୍ରୀଷ୍ମ ଋତୁ ଯୋଗୁଁ ଜମି ଟାଣ ହୋଇଯିବା ଫଳରେ ଏହି କାର୍ଯ୍ୟ ସମ୍ଭବପର ହୋଇ ନ ଥିଲା। ପାଣିପାଗର ଅନିୟମିତତା ଯୋଗୁଁ ଧାନବୁଣା ଓ ତଳି ପକାରେ ଅହେତୁକ ବିଳମ୍ବ ହୋଇଥିଲା। କିନ୍ତୁ ବର୍ତ୍ତମାନ ବର୍ଷା ହେବା ଯୋଗୁଁ ଚାଷୀ ଚାଷ ପାଇଁ ଅଣ୍ଟା ଭିଡ଼ିଛି। ବର୍ଷାର ଅନିୟମିତତା ଯୋଗୁଁ ବହୁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ବର୍ଷା ଚାଷୀ ମନରେ ଉତ୍ସାହ ସୃଷ୍ଟି କରିଛି। ଇତି ମଧ୍ୟରେ ଶ୍ରାବଣ ମାସ ଆରମ୍ଭ ହୋଇଯାଇଥିବାରୁ ବର୍ଷା ଯୋଗୁଁ ଚାଷୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଥିବାର ଦେଖିବାକୁ ମିଳିଛି। ବର୍ଷା ନ ହେବା ଫଳରେ ଚାଷ କାର୍ଯ୍ୟ ଆଜିଯାଏ ଆରମ୍ଭ ହୋଇପାରି ନ ଥିଲା। ଏନେଇ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା।

ସାଧାରଣତଃ ରଜ ସଂକ୍ରାନ୍ତି ପରଠାରୁ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରିଥା'ନ୍ତି। ମାତ୍ର ବର୍ଷାର ଅନିୟମିତତା ଯୋଗୁଁ ଚାଷୀମାନେ ଚାଷକାର୍ଯ୍ୟ କରି ନ ପାରି ହତାଶ ହୋଇପଡ଼ିଥିଲେ। ଚାଷୀମାନଙ୍କ ଉପରେ ପ୍ରକୃତି ବାରମ୍ବାର ଦାଉ ସାଧୁଥିବାର ଲକ୍ଷ୍ୟ କରାଯାଉଛି। କେତେବେଳେ ମରୁଡ଼ି ପୁଣି କେତେବେଳେ ବିଭିନ୍ନ ପୋକଦାଉରୁ ଚାଷ ହାନୀ, ଅମଳ ହେବା ପରେ ବିକ୍ରି ପାଇଁ ମଣ୍ଡିରେ ଧାନ ମାସମାସ ଧରି ପଡ଼ିରହିବା, ପୁଣି ଧାନ ବିକ୍ରି ଅର୍ଥ ତୁରନ୍ତ ନ ମିଳିବା ଆଦି ସମସ୍ୟା ଦେଇ ଚାଷୀକୂଳ ବାରମ୍ବାର ଗତି କରୁଛନ୍ତି। ଏଥି ସହିତ ସରକାରୀ ଆର୍ଥିକ ସହାୟତା ମିଳିବା କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତି ଚାଷୀମାନଙ୍କ ଆଶାକୁ ଧୂଳିସାତ୍ କରୁଛି।



## ରାସଗୋବିନ୍ଦପୁର ପୁଲିସକୁ ସଫଳତା

# ଲକ୍ଷାଧିକ ଟଙ୍କାର ଗହଣା ଓ ୯ଟି ମୋବାଇଲ ଜବତ, ୩ ଗିରଫ

ରାସଗୋବିନ୍ଦପୁର, ୩।୮ (ସମିସ)



ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ପୁଲିସ ଚୋରି ଓ ଡକାୟତି ସମ୍ବନ୍ଧୀୟ ମାମଲାରେ ବଡ଼ ସଫଳତା ହାସଲ କରିଛି। ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ରୂପା ଗହଣା ଓ ୯ଟି ମୋବାଇଲ ଫୋନ ଜବତ କରିଛି। ଏହି ସଫଳତା ସମ୍ପର୍କରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଓ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରାସଗୋବିନ୍ଦପୁର ଥାନା ଅଧୀନ ବଡ଼ାମ ଛକ ନିକଟରେ ରାତ୍ରକାଳୀନ ନାକା ଯାଞ୍ଚ ସମୟରେ ଏକ ବାଇକ୍‌ରେ ଆସୁଥିବା ଦୁଇ ଯୁବକଙ୍କୁ ସନ୍ଦେହ ବଶତଃ ଅଟକାଇ ତଲାସି କରାଯାଇଥିଲା। ସେମାନଙ୍କ ନିକଟରୁ ୩୫୮ ଗ୍ରାମ ରୂପା ଗହଣା ଜବତ ହେବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟ ଗ୍ରାମର ଏସ୍.କେ. ସୁଲତାନ ଓ ନଜିମ ଖାନ। ଏହି ଘଟଣାରେ ରାସଗୋବିନ୍ଦପୁର ଥାନାରେ ୪୧୨/୨୬ରେ ମାମଲା ରୁଜୁ କରାଯାଇଛି। ତଦନ୍ତ ସମୟରେ ପୁଲିସ ମାଣିଦାସ୍ଥ କୃଷ୍ଣଚନ୍ଦ୍ର ଜୁଏଲର୍ସରେ ଘଟିଥିବା ବହୁଚର୍ଚ୍ଚିତ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅଞ୍ଚଳର ସେକ୍ କାଲା। ଗତ ଜୁଲାଇ ୨୭ ତାରିଖ ବିଳମ୍ବିତ ରାତିରେ ମାଣିଦାସ୍ଥ କୃଷ୍ଣଚନ୍ଦ୍ର ଗହଣା ଦୋକାନରୁ ଦୁର୍ବୃତ୍ତମାନେ ସୁନା ଓ ରୂପା ଗହଣା ଚୋରି କରିଥିଲେ। ଘଟଣାଟି ସିସିଟିଭି କ୍ୟାମେରାରେ କଏଦ ହୋଇଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ ଟେକ୍ନିକାଲ ଟିମର ସହାୟତାରେ ମୁଖ୍ୟ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରାଯାଇଥିଲା। ଅଭିଯୁକ୍ତ ନିକଟରୁ ୭୫୦ ଗ୍ରାମ ରୂପା ଗହଣା, ୩୫ଟି ରୂପା ପଳା ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ୬୦ ହଜାର ଟଙ୍କା ବୋଲି ପୁଲିସ ସୂଚନା ଦେଇଛି। ଏଥିସହ ତିନି ଅଭିଯୁକ୍ତଙ୍କ ନିକଟରୁ ୯ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି।

**ମାଣିଦା ଗହଣା ଦୋକାନ ଚୋରି ଘଟଣାର ମୁଖ୍ୟ ଗିରଫ**

ଏହି ସଫଳତା ପଛରେ ରାସଗୋବିନ୍ଦପୁର ପୁଲିସର ତତ୍ପରତା, ସିସିଟିଭି ବିଶ୍ଳେଷଣ ଓ ଟେକ୍ନିକାଲ ତଦନ୍ତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଷଣ୍ଢକୁ ଧକ୍କା ଦେଇ ବାଇକ୍ ଆରୋହୀ ଆହତ

ମହୁଲଡିହା,୩।୮ (ସମିସ): ମହୁଲଡିହା ଥାନା ହାଇସ୍କୁଲ ଛକ ନିକଟରେ ଏକ ଷଣ୍ଢକୁ ଧକ୍କା ଦେଇ ଲୁନା ଆରୋହୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତ ଜଣକ ହେଲେ ଆନନ୍ଦପୁର ଥାନା ଜଞ୍ଜାଳି ଗ୍ରାମର ମାଛୁଆ ଦଙ୍ଗ। ସେ ସୋମବାର ସାପ୍ତାହିକ ହାଟ ମହୁଲଡିହାରୁ ଝିପିଝିପି ବର୍ଷାରେ ଲୁନାରେ ୪ଟା ସମୟରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ଆହତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି।



## ମୃତ ସନ୍ତାନ ଜନ୍ମଦେଲେ ନାବାଳିକା ମା’

ତୁରୁମୁଙ୍ଗା,୩।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ନାବାଳିକା ଜଣଙ୍କ ସେଠାରେ ଏକ ମୃତ ସନ୍ତାନ ଜନ୍ମ ଦେଇଥିଲେ। ସଂପୃକ୍ତ ନାବାଳିକା ବାପା-ମା’ ଛେଉଣ୍ଡ ହୋଇଥିବାବେଳେ ଜଣେ ଯୁବକଙ୍କୁ ଭଲ ପାଇବା ସହ ଯୁବକଙ୍କ ଘରେ ରହି ଆସୁଥିଲେ। ମୃତ ଶିଶୁ ଜନ୍ମ ହେବା ପରେ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି।

## ଯୁବ ଇଂଜିନିୟରଙ୍କ ମୃତ୍ୟୁ

କୁଆମରା,୩।୮ (ସମିସ): ଖୁଣ୍ଟା ବ୍ଲକ ଭୋଳାଗଡିଆ ପଞ୍ଚାୟତ ବଡ଼ଓଳିଆ ଗ୍ରାମର ଯୁବ ଇଂଜିନିୟର ସୁଶୀଲ ମୁର୍ମୁ (୪୫)ଙ୍କ ଦେହାନ୍ତ ଘଟିଛି। ତିନିଦିନ ତଳେ ସୁଶୀଲ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବାରିପଦାର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସେ ଜଳେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ କାର୍ଯ୍ୟରତ ଥିଲେ। ଆଜି ମଧ୍ୟାହ୍ନରେ ଜନ୍ମ ସ୍ଥାନ ବଡ଼ଓଳିଆରେ ତାଙ୍କର ଅନ୍ତିମ ସତ୍କାର ହୋଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବୋଲବମ ଭକ୍ତଙ୍କ ଚନ୍ଦନେଶ୍ୱର ଯାତ୍ରା



ଆନନ୍ଦପୁର,୩।୭ (ସମିସ): ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ହାତିବନ୍ଧା ଗ୍ରାମର ବୋଲବମ୍ ସଂଘର ସଦସ୍ୟମାନେ ବାଲେଶ୍ୱର ଜିଲ୍ଲାର ଶ୍ରୀଚନ୍ଦନେଶ୍ୱର ମହାଦେବଙ୍କ ଶୀରରେ ଜଳଲାଗି କରିଛନ୍ତି। ସଂଘ ସଦସ୍ୟ ନାରାୟଣ ଜେନା, ଅଭୟ ଦାସ, ଉଦୟ ଦାସ, ଲିପୁନୁ ଜେନା, ଅରବିନ୍ଦ ପାଲ, ଲିଟୁ ଦାସ, ସୁଜିତ୍ ଦାସ, ଲକି ଦାସ, ହରିହର ଜେନା, ବଳରାମ ଜେନା, ଚୈତନ୍ୟ ଦାସ, ବିକାଶ ବେହେରା, ହିରଣ୍ୟ ଜେନା, ବାପୁନ୍ ଜେନା, ବାବୁଲି ମହାନ୍ତି, ମଣ୍ଟୁ ଦାସ, ପ୍ରଫୁଲ୍ଲ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।

## ମୟୂର ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ


## ବନମୟୂରୀ ସମ୍ମାନ ପାଇବେ ଲତାସା ଖୁରାନା

ବେତନଟୀ,୩।୮ (ସମିସ): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂର ସାହିତ୍ୟ ସଂସଦ ବେବତନଟୀର ୩୧ତମ ବାର୍ଷିକ ଉତ୍ସବ ପାଇଁ ସଂସଦର କମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସଭାପତି ଭାସ୍କର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ ନୀରଦ ସୁନ୍ଦର ଜେନାଙ୍କ ସୂଚନା ଅନୁସାରେ ବେତନଟୀ ଏମ୍‌ପିସି ଉଚ୍ଚ ବିଦ୍ୟାଳୟର ଉତ୍କଳ ଭବନରେ ଆସନ୍ତା ୯ ତାରିଖ ରବିବାର ଦିନ ଏହି ସାରସ୍ୱତ ସମାରୋହ ଅନୁଷ୍ଠିତ ହେବ। ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିମାନଙ୍କ ସ୍ୱରଚିତ କବିତା ପାଠ ପୂର୍ବାହ୍ନ ୯.୩୦ରୁ ୧୧.୩୦ ପର୍ଯ୍ୟନ୍ତ ଚାଲିବ। ପରେ ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ବର୍ଷ ସଂସଦ ଦ୍ୱାରା ୫ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସଂସଦର ଶ୍ରେଷ୍ଠ ସମ୍ମାନ ବନ ମୟୁରୀ-୨୦୨୬ ଶିଶୁ ଅଭିନେତ୍ରୀ ଲତାଶା ଖୁରାନାଙ୍କୁ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଗାଳ୍ପିକ ନିମାଇଁ ଚରଣ ବେହେରା, ସବିତା ମହାନ୍ତି, ଭାସ୍ୱତୀ ପଣ୍ଡା ଓ ତାନଶ୍ରୀ ପାଣିଗ୍ରାହୀ ବିଭିନ୍ନ ସାହିତ୍ୟ ବିଭାଗରେ ସମ୍ବର୍ଦ୍ଧିତ ହେବେ। ଏହି ଉତ୍ସବରେ ଯୋଗ ଦେବାକୁ ସଂସଦ ପକ୍ଷରୁ ଲେଖକ ଲେଖିକା ଓ ସାହିତ୍ୟ ଅନୁରାଗୀଙ୍କୁ ଅନୁରୋଧ କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କୁଆମରା,୩।୮ (ସମିସ): ଗୋପବନ୍ଧୁନଗର ବ୍ଲକ୍ ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଳା ସଙ୍କୁଳ ପ୍ରମୁଖ ବିରଞ୍ଚି ନାରାୟଣ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ମୋଟ ୩୦ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଜ୍ଞାନ ପ୍ରଶ୍ନ ମଞ୍ଚରେ ୪୨, ଗଣିତ ପ୍ରଶ୍ନ ମଞ୍ଚରେ ୯ ଓ ସଂସ୍କୃତ ଜ୍ଞାନ ପ୍ରଶ୍ନ ମଞ୍ଚରେ ୧୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବଡପଥରା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ସିଂ, ଖୁଣ୍ଟା ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ଅଭିଜିତ ଜେନା, ସ୍ଥାନୀୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜିତ ପାତ୍ର ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ମହାନ୍ତ, ପ୍ରଧାନଆଚାର୍ଯ୍ୟ ଗୌରୀ ଶଙ୍କର ସିଂ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ପରାମର୍ଶ ଦେଇଥିଲେ। ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରୁ ୩୮ ଛାତ୍ରଛାତ୍ରୀ ସଂକୁଳ ସ୍ତରକୁ ମନୋନୀତ ହୋଇଛନ୍ତି।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



କେନ୍ଦୁଝର,୩।୮ (ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୧୯୬ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି। ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୬୪ ଟି, ସାମୂହିକ ଅଭିଯୋଗ ୩୨ଟି, ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନ ଗ୍ରହଣ କରାଯାଇଛି। ୬୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ।

ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅଗଷ୍ଟ ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ।୧୦ ଅଗଷ୍ଟ ୨୦୨୬ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର, ୧୭ ଅଗଷ୍ଟ ୨୦୨୬ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଯୋଡ଼ା, ୨୪ ଅଗଷ୍ଟ ୨୦୨୬ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆନନ୍ଦପୁର, ୩୧ ଅଗଷ୍ଟ ୨୦୨୬ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେଲକୋଇରେ ଅନୁଷ୍ଠିତ ହେବ।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜୟନ୍ତୀ

ବାରିପଦା, ୩।୮ (ସମିସ): ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ଜୟନ୍ତୀ ଅବସରରେ ମୟୂରଭଞ୍ଜ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୋମବାର ବାରିପଦାସ୍ଥ ମା’ ଅମ୍ବିକା ମନ୍ଦିର ପରିସରରେ ଏକ ଭକ୍ତିମୟ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଚର ସମ୍ପାଦକ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀ ଏକତ୍ରିତ ହୋଇ ମା’ ଅମ୍ବିକାଙ୍କ ନିକଟରେ ରାଜ୍ୟର ସୁଖ, ଶାନ୍ତି, ସମୃଦ୍ଧି ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦୀର୍ଘାୟୁ ଓ ସୁସ୍ୱାସ୍ଥ୍ୟ କାମନା କରିଥିଲେ। ଏହି ଅବସରରେ ମା’ଙ୍କ ଉଦ୍ଦେଶ୍ୟରେ ୧୦୮ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାସହ ଦୁଃସ୍ଥ ଓ ଭିକ୍ଷୁଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇ ସମାଜ ପ୍ରତି ସେବା ଓ ମାନବିକତାର ବାର୍ତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡ. କିଶୋର ପାତ୍ର, କିଶୋର ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷା ଡ. ପୁଷ୍ପା ପାତ୍ର, ଅବସରପ୍ରାପ୍ତ ଅଧକ୍ଷ ସୁନୀଲ କୁମାର ଜେନା, ଡ. ଶରତ କୁମାର ମହାନ୍ତି, ବିଭୂଦତ୍ତ ଦାସ, ଦେବୀଦତ୍ତ ଦାସ, ସୀବ କୁମାର ଆଚାର୍ଯ୍ୟ, ଅମ୍ବିକା ଘୋଷ, ସୟ ପଟ୍ଟନାୟକ, ସୁବାଷ ଦାସ, ମନୋଜ ସିଂହ, ଗଦାଧର ବେହେରା, ଅଧ୍ୟାପିକା ଦେବଶ୍ରୀତା ବିଶ୍ୱାଳ, ସୁଜାତା ପାଲ୍ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମ ସାଂସଦ ଦିଲ୍ଲୀପ ରାୟଙ୍କ ରାଜନୈତିକ ସଚିବ ଦୁର୍ଗାପ୍ରସାଦ ମହାନ୍ତିଙ୍କ ମାର୍ଗ ଦର୍ଶନରେ ଆୟୋଜିତ ହୋଇଥିଲା। ସେହିପରି ସମାଜସେବା, ଆଧ୍ୟାତ୍ମିକତା ଓ ମାନବିକତାର ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସହରବାସୀଙ୍କ ମଧ୍ୟରେ ପ୍ରଶଂସା ସାଉଁଟିଥିଲା।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା




ରାସଗୋବିନ୍ଦପୁର,(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ପଥରଚାଟିଆସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଦ୍ୟାଳୟର ପ୍ରାୟ ୧୮୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ନିଜର ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଓ ବୌଦ୍ଧିକ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ। ଏହି ମେଳାରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରଦର୍ଶନୀ, ପ୍ରଶ୍ନୋତ୍ତର, ବକ୍ତୃତା, ପ୍ରବନ୍ଧ ଲେଖନ, ଚିତ୍ରାଙ୍କନ ସମେତ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରକଳ୍ପ ଓ ସୁନ୍ଦର ଉପସ୍ଥାପନା ଉପସ୍ଥିତ ଶିକ୍ଷକ, ଅଭିଭାବକ ଓ ଅତିଥିଙ୍କୁ ଆକର୍ଷିତ କରିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ, ଏଭଳି ଜ୍ଞାନ ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଯୁକ୍ତିବାଦୀ ଚିନ୍ତାଧାରା ଓ ସୃଜନଶୀଳ ପ୍ରତିଭାର ବିକାଶରେ ସହାୟକ ହୋଇଥାଏ। ଏହା ସେମାନଙ୍କ ମଧ୍ୟରେ ଅନୁସନ୍ଧିତ୍ସା ଓ ନୂତନ ଚିନ୍ତାଧାରାକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସିଆରସିସି ରାଜେଶ ପଲେଇ, ସାମ୍ବାଦିକ ଅଶୋକ ମହାନ୍ତି, ବିଦ୍ୟାଳୟର ସମ୍ପାଦକ କୌସ୍ତୁଭ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଦାସ ଓ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସରସ୍ୱତୀ ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତା ଓ ପ୍ରଦର୍ଶନୀରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

■ ଦ୍ୱିତୀୟଜାତୀୟନାଟ୍ୟମହୋତ୍ସବ

## ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା



ବାରିପଦା, ୩।୮ (ସମିସ): ଦ୍ୱିତୀୟ ଜାତୀୟ ନାଟ୍ୟମହୋତ୍ସବ ଅବ୍ୟହତି ପୂର୍ବରୁ ‘ଆମେ ବାରିପଦା’ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ନାଟ୍ୟପ୍ରେମୀ ଯୁବକ, ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡଃ ସାଗରୀକା ସିଂ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଜାତୀୟ ନାଟ୍ୟମହୋତ୍ସବର ଆବାହକ, ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକ ପ୍ରତିଯୋଗୀଙ୍କୁ ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଭଳି ପ୍ରତିଯୋଗିତା ନୂଆ ନୂଆ ନାଟ୍ୟକାର ସୃଷ୍ଟି କରିବାରେ ବିଶେଷ ସହାୟକ ହେବା ସହ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଭଳି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଅନୁଷ୍ଠିତ କରାଯାଉଛି ବୋଲି କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ସୂଚନା ଦେଇଥିଲେ। ସର୍ବଶ୍ରୀ ପ୍ରଦୀପ କିଶୋର ମହାନ୍ତି, ପ୍ରୟାଶ ଶତପଥୀ, ପ୍ରଦୀପ ସରଘରିଆ, ଜ୍ଞାନରନ ପଣ୍ଡା ଅଧ୍ୟାପକ ଡ଼ଃ ଚନ୍ଦ୍ରଶେଖର ଦାସ, ଅଧ୍ୟାପିକା ଡ଼ଃ ସ୍ୱାଗତିକା ମିଶ୍ର ଓ ସୁଜୟ ମହାନ୍ତି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ନାଟ୍ୟମହୋତ୍ସବ ଅବସରରେ ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲସ୍ତରରେ ଏକକ ଅଭିନୟ, ମୂକ ଅଭିନୟ, ନୃତ୍ୟ, ମଞ୍ଚ ସଂଚାଳନା, ମ୍ୟୁଜିକ୍ ଚେୟାର ଓ ଫ୍ୟାନ୍‌ସିଡ୍ରେସ୍ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସହ ନାଟକମହୋତ୍ସବର ଅନ୍ତିମ ରଜନୀରେ ବିଜେତାମାନଙ୍କର ନାମ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡ଼ିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି।

# ମାସା ଆର୍ମୀ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରିପଦା, ୩।୮ (ସମିସ)




ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବ୍ୟବସ୍ଥା ସୁଧାରିବା ଦାବିରେ ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ କଲେ ଚଳିତ ମାସ ୧୧ ତାରିଖ ମୟୂରଭଞ୍ଜ ବନ୍ଦ ହେବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ସ୍ମାରକପତ୍ରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା, ସରକାରଙ୍କ ୩ ବର୍ଷିଆ ବଦଳି ନିୟମକୁ ସମସ୍ତ ସରକାରୀ ବିଭାଗରେ କଡ଼ାକଡ଼ି ଭାବେ ଲାଗୁ କରିବା, ବିପଦସଂକୁଳ ଅବସ୍ଥାରେ ଥିବା ମୟୂରଭଞ୍ଜର ସମସ୍ତ ବିଦ୍ୟାଳୟକୁ ଚିହ୍ନଟ କରି ତୁରନ୍ତ ମରାମତି କରାଯିବା ସହ ଭିତ୍ତିଭୂମିର ବିକାଶ କରାଯିବା, ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯାଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା, ଛାତ୍ରଛାତ୍ରୀଙ୍କୁ ପ୍ରୋଟିନ୍‌ଯୁକ୍ତ ଓ ପୌଷ୍ଟିକ ମଧ୍ୟାହ୍ନଭୋଜନ ନିୟମିତ ଭାବେ ପ୍ରଦାନ କରିବା, ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରଦାନ କରାଯିବା ଦାବି କରାଯାଇଛି। ଏହି ଘେରଉ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ମୁର୍ମୁ, ରାଜ୍ୟ ସମ୍ପାଦକ ପଦ୍ମଲୋଚନ ମୁର୍ମୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଟିକା ବାଦଲ ମାରାଣ୍ଡି, ବାରିପଦା ଉପଖଣ୍ଡ ସଭାପତି ଶଙ୍କର ବାସ୍କେ, କୃଷ୍ଣ ଟୁଡୁ, ବିଶୁ ମୁର୍ମୁ, ଚାନ୍ଦ୍ରାୟ ମାରାଣ୍ଡି, ରାଜେଶ ମାରାଣ୍ଡି, ବାଦଲ ମୁର୍ମୁ, ରାଇସେନ ମୁର୍ମୁ, ଦୀପକ ହେମ୍ବ୍ରମ, ସୁବାସ ମୁର୍ମୁ, ବୀରଭୀମ ମାରାଣ୍ଡି, ପିଏସ ମେମ୍ବର ସୁନୀଲ କୁମାର ଟୁଡୁ, ସରପଞ୍ଚ ମଙ୍ଗଲ, ବ୍ରଜେଶ ମୁର୍ମୁ, ଅବିନାଶ ମାରାଣ୍ଡି, ଚିତ୍ତ ମାରାଣ୍ଡି, ବିକ୍ରମ ମୁର୍ମୁ, ଗୌରୀ ଶଙ୍କର ଟୁଡୁ, ମିଥୁନ ମାରାଣ୍ଡି, ଲାଲମୋହନ ବାସ୍କେ ଓ ଧରମବୀର ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି । କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ଦୀର୍ଘ ଦିନର ଆଶା ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି । ଚକ୍ଷୁ ସମସ୍ୟା ହୋଇପାରେ ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଦିନଟି ମଜାମସ୍ତିରେ ଅତିବାହିତ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ । ଅଚାନକ ଧନପ୍ରାପ୍ତି ଯୋଗ ରହିଛି । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଅକସ୍ମାତ ଖୁସି ଖବର ମିଳିପାରେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ଧୈର୍ଯ୍ୟ ରଖି ଚାଲିବେ ।

## ଆଜିର ଐତିହ୍ୟ

- ୧୮୭୦-ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା ।
- ୧୯୨୯ - ଅଭିନେତା ତଥା ଗାୟକ କିଶୋର କୁମାରଙ୍କ ଜନ୍ମ ।
- ୧୯୫୬- ଦେଶର ପ୍ରଥମ ପରମାଣୁ ଅନୁସନ୍ଧାନ ରିଆକ୍ଟର ଅପ୍‌ସରାର ଆରମ୍ଭ ହେଲା ।
- ୧୯୬୭- ଆମେରିକାର ନେଭାଡ଼ାରେ ପରମାଣୁ ପରୀକ୍ଷା କରାଗଲା ।
- ୨୦୦୭- ନାସା ଫୋନିକ୍ସ ମହାକାଶଯାନ ଲଞ୍ଚ୍ କଲା ।



# ପ୍ଲାଷ୍ଟିକ୍ ବୋତଲରୁ କର୍କଟ

ପ୍ଲାଷ୍ଟିକ୍ ବୋତଲରେ ରଖାଯାଉଥିବା ପାଣିରୁ କ୍ୟାନସର୍ ହୋଇପାରେ ବୋଲି ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଦାବି କରାଯାଉଛି । ଏହାକୁ ନେଇ ଲୋକେ ଚିନ୍ତିତ ହେବା ବି ସ୍ୱାଭାବିକ । କୁହାଯାଉଛି, ପ୍ଲାଷ୍ଟିକ୍ ବୋତଲକୁ ଯଦି ଦୀର୍ଘ ସମୟ ପର୍ଯ୍ୟନ୍ତ ଗରମ ବା ଖରାରେ ରଖାଯାଏ, ଏଥିରେ ଥିବା ବିପିଏ ରସାୟନ ନିର୍ଗତ ହେବାର ଆଶଙ୍କା ବୃଦ୍ଧି ପାଏ । ସେହିପରି ମାଇକ୍ରୋପ୍ଲାଷ୍ଟିକ୍ ମଧ୍ୟ ଚିନ୍ତାର ଅନ୍ୟତମ କାରଣ ପାଲଟିଛି । କାରଣ ଏହା ଶରୀରର ବିଭିନ୍ନ ଅଙ୍ଗ ସହ ରକ୍ତରୁ ବି ମିଳିଛି । ତେବେ ଏହି କଣିକା ଅତ୍ୟନ୍ତ କ୍ଷୁଦ୍ର ହୋଇଥିବାରୁ ଏହା ପାଣିରେ ମିଶି ଯାଇଥାଏ । ତେଣୁ ଏହା ଶରୀର ଭିତରକୁ ଯିବା ଆଶଙ୍କା ଅଛି । ଏହାସହ ବିପିଏ କେମିକାଲକୁ କ୍ୟାନସର୍‌ର କାରକ ଭାବେ ବିବେଚନା କରାଯାଉଛି । ଏବେ ଏହାକୁ ନେଇ ପ୍ରଶ୍ନ ଉଠୁଛି ଯେ, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇଲେ କ'ଣ କ୍ୟାନସର ହୋଇପାରେ? ଅନ୍ୟପଟେ ଗାଜିଆବାଦ ମ୍ୟାକ୍ସ ହସ୍‌ପିଟାଲର ଅଙ୍କୋଲୋଜି ବିଭାଗର ଡା. ରୋହିତ କପୁର କହିଛନ୍ତି, ଏବେ ସୁଦ୍ଧା କରାଯାଇଥିବା ଅଧିକାଂଶ ଗବେଷଣା ଗବେଷଣାଗାର ଏବଂ ପ୍ରାଣୀଙ୍କ ଉପରେ ଆଧାରିତ । ଏଥିରେ ଏହି ରସାୟନ ଓ ମାଇକ୍ରୋପ୍ଲାଷ୍ଟିକ୍‌ର କିଛି ପ୍ରଭାବ ନିହାତି ଦେଖିବାକୁ ମିଳିଛି । ହେଲେ ମଣିଷଙ୍କଠାରେ ଏକଥା ପ୍ରମାଣିତ ହୋଇପାରି ନାହିଁ ଯେ, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇଲେ ଏବଂ କ୍ୟାନସର ମଧ୍ୟରେ ସିଧାସଳଖ କୌଣସି ସମ୍ବନ୍ଧ ଅଛି । ଏଣୁ ଏ ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ଅଛି । ଏହାବାଦ୍ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବାକୁ ଦୂରେଇ ରହିବା ଦରକାର ବୋଲି ଡାକ୍ତର କହିଛନ୍ତି । ସେହିପରି ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ କିଛି ଦିଗ ପ୍ରତି ସତର୍କ ରହିବା ବି ଜରୁରି । ପ୍ଲାଷ୍ଟିକ୍ ବୋତଲକୁ ଦୀର୍ଘ ସମୟ ପାଇଁ ଖରା ତଥା ଗରମ କାର୍‌ରେ ନ ରଖିବା ଦରକାର । ବୋତଲର ରଙ୍ଗ ବଦଳିଥିଲେ କିମ୍ବା ଏହା ବହୁତ ପୁରୁଣା ହୋଇଥିଲେ ଏହାକୁ ପୁର୍ନବ୍ୟବହାର କରିବା ଅନୁଚିତ । ପାଣି ପିଇବା ଲାଗି ଷ୍ଟେନ୍‌ଲେସ୍ ଷ୍ଟିଲ୍ ତଥା କାଚ ବୋତଲ ବ୍ୟବହାର କରିବା ଭଲ । ଡା. ରୋହିତଙ୍କ ମତରେ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ୍ ସହ ଜଡ଼ିତ ରସାୟନ ଉପରେ ଗବେଷଣା ଏବେ ବାକି ଥିଲେ ବି ସତର୍କତା ଅବଲମ୍ବନ କରିବା ଜରୁରି । ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବାକୁ ବାଧ ହେଉଥିଲେ ଏହାକୁ ଥରେ ଦୁଇଥରରୁ ଅଧିକ ବ୍ୟବହାର କରିବା ଅନୁଚିତ ।

# ଓଡ଼ିଆ ସାମ୍ବାଦିକତା ଦିବସ



ପ୍ରତିବର୍ଷ ଅଗଷ୍ଟ ୪ ତାରିଖକୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଉଛି । ୧୮୬୬ ମସିହା ଅଗଷ୍ଟ ୪ ତାରିଖ ଦିନ ଓଡ଼ିଶାର ପ୍ରଥମ ଓଡ଼ିଆ ଖବର କାଗଜ ଭାବେ 'ଉତ୍କଳ ଦୀପିକା' ଆତ୍ମପ୍ରକାଶ କରିଥିଲା । ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ । ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା । ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନିରୁ ଏହି ଖବର କାଗଜ ପ୍ରକାଶ ପାଉଥିଲା । 'ଉତ୍କଳ ଦୀପିକା' ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବାଲ୍ୟବିବାହ ପରି ଘୃଣ୍ୟ ପ୍ରଥା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରି ସାମାଜିକ ସଂସ୍କାର ପାଇଁ ଏହି ଖବରକାଗଜ ଉଦ୍ୟମ କରିଥିଲା । 'ଉତ୍କଳ ଦୀପିକା'ର ସଫଳତା ଓଡ଼ିଶାରେ ଖବରକାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା । ଓଡ଼ିଆ ଭାଷାକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଶାର ପ୍ରତିଟି ସୁଖ ଦୁଃଖକୁ ଲୋକଙ୍କ ନିକଟରେ ପହଞ୍ଚାଇବା କାମ କରିଥିଲା 'ଉତ୍କଳ ଦୀପିକା' । ସେ ନ'ଅଙ୍କ ଦୁର୍ଭିକ୍ଷ ହେଉ କି ଓଡ଼ିଆ ଭାଷା ଆନ୍ଦୋଳନ, ପ୍ରତିଟି ଖବରକୁ ନିରପେକ୍ଷ ଭାବେ ପ୍ରଚାର ପ୍ରସାର କରିବା ଥିଲା 'ଉତ୍କଳ ଦୀପିକା'ର ମୁଖ୍ୟ ଲକ୍ଷ୍ୟ । ସମ୍ବାଦପତ୍ର ଜଗତରେ ଏକ ନୂଆ ଆହ୍ୱାନ ଥିଲା 'ଉତ୍କଳ ଦୀପିକା' । ପ୍ରକାଶନ ଆରମ୍ଭ ଦିନ ଠାରୁ ୧୯୧୭ ମସିହା ଯାଏଁ ଏହାର ସମ୍ପାଦକ ଦାୟିତ୍ୱରେ ଥିଲେ ଗୌରୀଶଙ୍କର ରାୟ । ତାଙ୍କ ଅନ୍ତେ ନୀଳମଣି ବିଦ୍ୟାରତ୍ନ ଏହି ଦାୟିତ୍ୱକୁ ଅତି ନିଷ୍ଠାର ସହ ତୁଲାଇଥିଲେ । ବିଭିନ୍ନ ସାମାଜିକ ପ୍ରସଙ୍ଗ ଉପରେ ଜନମତ ସୃଷ୍ଟି କରିବାରେ 'ଉତ୍କଳ ଦୀପିକା'ର ଥିଲା ପ୍ରଧାନ ଭୂମିକା । 'ଉତ୍କଳ ଦୀପିକା' ମାଧ୍ୟମରେ ହିଁ ଅନେକ ସମସ୍ୟାର ସମାଧାନ ହୋଇପାରିଛି । ଗଣମାଧ୍ୟମ କିଭଳି ଭାବେ ଦାୟିତ୍ୱ ନେଇ ସମାଜକୁ ସୁଧାରିପାରେ ତାହା 'ଉତ୍କଳ ଦୀପିକା' ହିଁ ପ୍ରଥମେ ଶିଖାଇଥିଲା । ସାଧାରଣ ଲୋକଙ୍କ ସମସ୍ୟାକୁ ସବୁବେଳେ ଗୁରୁତ୍ୱ ଦେଉଥିବା ଏହି ସମ୍ବାଦପତ୍ର ପ୍ରଭାବୀ ସମ୍ପାଦକୀୟ ଓ ପାଠକୀୟ ସହଭାଗିତା ଦ୍ୱାରା ସାମ୍ବାଦିକତାରେ ଅନେକ ନୂତନ ଧାରାକୁ ଜନ୍ମ ଦେଇଥିଲା । ୧୯୩୬ ମସିହାରେ ଏହାର ପ୍ରକାଶନ ବନ୍ଦ ହୋଇଗଲା, କିନ୍ତୁ ଓଡ଼ିଆ ସାମ୍ବାଦିକତାର ଇତିହାସ ଏହା ବିନା ଅସମ୍ପୂର୍ଣ୍ଣ । ଓଡ଼ିଶାରେ ଆଜି ଛୋଟ ବଡ଼ କରି ପ୍ରାୟ ତିନି ଶହରୁ ଅଧିକ ଖବରକାଗଜ ଅଛି । ସେଥିରୁ କେତେକ ସାପ୍ତାହିକ, କେତେକ ପାକ୍ଷିକ ଓ ଆଉ କେତେକ ଦୈନିକ । ଓଡ଼ିଆ ସାମ୍ବାଦିକତା ଦିବସ ହେଉଛି ଓଡ଼ିଆ ଭାଷା ଓ ସାମ୍ବାଦିକତାର ଗୌରବକୁ ସ୍ମରଣ କରିବାର ଦିନ ।



# 'ମହାବତାର' ଭିକି ବଢ଼ାଇବେ ୨୫ କେଜି ଓଜନ



ବଲିଉଡ୍ ଅଭିନେତା ଭିକି କୌଶଳ 'ଛାବା' ଚଳଚ୍ଚିତ୍ରରେ ଛତ୍ରପତି ଶମ୍ଭାଜି ମହାରାଜଙ୍କ ଭୂମିକା ପାଇଁ ତାଙ୍କର ଜବରଦସ୍ତ ବଡି ଟ୍ରାନ୍ସଫର୍ମେସନ୍ ଦ୍ୱାରା ସମସ୍ତଙ୍କୁ ଚକିତ କରିଦେଇଥିଲେ । ଭିକି ତାଙ୍କର ଆଗାମୀ ଚଳଚ୍ଚିତ୍ର 'ମହାବତାର'ରେ ଭଗବାନ ପର୍ଶୁରାମଙ୍କ ଭୂମିକା ପାଇଁ ମଧ୍ୟ ନିଜକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଯାଉଛନ୍ତି । ଏଥିପାଇଁ ଆସନ୍ତା ସେପ୍ଟେମ୍ବରରୁ ସେ ପ୍ରସ୍ତୁତି ଆରମ୍ଭ କରିଦେବେ । ଫିଲ୍ମର ସୁଟିଂ ଡିସେମ୍ବରରେ ଆରମ୍ଭ ହେବାର ରହିଛି, ତେଣୁ ତାଙ୍କ ପାଖରେ ନିଜକୁ ପ୍ରସ୍ତୁତ କରିବା ଲାଗି ପାଖାପାଖି ତିନି ମାସର ସମୟ ରହିବ । ପୌରାଣିକ କଥା ଅନୁଯାୟୀ, ଭଗବାନ ପର୍ଶୁରାମଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ବିଶାଳ, ଶକ୍ତିଶାଳୀ ଓ ପରାକ୍ରମୀ ଥିଲା । ପରଦାରେ ଏହି ରୂପକୁ ଜୀବନ୍ତ କରିବା ପାଇଁ ଏବଂ ଏକ ଭାରୀ କୁରାଢ଼ିକୁ ସହଜରେ ଚଳାଇବା ପାଇଁ ଭିକିଙ୍କୁ ବଳିଷ୍ଠ ଶରୀର ତିଆରି କରିବାକୁ ପଡ଼ିବ । ଏହି ଚ୍ୟାଲେଞ୍ଜିଂ ବଡ଼ି ଟ୍ରାନ୍ସଫର୍ମେସନ ପାଇଁ ଭିକି ପୁଣିଥରେ ତାଙ୍କର ଫିଟନେସ୍ କୋଚ୍ ତେଜସ୍ ଲାଲୱାନୀଙ୍କ ସହ କାମ କରୁଛନ୍ତି । ତେଜସ୍ 'ଛାବା' ଫିଲ୍ମ ପାଇଁ ମଧ୍ୟ ଭିକିଙ୍କୁ ତାଲିମ ଦେଇଥିଲେ । ଓଜନ ବଢ଼ାଇବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ସେ ନ୍ୟୁଟ୍ରିସନିଷ୍ଟ ଅଲକେଶ ଶାରୋତ୍ରୀଙ୍କ ସାହାଯ୍ୟ ନେଇଛନ୍ତି । ସେ ଭିକିଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ୟାଲୋରୀ-ସରପ୍ଲସ୍ ଡାଏଟ୍ ଚାର୍ଟ ପ୍ରସ୍ତୁତ କରିଛନ୍ତି । ଓଜନ ବଢ଼ିବା ପରେ ମଧ୍ୟ ସେ ଶାରୀରିକ ସ୍ତରରେ ଯେମିତି ସଂପୂର୍ଣ୍ଣ ସକ୍ରିୟ ରହିବେ ସେଥିପାଇଁ ବିଶେଷ କାର୍ଡିଓ ଏବଂ ମାର୍ଶାଲ ଆର୍ଟ୍ସ ତାଲିମ ମଧ୍ୟ ନେବେ । ଏହି ପୌରାଣିକ ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଅମର କୌଶିକ ଏବଂ ଏହାର ପ୍ରଯୋଜନା କରୁଛନ୍ତି ଦିନେଶ ବିଜାନ । ଏହି ଚଳଚ୍ଚିତ୍ରର ସୁଟିଂ ଆସନ୍ତା ଡିସେମ୍ବରରୁ ଆରମ୍ଭ ହେବ ।




# ଗୃହପାଳିତ ପ୍ରାଣୀଙ୍କ ଯତ୍ନ

**ଅଧିକାଂଶ ଲୋକ କୃଷିକାର୍ଯ୍ୟ ସହିତ ଗାଈ, କୁକୁଡ଼ା ଓ ଛେଳିପାଳନ କରି ଜୀବିକା ନିର୍ବାହ କରିଥାନ୍ତି । ତେବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଷୀଭାଇ ଗୃହପାଳିତ ପ୍ରାଣୀଙ୍କ ବିଶେଷ ଯତ୍ନ ନେବା ଆବଶ୍ୟକ ।**



ଏହି ସମୟରେ ପ୍ରାଣୀମାନେ ପଚା ଘାସ ଖାଇବା ସହ ଦୂଷିତ ପାଣି ପିଇ ଝାଡ଼ା, ଜ୍ୱର, ବିଷକ୍ରିୟା ଆଦି ରୋଗର ସମସ୍ୟାର ସମ୍ମୁଖୀନ ହୁଅନ୍ତି । ତେଣୁ ଗାଈଗୋରୁଙ୍କ ଝାଡ଼ା ରୋକିବାକୁ 'ସଲ୍‌ଫା ବଟିକା', 'ଟେଟ୍ରାସାଇକ୍ଲିନ୍' ଓ ଜ୍ୱର ଲାଗି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରିବା ଆବଶ୍ୟକ । ମଶା, ଡାଆଁଶ ପ୍ରାଣୀଙ୍କ ଶରୀରରୁ ରକ୍ତ ଶୋଷିବା ସହ ଜୀବାଣୁ ଓ ଭୂତାଣୁ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାନ୍ତି । ଏଥିପ୍ରତି ସତର୍କ ରହିବା ଆବଶ୍ୟକ । ଦୁର୍ଭାଗ୍ୟବଶତଃ କୌଣସି ପ୍ରାଣୀର ମୃତ୍ୟୁ ହେଲେ, ଛଅଫୁଟରୁ ଅଧିକ ଗର୍ତ୍ତ ଖୋଳି ବ୍ଲିଚିଂ ପାଉଡର ଓ ଚୂନ ଦେଇ ମରଶରୀରକୁ ପୋତିବା ଉଚିତ ।


କୁକୁଡ଼ା ଫାର୍ମକୁ ବନ୍ୟାଜଳ ପ୍ରବେଶ କରି କୁକୁଡ଼ାଙ୍କ ଶ୍ୱାସଜନିତ ସମସ୍ୟା ଓ ବିଷାକ୍ତ କବକ ଦ୍ୱାରା ମୃତ୍ୟୁର କାରଣ ହୋଇଥାଆନ୍ତି । ତେଣୁ କୁକୁଡ଼ାଙ୍କ ଲାଗି ଗମୁରା ଖାଦ୍ୟ ବ୍ୟବହାର କରିବା ଅନୁଚିତ । କୁକୁଡ଼ାଙ୍କର ଶଯ୍ୟାଗୁଣ୍ଡ ଶୁଖିଲା ରଖନ୍ତୁ । ପ୍ରାଣୀଙ୍କ ଖାଦ୍ୟ, ନଡ଼ା, ଚୋକଡ଼କୁ ଓଦା ନ କରି ସୁରକ୍ଷିତ ରଖିବା ଆବଶ୍ୟକ । ବର୍ଷାରେ ଭିଜିଥିବା ଘାସକୁ ବିଶୁଦ୍ଧ ପାଣିରେ ଧୋଇ ପରେ ଏକ ବାଲ୍‌ଟି ପାଣିରେ ଗୋଟିଏ ହାଲୋଜିନ୍ ବଟିକା ମିଶାଇ ଘାସ ଧୋଇ ଖାଇବାକୁ ଦେବା ଆବଶ୍ୟକ ।

ପ୍ରାଣୀଙ୍କୁ ସାହାଣ, ବଜବଜିଆ ଏବଂ ଫାଟୁଆ ରୋଗ ବ୍ୟାପିବା ସମ୍ଭାବନା ଥିବାରୁ ପ୍ରତିଷେଧକ ଭାବେ ଟିକା ଦେବା ବ୍ୟବସ୍ଥା କରନ୍ତୁ । ପ୍ରାଣୀଙ୍କୁ କାଦୁଅ ସ୍ଥାନରେ ଚରିବାକୁ ଛାଡ଼ିବା ଅନୁଚିତ । କାଦୁଅରେ ଚାଲି ପାଦରେ ଘାଆ ହେଲେ ଖୁରାକୁ ପଟାଶପାଣି କିମ୍ବା ଖାଇବା ସୋଡ଼ା ପାଣିରେ ଧୋଇ ପାରିବେ ।

# ଏ ମାସର ଚାଷ

**ଭାରତୀୟ କୃଷି କାର୍ଯ୍ୟ ପାଇଁ ଅଗଷ୍ଟ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମାସରେ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଓ ଫୁଲ ଗଛ ବଢ଼ିଥାଏ ।**

- ଧାନ ରୋଇବା ବାକିଥିଲେ ଶୀଘ୍ର ରୋଇବା ଆବଶ୍ୟକ । ଧାନ ରୋଇବାର ୨ରୁ ୩ ସପ୍ତାହ ହୋଇଥିଲେ ଘାସ ବାଛି ପିଲସାର ପ୍ରୟୋଗ କରାଯାଏ ।
- ଶ୍ରୀ ପଦ୍ଧତିରେ ଧାନ ରୋଇଥିଲେ, ରୋଇବାର ୧୦ରୁ ୧୨ ଦିନ ମଧ୍ୟରେ ଉଇଡର ଚଳାଇ ଘାସ ବାଛି ଦେବା ଜରୁରି ।
- ମକା ଫସଲ ୬ରୁ ୭ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରାଯାଏ ।



- ଡାଲିଜାତୀୟ ଫସଲରେ ପତ୍ରକଟା ପୋକର ନିରାକରଣ ପାଇଁ ଏକରପ୍ରତି ୪୦୦ ମି.ଲି. ପ୍ରୋଫେନୋଫସ୍ ୫୦%ଇ. ସି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।
- ସମସ୍ତ ଫସଲକୁ ସର୍ବେକ୍ଷଣ କରି ଉପଯୁକ୍ତ ଶସ୍ୟ ସଂରକ୍ଷଣ ଓ ଜଳ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଏ । ସେହିପରି ଅଳସୀ ବୁଣିବା କାମ ଶେଷ କରିବା ଆବଶ୍ୟକ ।

# ରାଇପେନିଂ ଚ୍ୟାମ୍ବରରୁ ଲାଭ




ଅଧିକାଂଶ ଚାଷୀ ଆଧୁନିକ କୌଶଳରେ ଚାଷ କରି ଲାଭବାନ ହୋଇପାରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବିହାର, ଔରଙ୍ଗାବାଦ ଜିଲ୍ଲାର ଗୁଲ ସନୋବର । ସେ ସ୍ୱତନ୍ତ୍ର ରାଇପେନିଂ କୋଠରିରେ କଦଳୀ ପଚାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ରାଇପେନିଂ ଚ୍ୟାମ୍ବରରେ କଦଳୀ ପଚାଇବାକୁ ସେ ୭୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଏହି ନିବେଶ ରାଇପେନିଂ ଚ୍ୟାମ୍ବର, କୋଲ୍ଡ ଷ୍ଟୋରେଜ ପରି ଆଧୁନିକ ସୁବିଧା ଏବଂ ଅନ୍ୟାନ୍ୟ ମେସିନ୍ ଉପରେ ଖର୍ଚ୍ଚ କରାଯାଇଥିଲା । ରାଇପେନିଂ ଚ୍ୟାମ୍ବର ଏକ ସ୍ୱତନ୍ତ୍ର ନିୟନ୍ତ୍ରିତ କୋଠରି । ମୁଖ୍ୟତଃ ଫଳ, କଦଳୀକୁ ପ୍ରାକୃତିକ ପ୍ରକ୍ରିୟାରେ ନିୟନ୍ତ୍ରିତ ବାତାବରଣରେ ପଚାଇବାକୁ ଏହାକୁ ବ୍ୟବହାର କରାଯାଏ । ରାଇପେନିଂ ଚ୍ୟାମ୍ବର ୟୁନିଟ୍‌ରୁ ଦୈନିକ ୩ଟନ୍ କଦଳୀ ପଚାଯାଇଥାଏ । ଏଥିଯୋଗୁଁ କଦଳୀର ରଙ୍ଗ, ସ୍ୱାଦ ଏବଂ ଗୁଣବତ୍ତା ଭଲ ରୁହେ । କଦଳୀ ସତେଜ ରହୁଥିବାରୁ ବଜାରରେ ଦରଦାମ ଭଲ ମିଳିଥାଏ ବୋଲି ଗୁଲ ସନୋବର କୁହନ୍ତି । ରାଇପେନିଂ ଚ୍ୟାମ୍ବର ପରିଚାଳନା କରିବାକୁ ସେ ସାତ ଜଣ ଲୋକଙ୍କୁ ରୋଜଗାର ଦେବା ସହ ନିଜେ ମଧ୍ୟ ଏଥିରୁ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଫସଲ କ୍ଷେତ, ଫଳ ବଗିଚା, ତଳିଆ ଜମିରୁ ଅତିରିକ୍ତ ବର୍ଷାଜଳ ନିଷ୍କାସନ କରନ୍ତୁ ।
- ବର୍ଷା ଓ ପବନର ପୂର୍ବାନୁମାନ ଥିବାରୁ ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ଖୁଣ୍ଟ ସାହାଯ୍ୟରେ ଡେରା ଦିଅନ୍ତୁ ।
- ପନିପରିବା ଫସଲରେ ଝାଉଁଳା ଓ ମୂଳ ପଚା ରୋଗର ଲକ୍ଷଣ ଦେଖାଦେଲେ ଶୁଖିଲା ପାଗ ଦେଖି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସିଲ୍ ୮%+ ମାଙ୍କୋଜେବ ୬୪% ଡବ୍ଲ୍ୟୁପି ମିଶାଇ ଗଛର ମୂଳ ଚାରିପାଖେ ଡ୍ରେଞ୍ଚିଂ କରନ୍ତୁ ।
- ଆଖୁ ଫସଲରେ ନାଲିସଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ ୧୨%+ମାଙ୍କୋଜେବ ୬୩%ଡବ୍ଲ୍ୟୁପି @ ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ରାଶି ଚାଷ ପାଇଁ ଅଧିକ ଅମଳକ୍ଷମ କିସମ ଯେପରି ପ୍ରାଚୀ, କଳିକା, କନକ ଇତ୍ୟାଦି ଚୟନ କରନ୍ତୁ ।

# ବନ୍ୟା ପ୍ରଭାବିତ ଫସଲର ପରିଚାଳନା

**ରାଜ୍ୟର ଅଧିକାଂଶ ଜିଲ୍ଲାରେ ଏବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ତେଣୁ ବନ୍ୟା ଓ ବନ୍ୟା ପରବର୍ତ୍ତୀ ଅବସ୍ଥାକୁ ଦୃଷ୍ଟିରେ ରଖି ଚାଷୀଭାଇ ଫସଲର ପରିଚାଳନା କରିପାରିବେ ।**



ପାଣି ଛାଡ଼ିଯିବା ପରେ ତଳିଘରାରୁ ପାଣି ନିଷ୍କାସନ କରିବା ଆବଶ୍ୟକ । ବୁଣାଧାନ ଜମିରେ ୫୦%ରୁ ଅଧିକ ଗଛ ନଷ୍ଟ ହୋଇଥିଲେ, ଜଳନିଷ୍କାସନ କରି ଅପେକ୍ଷାକୃତ କମ୍ ଅବଧିର କିସମକୁ ଗାଲି ଗଜା କରି ୮ ଧାଡ଼ିଆ ଡ୍ରମ୍ ସିଡର ସାହାଯ୍ୟରେ ୨୦ ସେମି. ବ୍ୟବଧାନରେ ବୁଣିବା ଉଚିତ । ରୁଆ ହୋଇଥିବା ଜମିରେ ବନ୍ୟା ଦ୍ୱାରା ବ୍ୟାପକ ଧାନଫସଲ କ୍ଷତିଗ୍ରସ୍ତ ହୋଇ ଆବଶ୍ୟକୀୟ ଗଛ ସଂଖ୍ୟା ନଥିଲେ, ପାଣି କମିଗଲା ପରେ ଜମିର ଅନ୍ୟ ଭାଗରେ ଥିବା ଧାନଗଛ ବୁଦାକୁ ଭାଗକରି ଆଣି ଶୂନ୍ୟସ୍ଥାନ ପୂରଣ କରନ୍ତୁ ଏବଂ ୨୫% ଅତିରିକ୍ତ ପଟାସ୍ ସାର ପ୍ରୟୋଗ କରିବା ଉଚିତ । ବନ୍ୟା ଜଳ ନିଷ୍କାସନ ପରେ ୩୫-୪୦ ଦିନିଆ ବୟସ୍କ ତଳିକୁ କମ୍ ଦୂରତାରେ (୧୫ X୧୦ ସେ.ମି.) ବୁଦା ପ୍ରତି ଅଧିକ ତଳି (୪ରୁ ୫ଟି) ରୁଅନ୍ତୁ । ମୂଳସାର ହିସାବରେ ୫୦% ଯବକ୍ଷାରଜାନ, ସମସ୍ତ ଫସ୍‌ଫରସ୍ ଓ ୫୦% ପଟାସ ସାର ପ୍ରୟୋଗ କରିବା ଉଚିତ । ରୋଇବା ପୂର୍ବରୁ ତଳି ଉପରେ ପଟୁମାଟି ମାଡ଼ି ଯାଇଥିଲେ ଭଲଭାବରେ ପାଣି ସିଞ୍ଚନ କରି ଧୁଆଯାଏ ।

ବନ୍ୟା ଜଳ ନିଷ୍କାସିତ ହେବା ପରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ ଜରୁରି । ବନ୍ୟା ପରେ ରୁଆ ବା ବୁଣା ଜମିରେ ପାଣି ଜମି ଲୌହ ବିଷାକ୍ତ ପରିସ୍ଥିତି ସୃଷ୍ଟି ହୋଇ ଗଛ ପିଲ ମାରେ ନାହିଁ ଓ ଚେର ନଷ୍ଟ ହୁଏ । ତେଣୁ ଜମିରୁ ଜଳ ନିଷ୍କାସନ କରିବା ଉଚିତ । ନଦୀ ଓ କେନାଲ ନିକଟବର୍ତ୍ତୀ ତଳିଘରା ଓ ମୁଖ୍ୟ ଧାନ ଫସଲରେ ରୋଗପୋକ ଚିହ୍ନଟ କରି କୃଷିବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ସିଞ୍ଚନ କରିବା ଆବଶ୍ୟକ ।

ମୁଗ, ବିରି ଆଦି ଫସଲରେ ସରକୋସ୍ପୋରା ପତ୍ରଚିତା ରୋଗ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍+ମାଙ୍କୋଜେବ୍) ଓ ଡାଇଫେନୋକୋନାଜଲ୍ କବକ ନାଶକ ମିଶାଇ ୮ ରୁ ୧୦ ଦିନ ଅନ୍ତରରେ ଅଦଳବଦଳ କରି ଦୁଇଥର ସିଞ୍ଚନ କରିପାରିବେ । ମୂଳସଢ଼ା ରୋଗ ଲାଗୁଥିଲେ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଞ୍ଚନ କରାଯାଏ ।

ପନିପରିବା ତଳିଘରାର ତଳି ସଢ଼ିଗଲେ ଏହାକୁ ଉପାଡ଼ିବା ଆବଶ୍ୟକ । ଭେଣ୍ଡି ଫସଲରେ ସରକୋସ୍ପୋରା ପତ୍ର ଦାଗ ରୋଗ ଓ କଲରା ଫସଲରେ ପତ୍ର ପୋଡ଼ାରୋଗକୁ ନିୟନ୍ତ୍ରଣ କରିବାକୁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍) ମିଶାଇ ପ୍ରୟୋଗ କରିପାରିବେ ।







ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଯାପନୀ ଝଲକ୍

# ଅହମଦାବାଦ୍‌ରେ ଅଧିକ ଇଭେଣ୍ଟ

ଗ୍ଲାସ୍‌ଗୋ,୩।୮ (ଏଜେନ୍ସି)

ସ୍କଟଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ସଫଳତାର ସହ ଆୟୋଜିତ ହୋଇଯାଇଛି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଉ ଏକ ସଂସ୍କରଣ। ଅର୍ଥାଭାବ ଯୋଗୁ ଏହି ପ୍ରତିଯୋଗିତା ଅଷ୍ଟ୍ରେଲିଆର ଭିକ୍ଟୋରିଆରୁ ଗ୍ଲାସ୍‌ଗୋକୁ ସ୍ଥାନାନ୍ତରିତ ହେବା ଫଳରେ ୧୦ଟି କ୍ରୀଡ଼ାର ଆୟୋଜନ କରାଯାଇଥିଲା। ଯାହା ଫଳରେ ଅନ୍ୟ ବିଭାଗରେ ଅନେକ କ୍ରୀଡ଼ାବିତ୍ ନିରାଶ ହୋଇଥିଲେ। ବିଶେଷ କରି ଭାରତୀୟ କ୍ରୀଡ଼ାର ସଫଳ ବିନ୍ଧାଣି ସୁଟର, ବ୍ୟାଡମିଣ୍ଟନ ଓ କୁସ୍ତିଯୋଦ୍ଧାମାନଙ୍କୁ ଅଧିକ ନିରାଶ ହେବାକୁ ପଡ଼ିଥିଲା। ୧୦ଟି ଇଭେଣ୍ଟରେ ୧୨୨ ଜଣ ପ୍ରତିଯୋଗୀ ୩୯ଟି ମେଡାଲ ଜିତିଥିଲେ। ଗତ ୨୪ ବର୍ଷ ମଧ୍ୟରେ ଏହା ଭାରତ ଜିତିଥିବା ପଦକ ତୁଳନାରେ ସବୁଠାରୁ କମ୍। କିନ୍ତୁ ଶତକଡ଼ା ଦୃଷ୍ଟିରୁ ଏହା ସବୁଠାରୁ ଅଧିକ। ଏହି କ୍ରୀଡ଼ାରେ ୨୧୫ଟି ମେଡାଲ ଇଭେଟ ଆୟୋଜିତ ହୋଇଥିଲା। ପରବର୍ତ୍ତୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତରେ ୨୦୩୦ରେ ଆୟୋଜିତ ହେବ। ଏହା ଗୁଜରାଟର ରାଜଧାନୀ ଅହମ୍ମଦାବାଦରେ ହେବ ବୋଲି ସ୍ଥିର ହୋଇଛି। ଏଣୁ ଏଠାରେ ଅତି କମ୍‌ରେ ୧୭ଟି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଯୋଗିତା ଖେଳାଯିବ ବୋଲି ଆୟୋଜକ କମିଟି ସ୍ପଷ୍ଟ କରିଛି। ପୂର୍ବରୁ ୨୦୧୦ରେ ଭାରତ ନୂଆଦିଲ୍ଲୀରେ ପ୍ରଥମଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ କରିଥିଲା। ଏଥିରେ ଭାରତ ପଦକ ତାଲିକାରେ ସେଞ୍ଚୁରୀ କରିବା ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ଭାରତ ଏହି ସଫଳତା ଦୋହରାଇବାକୁ ନିଶ୍ଚିତ ଚେଷ୍ଟା କରିବ ବୋଲି ନିଦ୍ୱନ୍ଦ୍ୱରେ ଆଶା କରାଯାଇପାରେ।

## ସ୍ମରଣୀୟ ଗ୍ଲାସ୍‌ଗୋ

ଅନିଶ୍ଚିୟତା ମଧ୍ୟରେ ଆରମ୍ଭ ହୋଇଥିବା ଏହି କ୍ରୀଡ଼ାରେ ଭାରତ ଭଲ କରିବ ନାହିଁ ବୋଲି ପଣ୍ଡିତମାନେ ମତପୋଷଣ କରିଥିଲେ। ଏହାର କାରଣ ହେଲା ଭାରତ ପଦକ ଜିତୁଥିବା ଖେଳ ସୁଟିଂ ଓ ବ୍ୟାଡମିଣ୍ଟନକୁ ଏଥର ସାମିଲ କରାଯାଇ ନ ଥିଲା। ଫଳରେ ପଦକ ସଂଖ୍ୟା କମିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଏହାତ ସ୍ୱାଭାବିକ କଥା। କାରଣ ପୂର୍ବ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତରୁ ୨୧୦ ଜଣ ଭାଗନେଇଥିଲାବେଳେ ୬୧ଟି ପଦକ ଜିତିଥିଲେ। ଏଥର ସଂଖ୍ୟା ଥିଲା ୧୨୨ ଓ ଏମାନେ ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୩୯ଟି ପଦକ ଜିତିଛନ୍ତି। ଏଣୁ ଶତକଡ଼ା ଦୃଷ୍ଟିରୁ ଦେଖିଲେ ଏଥର ୩୧ ଶତକଡ଼ା ପ୍ରତିଯୋଗୀ ମେଡାଲ ଜିତଛନ୍ତି। ବର୍ମିଂହାମରେ ୨୯ ଶତକଡ଼ା ଥିଲା। ଏଣୁ ଏଥର ନିଶ୍ଚିତଭାବେ ଭଲ ପ୍ରଦର୍ଶନ ହୋଇଛି ବୋଲି କହିବାକୁ ହେବ।

ଏଥର ପ୍ରତିଯୋଗୀ ସଂଖ୍ୟା କମିଥିଲେ ମଧ୍ୟ ପଦକ ସଂଖ୍ୟା ଓ ପ୍ରଥମଥର ସଫଳତା ବେଶ ଉଚ୍ଚକୋଟୀର ହୋଇଛି।




ଭାରୋତ୍ତୋଳନରେ ମୀରାବାଇ ଚାନୁ ସ୍ୱର୍ଣ୍ଣ ଜିତିଥିଲେ। ସେ ପ୍ରଥମ ଭାରତୀୟ ଭାବେ କ୍ରମାଗତ ୩ଟି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହିଠାରୁ ଆରମ୍ଭ ହୋଇଥିବା ଭାରତର ପ୍ରଥମ ସଫଳତାର ତାଲିକା। ଏହା ପରେ ପାରା ଆଥଲେଟ ଚମକ ଦେଖାଇଥିଲେ। ୩ଟି ଇଭେଣ୍ଟରେ ସ୍ୱର୍ଣ୍ଣ ସହ ୨ଟି ଲେଖାଏଁ ପଦକ ଜିତି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଦେଇଥିଲେ। ଏହାର ଅର୍ଥ ଗତ ୨୦ ବର୍ଷରେ କୌଣସି ପାରା ଆଥ୍‌ଲେଟ ପଦକ ଜିତି ନ ଥିଲାବେଳେ ଏଥର ୩ଟି ସ୍ୱର୍ଣ୍ଣ ସହ ୬ଟି ପଦକ ଜିତିବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ରହିଥିଲା।

ଆଥଲେଟିକ୍ସରେ କିଛିଟା ନିରାଶ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତ ସର୍ବାଧିକ ୧୦ଟି ପଦକ ଜିତିବାରେ ସଫଳ ହୋଇଥିଲା। ଏହା ମଧ୍ୟରୁ ୫ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଥିଲା। ପୁରୁଷ ଜାଭେଲିନ୍‌ରେ ନୀରଜ ଚୋପ୍ରା ଓ ଯଶବୀର ସିଂ, ପୁରୁଷ ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିବା ପ୍ରଥମଥର ଦେଖିବାକୁ ମିଳିଥିଲା। ସେହିପରି ଡେକାଥଲନରେ ତେଜସ୍ୱୀ ଶଙ୍କର କାଂସ୍ୟ ଜିତିଥିଲେ। ଗତ ସଂସ୍କରଣରେ ସେ ପୁରୁଷ ହାଇଜମ୍ପରେ ମଧ୍ୟ କାଂସ୍ୟ ପଦକ ଜିତିଥିଲେ। ଏହା ଫଳରେ ଆଧୁନିକ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କେବଳ ଭାରତୀୟ ନୁହଁନ୍ତି ସମସ୍ତ ଅଂଶଗ୍ରହଣକାରୀ ଦେଶ ମଧ୍ୟରେ ପ୍ରଥମ ଖେଳାଳି ଭାବେ ଦୁଇଟି ଇଭେଣ୍ଟରେ ପଦକ ଜିତିବାରେ ସଫଳ ହୋଇଥିଲେ। ସେହିପରି ପୁରୁଷ ୫,୦୦୦ ଓ ୧୦,୦୦୦ ମିଟର ଦୌଡ଼ରେ ଭାରତର ପ୍ରଥମ ଖେଳାଳି ଭାବେ ଗୁଲବୀର ସିଂ ପଦକ ଜିତି ରେକର୍ଡ କରିଥିଲେ।

ମୁଷ୍ଟିଯୋଦ୍ଧା ଓ ଜୁଡୋକା ମାନେ ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଥିଲେ। ଅସ୍ମିତା ଦେ ପ୍ରଥମ ଭାରତୀୟ ଭାବେ ଜୁଡୋରେ ପଦକ ତାହା ପୁଣି ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମୁଷ୍ଟିଯୋଦ୍ଧାମାନେ ୧୪ଟି କାଟେଗୋରୀ ମଧ୍ୟରୁ ୧୦ଟିରେ ଫାଇନାଲ ଖେଳିବା ଓ ଏହା ମଧ୍ୟରୁ ୭ଟି ସ୍ୱର୍ଣ୍ଣ ପଦକ ଜିତି ଭାରତର ପ୍ରଦର୍ଶନକୁ ସ୍ମରଣୀୟ କରିବାରେ ସଫଳ ହୋଇଥିଲେ।

# ଶୁଭଦୀପ ଟିମ୍ ଇଣ୍ଡିଆ ଫିଲ୍‌ଡିଂ କୋଚ୍



ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଶୁଭଦୀପ ଘୋଷ ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଥିବା ଟି. ଦିଲୀପଙ୍କ ସ୍ଥାନରେ ଶୁଭଦୀପଙ୍କୁ ବିସିସିଆଇ ଏହି ନିଯୁକ୍ତି ଦେଇଛି। ୫୭ ବର୍ଷ ବୟସ୍କ ଶୁଭଦୀପ ଘରୋଇ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାରୁ ଭାରତୀୟ ଦଳ ସହ କାମ ଆରମ୍ଭ କରିବେ। ଆସାମ ଓ ପରେ ରେଲ୍‌ୱେ ଦଳ ପାଇଁ ଜଣେ ବ୍ୟାଟ୍‌ସମ୍ୟାନ ଭାବେ ଶୁଭଦୀପ ପ୍ରଥମଶ୍ରେଣୀ କ୍ରିକେଟ୍ ଖେଳିଥିଲେ। ଶୁଭଦୀପ ପୂର୍ବରୁ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ମହିଳା କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ଭାବେ କାମ କରିଛନ୍ତି। ତାଙ୍କ ସମୟରେ ଭାରତୀୟ ମହିଳା ଦଳ ୨୦୨୨ ଦିନିକିଆ ବିଶ୍ୱକପ୍ ଓ ୨୦୨୩ ଟି-୨୦ ବିଶ୍ୱକପ୍ ଖେଳିଥିଲା। ସେ ମଧ୍ୟ ଭାରତ 'ଏ' ଓ ଆସାମ କ୍ରିକେଟ୍ ଦଳ ପାଇଁ କାମ କରିଛନ୍ତି। ଶୁଭଦୀପ ଆସାମ ଓ ରେଲ୍‌ୱେ ପାଇଁ ୨୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ଟି. ଦିଲୀପ ୨୦୨୧ରୁ ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍‌ଡିଂ ପ୍ରଶିକ୍ଷକ ଥିଲେ। ପରେ ୨୦୨୫ରେ ତାଙ୍କୁ ଏକ ବର୍ଷ ଲାଗି ପୁନଃ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କ ସମୟରେ ଭାରତୀୟ ଦଳର ଫିଲ୍‌ଡିଂ ନିମ୍ନମାନର ହେବାରୁ ବିସିସିଆଇ ତାଙ୍କ ଚୁକ୍ତି ବଢ଼ାଇନଥିଲା। ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଥିବା ନେଦରଲ୍ୟାଣ୍ଡସର ରିୟାନ ଟେନ୍ ଡୋସ୍କାଟେ ଇସ୍ତଫା ଦେଇ କଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଛନ୍ତି।

# ଦିଲ୍ଲୀ କ୍ୟାପିଟାଲ୍‌ସର ଟ୍ରାଏଲ୍‌ସରେ ମୁମ୍ବଇର ୪ କ୍ରିକେଟର

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ୨୦୨୭ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଦିଲ୍ଲୀ କ୍ୟାପିଟାଲ୍‌ସ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆସନ୍ତା ସଂସ୍କରଣ ପାଇଁ ଦିଲ୍ଲୀ କ୍ୟାପିଟାଲ୍‌ସ ଦଳରେ ସାମିଲ ହେବା ପାଇଁ ମୁମ୍ବଇର ୪ ଜଣ କ୍ରିକେଟର ଟ୍ରାଏଲ୍‌ସ ଦେଇଛନ୍ତି। ସେମାନେ ହେଲେ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ଆୟୁଷ ବର୍ତ୍ତକ, ବ୍ୟାଟ୍‌ସମ୍ୟାନ ଆୟାଜ ଖାଁ, ଓପ୍‌ନର ଦିବ୍ୟାଂଶ ସାକ୍ସେନା ଓ ଲେଗ୍‌ସ୍ପିନର ବେଦାନ୍ତ ଗୋରେ। ତିନି ପୂର୍ବତନ ଭାରତୀୟ କ୍ରିକେଟର ସୌରଭ ଗାଙ୍ଗୁଲି, ଯୁବରାଜ ସିଂହ ଓ ଅମିତ ମିଶ୍ର ଏହି ଟ୍ରାଏଲ୍‌ସ ପରିଚାଳନା କରୁଛନ୍ତି। ଗାଙ୍ଗୁଲି ଆସନ୍ତା ସଂସ୍କରଣ ପାଇଁ ଦିଲ୍ଲୀ କ୍ୟାପିଟାଲ୍‌ସର ମୁଖ୍ୟ ପ୍ରଶିକ୍ଷକ, ଯୁବରାଜ ବ୍ୟାଟିଂ ପ୍ରଶିକ୍ଷକ ଓ ଅମିତ ବୋଲିଂ ପ୍ରଶିକ୍ଷକ ହେବେ। ଗତବର୍ଷ ବିସିସିଆଇ ୨୩ ବର୍ଷରୁ କମ୍ କ୍ରିକେଟ୍‌ରେ ଆୟାଜ୍ ଖାଁ ସାରାଦେଶରେ ସର୍ବାଧିକ ବ୍ୟାଟିଂ ଆଭ୍‌ରେଜ ୨୦୪ ହାସଲ କରିଥିଲେ। ସେ ଗୋଆ ବିପକ୍ଷ ମ୍ୟାଚ୍‌ରେ ୫୪ ବଲ୍‌ରୁ ୮ଟି ଲେଖାଏଁ ଛକା ଓ ଚୌକା ସହ ୧୦୪ ରନ୍ କରିଥିଲେ। ମୁମ୍ବଇ ଟି୨୦ ଲିଗ୍‌ରେ ମଧ୍ୟ ଆୟାଜ୍ ଭଲ ପ୍ରଦର୍ଶନ କରିଥିଲେ। ଦିବ୍ୟାଂଶ ଏହି ଟୁର୍ଣ୍ଣାମେଣ୍ଟରେ ଅରେଞ୍ଜ୍ କ୍ୟାପ୍ ଜିତିଥିଲେ। ସେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ପାଇଁ ଖେଳିଛନ୍ତି। ଆୟୁଷ ବର୍ତ୍ତକ ଓ ବେଦାନ୍ତ ଗୋରେ ମଧ୍ୟ ମୁମ୍ବଇ ଟି୨୦ ଲିଗ୍ ସହ ବିସିସିଆଇ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା

# ବୁମ୍‌ରାଙ୍କ ସ୍ଥାନରେ ନବି ସାମିଲ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଅଗଷ୍ଟ ୧୫ରୁ ୧୯ ଏବଂ ୨୩ରୁ ୨୭; ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଦୁଇ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳା ଖେଳାଯିବ। ଏହି ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଆହତ ଅଛନ୍ତି। ତେଣୁ ତାଙ୍କୁ ଏହି ଶୃଙ୍ଖଳାରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଜାମ୍ମୁ-କାଶ୍ମୀରର ପେସ୍ ବୋଲର ଆକିବ୍ ନବିଙ୍କୁ ଭାରତୀୟ ଦଳରେସ ସାମିଲ କରାଯାଇଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ଫର୍ମ ଦେଖାଇଥିବା ନବିଙ୍କୁ ଭାରତୀୟ ଦଳରେ ସ୍ଥାନ ଦିଆଯାଇ ପୁରସ୍କୃତ ଦିଆଯାଇଛି। ଗତ ୨ଟି ରଣଜୀ ଟ୍ରଫି ସଂସ୍କରଣରେ ଜାମ୍ମୁ-କାଶ୍ମୀର ପାଇଁ ଆକିବ୍ ନବି ମୋଟ ୧୦୪ଟି ୱିକେଟ୍ ନେଇଛନ୍ତି। ୨୦୨୫-୨୬ ରଣଜୀ ସଜନରେ ନବି ସାରାଦେଶରେ ସର୍ବାଧିକ ୬୦ଟି ୱିକେଟ୍ ନେଇଥିଲେ। ତାଙ୍କ ଆଭ୍‌ରେଜ ୧୨.୫୬ ଥିବା ବେଳେ ସେ ୭ ଥର ଗୋଟିଏ ଇନିଂସରେ ୫ଟି ୱିକେଟ୍ ନେଇଥିଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ ଜାମ୍ମୁ-କାଶ୍ମୀର ପ୍ରଥମଥର ରଣଜୀ ଟ୍ରଫି ଜିତି ଇତିହାସ ରଚନା କରିଥିଲା। ପ୍ରଥମଥର ନବିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ଯଦି ସେ ଭାରତ ପାଇଁ ଟେଷ୍ଟ ପଦାର୍ପଣ କରନ୍ତି; ଏପରି କରିବାରେ ସେ ଜାମ୍ମୁ-କାଶ୍ମୀରର ପ୍ରଥମ କ୍ରିକେଟର ହେବେ। କାର୍ଡିଫ୍‌ରେ ଇଂଲଣ୍ଡ ବିପକ୍ଷ ୨ୟ ଦିନିକିଆ ମ୍ୟାଚ୍ ଖେଳୁଥିବା ବେଳେ ଯଶପ୍ରୀତ ବୁମ୍‌ରା ଆହତ ହୋଇଥିଲେ। ବୁମ୍‌ରାଙ୍କ ସହ ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍‌ଡୀ ମଧ୍ୟ ଆହତ ହୋଇ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ଆକାଶ ଦୀପ ଦୀର୍ଘ ଦିନ ହେଲା ଆହତ ଅଛନ୍ତି। ବୁମ୍‌ରାଙ୍କ ଯିବା ପରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ଥିବା ତିନି ପେସ୍ ବୋଲର ହେଲେ ମହମ୍ମଦ ସିରାଜ୍, ପ୍ରସିଦ୍ଧ କୃଷ୍ଣ ଓ ଗୁରନୁର ବ୍ରାର। ବେଙ୍ଗାଲୁରୁସ୍ଥିତ



ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍‌ସକୁ ବୁମ୍‌ରା ଚିକିତ୍ସା ପାଇଁ ଯିବେ। ଭାରତୀୟ ଦଳ ମଙ୍ଗଳବାର ଶ୍ରୀଲଙ୍କା ଗସ୍ତରେ ଯିବ।

ଟୁର୍ ଡି ଫ୍ରାନ୍ସ ଫେମ୍‌ସରେ ରଚିଲେ ଇତିହାସ

# ହର୍ଷିତା ପ୍ରଥମ ଭାରତୀୟ ମହିଳା




ନୂଆଦିଲ୍ଲୀ,୩।୮ (ଏଜେନ୍ସି): ୧୯ ବର୍ଷୀୟା ଭାରତୀୟ ସାଇକ୍ଲିଷ୍ଟ ହର୍ଷିତା ଜାଖଡ଼ ପ୍ରସିଦ୍ଧ 'ଟୁର୍ ଡି ଫ୍ରାନ୍ସ ଫେମ୍‌ସ'ରେ ଅଂଶଗ୍ରହଣ କରି ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଛନ୍ତି। ରାଜସ୍ଥାନର ବାସିନ୍ଦା ହର୍ଷିତା ୟୁନିଅନ୍ ସାଇକ୍ଲିଷ୍ଟ ଆନ୍ତର୍ଜାତୀୟ (ୟୁସିଆଇ) ଦ୍ୱାରା ମନୋନୀତ ହୋଇ ଅନ୍ୟ ୭ ଜଣ ଆନ୍ତର୍ଜାତୀୟ ଯୁବ ସାଇକ୍ଲିଷ୍ଟଙ୍କ ସହ ଷ୍ଟେଜ୍-୨ର ଆନୁଷ୍ଠାନିକ ଶୁଭାରମ୍ଭ ସମୟରେ ୪.୫ କିଲୋମିଟର ଟ୍ରାକ୍‌ରେ ସାଇକେଲ୍ ଚାଳନା କରିଥିଲେ। ସାଇ ସିଏଫ୍‌ଆଇ ଜାତୀୟ ଉତ୍କର୍ଷ କେନ୍ଦ୍ର, ପଟିଆଲାରେ ନିଜ ପିତା ତଥା ପୂର୍ବତନ କମନୱେଲ୍‌ଥ ଗେମ୍ସ ସାଇକ୍ଲିଷ୍ଟ ରାକେଶ ଜାଖଡ଼ଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଛନ୍ତି। ୟୁସିଆଇ ସଭାପତି ଡେଭିଡ୍ ଲାପାର୍ଟିଏଣ୍ଟ ହର୍ଷିତାଙ୍କ ଏହି ସଫଳତାକୁ ପ୍ରଶଂସା କରିଛନ୍ତି। ଆଗାମୀ ୨୦୨୬ ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ-୧୦ ମଧ୍ୟରେ ସ୍ଥାନ ପାଇବା ଏବଂ ୨୦୩୦ ଏସୀୟ କ୍ରୀଡ଼ାରେ ପଦକ ଜିତିବା ନେଇ ହର୍ଷିତା ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ସଫଳତା ଭାରତୀୟ ମହିଳା ସାଇକ୍ଲିଂ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

# ଦୁଲୀପ ଟ୍ରଫି; ଉତ୍ତରାଞ୍ଚଳ ଦଳରେ ଅର୍ଶଦୀପ ସିଂହ

ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଆସନ୍ତା ଅଗଷ୍ଟ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ ଟ୍ରଫି ପାଇଁ ନର୍ଥ ଜୋନ୍ (ଉତ୍ତରାଞ୍ଚଳ)ର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଭାରତୀୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଦଳକୁ ଫେରିଥିବା ବେଳେ ଜମ୍ମୁ-କାଶ୍ମୀରର ୱିକେଟକିପର-ବ୍ୟାଟର କହ୍ନେୟା ୱାଧୱାନ୍‌ଙ୍କୁ ଅଧିନାୟକ ଦାୟିତ୍ୱ ମିଳିଛି। ସଦ୍ୟ ସମାପ୍ତ ରଣଜୀ ଟ୍ରଫିରେ ଜମ୍ମୁ-କାଶ୍ମୀରର ଚାମ୍ପିଅନ ହେବା ପରେ ଦଳର ୬ ଜଣ ଖେଳାଳି ନର୍ଥ ଜୋନ୍ ଦଳରେ ସ୍ଥାନ ପାଇଛନ୍ତି। ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଉପ-ଅଧିନାୟକ ଭାବେ ମନୋନୀତ କରାଯାଇଛି। ଧଳା ବଲ୍ କ୍ରିକେଟ୍‌ରେ ସଫଳ ହୋଇଥିବା ଅର୍ଶଦୀପ ସିଂହଙ୍କୁ ଲାଲ୍ ବଲ୍ କ୍ରିକେଟ୍‌ରେ ନିଜ ଦକ୍ଷତା ପ୍ରମାଣ କରିବାର ନୂଆ ସୁଯୋଗ ମିଳିଛି। ଏହା ବ୍ୟତୀତ ହରିୟାଣାର ଅଂଶୁଲ କାମ୍ବୋଜ, ଦିଲ୍ଲୀର ଯଶ ଧୁଲ୍, ସନତ୍ ସାଙ୍ଗୱାନ୍ ଏବଂ ଅବଦୁଲ ସମଦଙ୍କ ଭଳି ପ୍ରତିଭାବାନ୍ ଖେଳାଳିମାନଙ୍କୁ ଦଳରେ ସାମିଲ କରାଯାଇଛି। ଆଗାମୀ ଟେଷ୍ଟ ସିରିଜ୍ ପାଇଁ ନ୍ୟାସନାଲ ସିଲେକ୍ଟରମାନଙ୍କ ନଜରରେ ରହିବାକୁ ଇଚ୍ଛୁକ ଯୁବ ଖେଳାଳିମାନଙ୍କ ପାଇଁ ଏହି ଦୁଲୀପ ଟ୍ରଫି ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସାବ୍ୟସ୍ତ ହେବ।

**ଉତ୍ତରାଞ୍ଚଳ ଦଳ:** କହ୍ନେୟା ୱାଧୱାନ୍ (ଅଧିନାୟକ), ଆୟୁଷ ବଦୋନୀ (ଉପ-ଅଧିନାୟକ), ସନତ୍ ସାଙ୍ଗୱାନ୍, କାମରାନ୍ ଇକବାଲ, ଯଶ ଧୁଲ୍, ଆୟୁଷ ଦୋସେଜା, ଅବଦୁଲ ସମଦ, ନିଶାନ୍ତ ସିନ୍ଧୁ, ଅର୍ଜୁନ ଶର୍ମା, ଆବିଦ୍ ମୁସ୍ତାକ, ଅର୍ଶଦୀପ ସିଂହ, ସୁନୀଲ କୁମାର, ଅଂଶୁଲ କାମ୍ବୋଜ, ଯୁଧବୀର ସିଂହ, ନିଖିଲ କାଶ୍ୟପ।

● ମ୍ୟାଚ୍ ଫିକ୍ସିଂ ଅଭିଯୋଗ

# ଆମେରିକାର ଅଖିଲେଶ ୮ ବର୍ଷ ବାସନ୍ଦ

ଦୁବାଇ,୩।୮ (ଏଜେନ୍ସି): ଭ୍ରଷ୍ଟାଚାର ନିରୋଧୀ ଆଇନ ଭଙ୍ଗ କରିବା ଅଭିଯୋଗରେ ଆମେରିକାର ୨୬ ବର୍ଷୀୟ କ୍ରିକେଟର ବୋଡୁଗୁମ୍ ଅଖିଲେଶ ରେଡ୍ଡୀ କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ଆନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ଅଖିଲେଶଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୮ ବର୍ଷ ପାଇଁ ବାସନ୍ଦ କରିଛି। ୨୦୨୫ ଆବୁଧାବି ଟି-୧୦ ଟୁର୍ଣ୍ଣାମେଣ୍ଟ ସମୟରେ ମ୍ୟାଚ୍ ଫିକ୍ସିଂ କରିବାକୁ ଉଦ୍ୟମ କରିବା, ସାଥୀ ଖେଳାଳିଙ୍କୁ ରନ୍ ଦେବା ପାଇଁ ପ୍ରଲୋଭିତ କରିବା ଏବଂ ତଦନ୍ତ ସମୟରେ ମୋବାଇଲ୍ ତଥ୍ୟ ନଷ୍ଟ କରିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି। ତିନି ଜଣିଆ ଆଇସିସି ଟ୍ରିବ୍ୟୁନାଲ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ୨୦୨୫ ନଭେମ୍ବର ୨୧ରୁ ଆଗୁଆ ଏହି ବାସନ୍ଦ ଆଦେଶ ଲାଗୁ କରାଯାଇଛି। ଆମେରିକା ପାଇଁ ୪ଟି ଆନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିବା ଅଖିଲେଶ ରେଡ୍ଡୀଙ୍କ କ୍ୟାରିୟର ଏହି କଡ଼ା ଦଣ୍ଡାଦେଶ ଯୋଗୁଁ ଗୁରୁତର ଭାବେ ପ୍ରଭାବିତ ହୋଇଛି। କ୍ରିକେଟ୍‌ରେ ସ୍ୱଚ୍ଛତା ଓ ଅନୁଶାସନ ବଜାୟ ରଖିବା ପାଇଁ ଆଇସିସିର ଏହି ନିଷ୍ପତ୍ତି ଏକ ବଡ଼ ସଙ୍କେତ ଦେଇଛି।

ଯୁବ ହକି-୫ଏ ସାଇଡ୍ ଏସିଆନ ଚାମ୍ପିଅନ୍‌ସିପ୍

# ଚାମ୍ପିଅନ ଦଳରେ ଆଶିଷ, ଅଭିଜିତ

ଭୁବନେଶ୍ୱର,୩।୮ (ସମିସ)



ଓମାନ ରାଜଧାନୀ ମସ୍କଟ୍‌ଠାରେ ନିକଟରେ ଶେଷ ହୋଇଥିବା ପୁରୁଷ ଯୁବ ହକି-୫ଏସ୍ ଏସୀୟ ଚାମ୍ପିଅନ୍‌ସିପ୍‌ରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିଅନ ହୋଇଛି। ଏହି ଟିମ୍‌ରେ ସାମିଲ ଥିବା 'ହକି ଏସ୍ ଫାଉଣ୍ଡେସନ୍' (ଏଚ୍‌ଏଏଫ୍)ର ଦୁଇ ସଦସ୍ୟ ଆଶିଷ ତାନି ପୂର୍ତ୍ତି ଏବଂ ଅଭିଜିତ୍ ହଜାରୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଟିମ୍ ଏହି ସଫଳତା ହାସଲ କରିଛି। ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ଉଦ୍ୟମରେ ପରିଚାଳିତ ଏଚ୍‌ଏଏଫ୍‌ର ଏହି ଦୁଇସଦସ୍ୟ ଅନ୍ତର୍ଜାତୀୟସ୍ତରରେ ପୁଣି ଥରେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ଚାମ୍ପିୟନସିପରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହ ଏଲିଟ୍ ପୁଲ୍‌ର ଶୀର୍ଷରେ ରହି ଭାରତୀୟ ଯୁବ ଦଳ ପ୍ରଥମ ଏଫ୍‌ଆଇଏଚ୍ ଯୁବ ହକି-୫ଏସ୍ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ନିଜର ସ୍ଥାନ ନିଶ୍ଚିତ କରିଛି। ଜାମସେଦପୁରସ୍ଥିତ ନାଭାଲ୍ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍‌ଏ)ର କ୍ୟାଡେଟ୍ ଆଶିଷ ତାନି ପୂର୍ତ୍ତି କ୍ରମାଗତ ଦ୍ୱିତୀୟ ଆନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ ଦଳରେ

# ଭାରତୀୟ ବଂଶୋଦ୍ଭବ ନୀଲ୍



ମେଲବୋର୍ଣ୍ଣ,୩।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଓପନିଂ ବ୍ୟାଟର ନୀଲ୍ ପଟେଲ୍ ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ମାସରେ ଭାରତ ଗସ୍ତରେ ଆସୁଥିବା ୧୬ ଜଣିଆ ଅଷ୍ଟ୍ରେଲିଆ ଦଳରେ ତାଙ୍କୁ ସାମିଲ କରାଯାଇଛି, ଯାହା ତାଙ୍କ କ୍ରିକେଟ୍ କ୍ୟାରିୟର ପାଇଁ ଏକ ବଡ଼ ସଫଳତା। ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ମଧ୍ୟରେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ଭାରତ ଗସ୍ତ କରି ରାଜକୋଟ୍ ଓ ଅହମ୍ମଦାବାଦଠାରେ ୩ଟି ଏକଦିବସୀୟ ଏବଂ ୨ଟି ଚାରିଦିନିଆ ମ୍ୟାଚ୍ ଖେଳିବ। ନ୍ୟୁ ସାଉଥ୍ ୱେଲ୍ସର ପ୍ରତିନିଧିତ୍ୱ କରୁଥିବା ୧୬ ବର୍ଷୀୟ ନୀଲ୍, ସିଡନୀ ପ୍ରିମିୟର କ୍ରିକେଟ୍‌ରେ ଗୋଟିଏ ବର୍ଷରେ ୧,୦୦୦ରୁ ଅଧିକ ରନ୍ ସଂଗ୍ରହ କରି ଚର୍ଚ୍ଚାକୁ ଆସିଥିଲେ। ଜଣେ ଧୈର୍ଯ୍ୟବାନ୍ ଓପନିଂ ବ୍ୟାଟର ହେବା ସହ ସେ ଅଫ୍-ସ୍ପିନ୍ ବୋଲିଂ ମଧ୍ୟ କରନ୍ତି। ନିଜର ପ୍ରତ୍ୟେକ ମ୍ୟାଚ୍‌ର ପ୍ରଦର୍ଶନକୁ ଡିଜିଟାଲ୍ ଡାଏରୀରେ ଲିପିବଦ୍ଧ କରି ସମୀକ୍ଷା କରିବା ତାଙ୍କର ଏକ ସ୍ୱତନ୍ତ୍ର ଅଭ୍ୟାସ। ଭାରତୀୟ ପରିବେଶ ଓ କଠିନ ପରିସ୍ଥିତିରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ବିରୋଧରେ ଖେଳିବା ନୀଲ୍‌ଙ୍କ ଭଳି ଯୁବ ପ୍ରତିଭାଙ୍କ ପାଇଁ ନିଜ ଦକ୍ଷତା ପ୍ରମାଣିତ କରିବାର ଏକ ସୁବର୍ଣ୍ଣ ସୁଯୋଗ ସାବ୍ୟସ୍ତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS